ବର୍ଷ-୨୪, ସଂଖ୍ୟା-୧୪୯
ଭୁବନେଶ୍ୱର
୨୬ ଜୁନ, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 149
Bhubaneswar
26 June, 2024, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଐତିହାସିକ ସଫଳତା

# ଏଥର ଭକ୍ତଙ୍କୁ ମିଳିବନି ମହାପ୍ରଭୁଙ୍କ ନବଯୌବନ ଦର୍ଶନ

ପୁରୀ, ୨୫।୬(ମହାଭାରତ): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ମଙ୍ଗଳବାର ଦିନ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଛତିଶା ନିଯୋଗ ବୈଠକରେ ହୋଇଥିବା ନିଷ୍ପତ୍ତିକୁ କାଏମ ରଖିବାକୁ ଏହି ବୈଠକରେ ନିଷ୍ପତ୍ତି ହୋଇଛି। ରଥଯାତ୍ରା ବ୍ୟବସ୍ଥାବଳି ଓ ନୀତି ନିର୍ଘଣ୍ଟକୁ ଅନୁମୋଦନ କରିଛି କମିଟି। ତେବେ ନୀତି ତ୍ୱରାନ୍ୱିତ କରିବାକୁ ନବଯୌବନ ଦର୍ଶନ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଯାତ୍ରା ଗୋଟିଏ ଦିନରେ ପଡୁଛି। ଭକ୍ତଙ୍କର ଭିଡ଼ କମ୍ କରିବା ପାଇଁ ନବଯୌବନ ଦର୍ଶନ ହେବ ନାହିଁ। ତେଣୁ ଭକ୍ତଙ୍କୁ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ମିଳିପାରିବ ନାହିଁ। ସେହିପରି ଭକ୍ତଙ୍କୁ ପହଣ୍ଡି ଟିକେଟ୍ ମଧ ମିଳିବ ନାହିଁ। ଏହାସହ ନୀତିର ଯଥେଷ୍ଟ ପୂର୍ବରୁ ସେବାୟତମାନେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି।



ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ରଥଯାତ୍ରା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ଉପରେ ମୋହର ଲାଗିଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଜୁଲାଇ ୭ତାରିଖ ଅପରାହ୍ନ ୫ଟାରେ ଟଣାଯିବ ରଥ। ଛତିଶା ନିଯୋଗ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି। ୫୩ ବର୍ଷ ପରେ ବିରଳ ସଂଯୋଗ ପଡ଼ିଛି। ୧୯୭୧ ପରେ ଗୋଟିଏ ଦିନରେ ପଡୁଛି ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ଯାତ୍ରା। ତେଣୁ ଏଥର ଦୁଇ ଦିନ ଧରି ରଥଟଣା ଯିବ। ଗୋଟିଏ ଦିନରେ ଶ୍ରୀଜୀଉଙ୍କ ଏକାଧିକ ନୀତି ପଡୁଥିବାରୁ ଜୁଲାଇ ୭ତାରିଖ ଅପରାହ୍ନରେ ରଥ ଟାଣିବାକୁ ନିଷ୍ପତ୍ତି କରିଛି ଶ୍ରୀମନ୍ଦିର ପରିଚାଳନା କମିଟି। ଏଥର ୧୫ ଦିନ ପରିବର୍ତ୍ତେ ୧୩ ଦିନ ଅଣସର ନୀତି ହେବ। ସେହିପରି ଦୁଇ ଦିନ ରଥଟଣା ପରେ ୧୫ଜୁଲାଇରେ ବାହୁଡ଼ା ଓ ୧୭ତାରିଖରେ ହେବ ଶ୍ରୀଜୀଉଙ୍କ ସୁନାବେଶ।

## ରାହୁଲ ବିରୋଧୀ ଦଳର ନେତା

**ନୂଆଦିଲ୍ଲୀ, ୨୫।୬(ଏଜେନ୍ସି):** ରାହୁଲ ଗାନ୍ଧି ଲୋକସଭାରେ ପ୍ରଥମଥର ପାଇଁ ବିରୋଧୀ ଦଳ ନେତା ଭାବେ ନିର୍ବାଚିତ ହୋଇଛନ୍ତି। ଫଳରେ ଲୋକସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାମ୍ନାରେ ରହି ଟକ୍କର ଦେବେ ରାହୁଲ। ରାହୁଲ ବିରୋଧୀ ଦଳର ନେତା ନିର୍ବାଚିତ ହୋଇଥିବା ଆଜି କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇଛି। ଏନେଇ କଂଗ୍ରେସ ସଂସଦୀୟ କମିଟି ଅଧ୍ୟକ୍ଷ ସୋନିଆ ଗାନ୍ଧି କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧିଙ୍କୁ ଲୋକସଭାରେ ବିରୋଧୀ ଦଳର ନେତା ଚୟନ କରାଯାଇଥିବା ସେ ଚିଠିରେ ଅବଗତ କରାଇଛନ୍ତି । କଂଗ୍ରେସ ୱର୍କିଂ କମିଟି ପକ୍ଷରୁ ରାହୁଲଙ୍କୁ ବିରୋଧୀ ଦଳର ନେତା କରିବାକୁ ଗୋଟିଏ ସଂକଳ୍ପ ପାରିତ ହୋଇଥିଲା। ରାହୁଲଙ୍କୁ ବିରୋଧୀ ଦଳ ନେତା ପଦ ସମ୍ଭାଳିବାକୁ କୁହାଯାଇଥିଲା। କେବଳ କଂଗ୍ରେସ ନୁହେଁ, ବିରୋଧୀ ମେଣ୍ଟରେ ଥିବା ସହଯୋଗୀ ଦଳଗୁଡ଼ିକ ମଧ୍ୟ ରାହୁଲଙ୍କୁ ବିରୋଧୀ ଦଳ ନେତା ହେବାକୁ ପ୍ରସ୍ତାବ ଦେଇଥିଲେ।

# ଲୋକସଭା ବାଚସ୍ପତି ପଦକ ପାଇଁ ନିର୍ବାଚନ

## ଏନ୍‌ଡିଏର ଓମ୍ ବିର୍ଲା ବନାମ ଇଣ୍ଡିଆ ମେଣ୍ଟର କେ ସୁରେଶ

ନୂଆଦିଲ୍ଲୀ, ୨୫।୬(ଏଜେନ୍ସି): ସ୍ୱାଧୀନତା ପରେ ପ୍ରଥମଥର ପାଇଁ ସମ୍ଭବତଃ ଲୋକସଭାର ବାଚସ୍ପତି ପଦ ପାଇଁ ନିର୍ବାଚନ ହେବାକୁ ଯାଉଛି। ବିଜେପି ନେତୃତ୍ୱାଧୀନ ଏନଡିଏ ଓମ ବିର୍ଲାଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ୮ ଥରର ସାଂସଦ କେ ସୁରେଶଙ୍କୁ ତାଙ୍କ ସାମ୍ନାରେ ରଖିଛି।



ଲୋକ ସଭା ବାଚସ୍ପତି ପଦକୁ ନେଇ ସହମତ ହୋଇ ନ ପାରିବା ପରେ ବିରୋଧୀ ଦଳ ନିଜ ଜିଦରେ ଅଟଳ ରହିଛନ୍ତି। ବାଚସ୍ପତି ପଦ ପାଇଁ ବିରୋଧୀ ନିଜ ପ୍ରାର୍ଥୀ ଘୋଷଣା କରିଛି। କେ. ସୁରେଶଙ୍କୁ ବିରୋଧୀ ଦଳର ବାଚସ୍ପତି ପଦ ପାଇଁ ପ୍ରାର୍ଥୀ କରାଯାଇଛି। ସେ ଏଥିପାଇଁ ନାମାଙ୍କନ ଭରିଛନ୍ତି। ଅନ୍ୟପକ୍ଷରେ ଓମ ବିର୍ଲା ଏନଡିଏ ପକ୍ଷରୁ ଲୋକ ସଭା ବାଚସ୍ପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି।

କଂଗ୍ରେସ ସାଧାରଣ ସମ୍ପାଦକ କେସି ଭେଣୁଗୋପାଲ କହିଛନ୍ତି ଯେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସହ ଆଲୋଚନା ପରେ ସହମତି ହୋଇପାରି ନାହିଁ। ଏଣୁ ବିରୋଧୀ ଦଳ ଲୋକ ସଭା ବାଚସ୍ପତି ନିର୍ବାଚନ ଲଢ଼ିବେ। ବିରୋଧୀ ଦଳକୁ ଉପ-ବାଚସ୍ପତି ପଦବୀ ଦେବାକୁ ସରକାର ଅନିଚ୍ଛା ପ୍ରକାଶ କରୁଥିବା ସେ ଅଭିଯୋଗ କରିଛନ୍ତି। ସେପଟେ ଡିଏମକେ ନେତା ଟିଆର ବାଲୁ ମଧ୍ୟ ରାଜନାଥ ସିଂହଙ୍କ କାର୍ଯ୍ୟାଳୟରୁ ବାହାରି ଲୋକ ସଭା ବାଚସ୍ପତି ପଦ ପାଇଁ ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇବାକୁ ମନା କରି ଦେଇଛନ୍ତିୟ।

କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧି କହିଛନ୍ତି ଯେ ବିରୋଧୀ ଦଳକୁ ଡେପୁଟି ସ୍ପିକର ପଦ ପ୍ରଦାନ କରିବାର ପରମ୍ପରା ରହିଛି। କିନ୍ତୁ ଏଯାଏ କୌଣସି କଲ୍ ଆସିନାହିଁ। ତେଣୁ ବିଜେପିର ଉଦ୍ଦେଶ୍ୟ ଆଦୌ ସ୍ୱଚ୍ଛ ନୁହେଁ, ପ୍ରକୃତରେ ମୋଦି କୌଣସି ସହମତି ଓ ସହଯୋଗ ଚାହୁଁନାହାଁନ୍ତି ବୋଲି ଏଥିରୁ ସ୍ପଷ୍ଟ ହୋଇଛି।

ବୁଧବାର ଲୋକ ସଭା ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ଶାସକ ଦଳ ଏବଂ ବିରୋଧୀଙ୍କ ସହମତି ଅନୁଯାୟୀ ବାଚସ୍ପତି ନିର୍ବାଚିତ ହେଉଥିଲେ। କିନ୍ତୁ ଏଥର ଏହି ପରମ୍ପରା ଭାଙ୍ଗିବାକୁ ଯାଉଥିବା ଜଣାପଡିଛି। ଅନ୍ୟପକ୍ଷରେ କଂଗ୍ରେସ କେ ସୁରେଶଙ୍କୁ ପ୍ରାର୍ଥୀ କରିବା ପରେ ବିରୋଧୀ ମେଣ୍ଟ ଇଣ୍ଡିଆର ସଦସ୍ୟ ଟିଏମସି ଅସନ୍ତୋଷ ପ୍ରକାଶ କରିଛି। କେ ସୁରେଶଙ୍କୁ କଂଗ୍ରେସ ପ୍ରାର୍ଥୀ କରିବା ଏକ ପାକ୍ଷିଆ ନିଷ୍ପତ୍ତି ବୋଲି ମମତା ବାନାର୍ଜୀଙ୍କ ଦଳ ଅଭିଯୋଗ କରିଛି।ତେବେ କଂଗ୍ରେସର କହିବା କଥା ଯେ ଶେଷ ମୁହୂର୍ତ୍ତରେ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ହୋଇଥିଲା। ମଧ୍ୟାହ୍ନ ଡେଡ ଲାଇନର ୧୦ ମିନିଟ ପୂର୍ବରୁ ସୁରେଶ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେଣୁ ଏ ସମ୍ପର୍କରେ ଇଣ୍ଡିଆ। ମେଣ୍ଟର ସଦସ୍ୟଙ୍କ ସହ ଆଲୋଚନା କରିବାର ସୁଯୋଗ ମିଳିନାହିଁ। ପ୍ରାର୍ଥୀପତ୍ର ଦାଖଲ ପରେ ସୁରେଶ ଟିଏମସି ସଦସ୍ୟମାନଙ୍କୁ ପାଖକୁ ଯାଇ ସମର୍ଥନ କାମନା କରିଛନ୍ତି। ଟିଏମସିର ସେକେଣ୍ଡ ଇନ କମାଣ୍ଡ ଅଭିଷେକ ବାନାର୍ଜୀଙ୍କ ସହ ରାହୁଲ ଗାନ୍ଧି ମଧ୍ୟ କଥା ହୋଇଛନ୍ତି। କ'ଣ ପାଇଁ ବିନା ଆଲୋଚନାରେ ସୁରେଶଙ୍କୁ ପ୍ରାର୍ଥୀ କରାଗଲା, ସେକଥା ରାହୁଲ ଗାନ୍ଧି ବିସ୍ତୃତ ଭାବେ ଅଭିଷେକଙ୍କୁ ବୁଝାଇଛନ୍ତି।।

# ଅଷ୍ଟ୍ରେଲିଆ ବିଦା : ସେମିରେ ଆଫଗାନିସ୍ତାନ

**କିଙ୍ଗସ୍‌ଟନ, ୨୫।୬(ଏଜେନ୍ସି):** ବିଶ୍ୱ ଚାମ୍ପିଅନ୍ ଅଷ୍ଟ୍ରେଲିଆର ସ୍ୱପ୍ନ ଧୂଳିସାତ୍। ଅଷ୍ଟ୍ରେଲିଆକୁ ବିଦା କରିଛି ଆଫଗାନିସ୍ତାନ। ସୁପର- ୮ର ରୋମାଞ୍ଚକର ମୁକାବିଲାରେ ବାଂଲାଦେଶ ଟିମକୁ ୮ ରନରେ ହରାଇବାରୁ ସେମି ଦୌଡ଼ରୁ ବାଦ୍ ପଡିଛି ଅଷ୍ଟ୍ରେଲିଆ। ଆସନ୍ତା ୨୭ ତାରିଖରେ ଦକ୍ଷିଣ ଆଫ୍ରିକା ସହିତ ସେମିରେ ଆଫଗାନିସ୍ତାନ ଓ ଇଂଲଣ୍ଡ ସହ ଭାରତର ହେବ ଟକ୍କର। ଯଦି ଏହି ମ୍ୟାଚରେ ବାଂଲାଦେଶ ଟିମ୍ ମ୍ୟାଚ୍ ଜିତିଥାନ୍ତା ତେବେ ଅଷ୍ଟ୍ରେଲିଆ ଟିମ୍ ରନ୍ ରେଟ୍ ହିସାବରେ ସେମିରେ ଏଣ୍ଟ୍ରି କରିଥାନ୍ତା। ହେଲେ ଆଫଗାନିସ୍ତାନ ଦଳ ବାଂଲା ଟିମକୁ ହରାଇ ଅଷ୍ଟ୍ରେଲିଆ ଆଶାକୁ ଆଶାରେ ରଖି ଦେଇଛି।



ଆଫଗାନିସ୍ତାନ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଫଗାନିସ୍ତାନ ଅଧିନାୟକ ହେଲେ ଏହି ନିଷ୍ପତ୍ତି ଦଳ ପାଇଁ ସେତେଟା ଉପଯୋଗୀ ସାବ୍ୟସ୍ତ ହୋଇନଥିଲା। ଦଳ ପ୍ରଥମ ୧୦ ଓଭରରେ ଭଲ ଆରମ୍ଭ କରିଥିଲେ ସୁଦ୍ଧା ଦଳ ବଡ଼ ସ୍କୋର କରିବାରେ ଫେଲ୍ ମାରିଥିଲା। ଦଳ ପକ୍ଷରୁ ଗୁର୍ବାଜ୍ ସର୍ବାଧିକ ୪୩ ରନ୍ କରିଥିବା ବେଳେ ବାକି ଅନ୍ୟ କୌଣସି ବ୍ୟାଟର ସେତେଟା ଆଖିଦୃଶିଆ। ସ୍କୋର କରିପାରିନଥିଲେ। ଶେଷରେ ଦଳ ମୋଟ ୨୦ ଓଭର ଖେଳି ୫ ୱିକେଟ୍ ହରାଇ ମାତ୍ର ୧୧୫ ରନ୍ କରିବାରେ ସକ୍ଷମ ହୋଇଥିଲା। ବାଂଲାଦେଶ ପକ୍ଷରୁ ରିସାଦ ହୁସେନ୍ ସର୍ବାଧିକ ୩ ଟି ଓ୍ୱିକେଟ୍ ନେଇଥିଲେ।

ତେବେ ୧୧୬ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିଲେ ବାଂଲା ବ୍ୟାଟର। ହେଲେ ମାତ୍ର ୧୬ ରନ୍ ପଡିଥିବା ପ୍ରଥମ ୱିକେଟ୍। ଆଉ ଏହାପରେ ବାଂଲା ବ୍ୟାଟରଙ୍କ ଉପରେ ନିଜର ପ୍ରଭାବ ପକାଇବା ଆରମ୍ଭ କରିଥିଲେ। ହେଲେ ଗୋଟିଏ ପଟେ ଓପନିଙ୍ଗ ଲିଟନ ଦାସ୍ କ୍ରିଜରେ ଜମି ରହିଥିଲେ। ମଧ୍ୟକ୍ରମରେ ରାସିଦ ଖାନ୍‌ଙ୍କ ଘାତକ ବୋଲିଂ ଏବଂ ଶେଷ ଓଭରରେ ନଭିନ୍ ଉଲ୍ ହକ୍‌ଙ୍କ ଚତୁର ବୋଲିଂ ଆଗରେ ହାର୍ ମାନିଥିଲେ ବାଂଲା ବ୍ୟାଟର। ଆଉ ୧୭.୫ ଓଭରରେ ମାତ୍ର ୧୦୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା ବାଂଲାଦେଶ ଟିମ୍ ।

## କେଜ୍ରିୱାଲଙ୍କୁ ଗିରଫ କରିପାରେ ସିବିଆଇ

**ନୂଆଦିଲ୍ଲୀ, ୨୫।୬(ଏଜେନ୍ସି):** ମଦ ଦୁର୍ନୀତି ଅଭିଯୋଗରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସିବିଆଇ ଗିରଫ କରିପାରେ। ଆସନ୍ତାକାଲି ସୁପ୍ରିମକୋର୍ଟରେ କେଜ୍ରିୱାଲଙ୍କ ଜାମିନ ଶୁଣାଣି ହେବାର ଥିବା ବେଳେ ସିବିଆଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ଅନୁମାନ କରଯାଉଛି। ମଙ୍ଗଳବାର ରାତିରେ ସିବିଆଇ ଗିରଫ କରିଥିବା ନେଇ ଚର୍ଚ୍ଚା ହୋଇଥିଲା। ଆଜି ସିବିଆଇ ଅବକାରୀ ନୀତି ମାମଲାରେ ତିହାର ଜେଲରେ କେଜ୍ରିୱାଲଙ୍କୁ ପଚରାଉଚରା କରିଥିଲା।

ଏହା ପୂର୍ବରୁ ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ କେଜ୍ରିୱାଲଙ୍କ ଜାମିନ ଉପରେ ଦିଲ୍ଲୀ ହାଇକୋର୍ଟ ନିଜର ରୋକ୍ ଜାରି ରଖିଥିଲେ। ଦିଲ୍ଲୀ ହାଇକୋର୍ଟ ଏହି ମାମଲାରେ ଏକ ବଡ ରାୟ ଦେଇଛନ୍ତି ଏବଂ କେଜ୍ରିୱାଲଙ୍କ ଜାମିନ ଉପରେ ପ୍ରତିବନ୍ଧକ ଜାରି ରଖିଛନ୍ତି। ଏହି ନିଷ୍ପତ୍ତି ପରେ କେଜ୍ରିୱାଲ ଏବେ ତିହାର ଜେଲରେ ରହିବେ। ଅରବିନ୍ଦ କେଜ୍ରିୱାଲଙ୍କ ଜାମିନ ଉପରେ କଟକଣା ଜାରି ରହିବ ବୋଲି କୋର୍ଟ ଆଜି ସ୍ପଷ୍ଟ କରିଥିଲେ। ତଳ କୋର୍ଟରେ କେଜ୍ରିୱାଲଙ୍କ ଜାମିନ ବିରୋଧରେ ଇଡି ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲା, ଯାହାର ଶୁଣାଣି ଶେଷ ନହେବା ପର୍ଯ୍ୟନ୍ତ ହାଇକୋର୍ଟ ଜାମିନ ନିଷେଧାଦେଶ ଜାରି ରଖିବାକୁ ନିଷ୍ପତ୍ତି ନେଇଥିଲେ।

ଦିଲ୍ଲୀ ହାଇକୋର୍ଟରେ ଜଷ୍ଟିସ ସୁଧୀର କୁମାର ଜୈନଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ମାମଲାର ଶୁଣାଣି କରି ରାୟ ଶୁଣାଇଛନ୍ତି। ଜୁନ୍ ୨୦ରେ କେଜ୍ରିୱାଲଙ୍କୁ ନିମ୍ନ ଅଦାଲତ ଜାମିନ ପ୍ରଦାନ କରିବା ପରେ ଇଡି ଜାମିନ ନିଷ୍ପତ୍ତି ବିରୋଧରେ ହାଇକୋର୍ଟରେ ପିଟିସନ୍ ଦାଖଲ କରି ଜାମିନ ରଦ୍ଦ କରିବାକୁ ଆବେଦନ କରିଥିଲା। ଜୁନ୍ ୨୧ରେ ଦିଲ୍ଲୀ ହାଇକୋର୍ଟ କେଜ୍ରିୱାଲଙ୍କ ଜାମିନ ଉପରେ ଅନ୍ତରୀଣ ରହିତାଦେଶ ଜାରି କରି ରାୟ ସଂରକ୍ଷିତ ରଖିଥିଲେ।

# ମନୋଜ ଆହୁଜା ହେବେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୨୫।୬(ମହାଭାରତ):** କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ୧୯୯୦ ବ୍ୟାଚର ବରିଷ୍ଠ ଆଇଏଏସ୍ ଅଫିସର ମନୋଜ କୁମାର ଆହୁଜା କେନ୍ଦ୍ରୀୟ ଡେପୁଟେସନ୍‌ରୁ ଓଡ଼ିଶା ଫେରୁଛନ୍ତି। ସେ ହୁଏତ ରାଜ୍ୟ ନୂତନ ମୁଖ୍ୟ ଶାସନ ସଚିବ ପଦବୀରେ ଅବସ୍ଥାପିତ ହେବେ।



ତାଙ୍କୁ ଓଡ଼ିଶା କ୍ୟାଡରକୁ ଫେରାଇ ଦେବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ଶ୍ରୀ ଆହୁଜା ଆସନ୍ତା ଡିସେମ୍ବର ମାସରେ ସରକାରୀ ଚାକିରୀରୁ ଅବସର ନେଉଛନ୍ତି। କିନ୍ତୁ ତାଙ୍କୁ ୬ ମାସ ପାଇଁ ରାଜ୍ୟ ସରକାର ଓଡ଼ିଶାକୁ ଫେରାଇ ଆଣିବା ପଛରେ ହୁଏତ ତାଙ୍କୁ ମୁଖ୍ୟ ଶାସନ ସଚିବ କରିବା ପାଇଁ ରାଜ୍ୟ ସରକାର ଚାହୁଁଛନ୍ତି।

ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ଥିବା ପ୍ରଦୀପ ଜେନାଙ୍କର କାର୍ଯ୍ୟକାଳ ଆସନ୍ତା ୩୦ ତାରିଖରେ ଶେଷ ହେବାକୁ ଯାଉଛି। ଶ୍ରୀ ଆହୁଜା ଏବେ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗର ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ କେନ୍ଦ୍ର କ୍ୟାବିନେଟ କମିଟି ଏହି ପ୍ରସ୍ତାବକୁ ଅନୁମତି ଦେଇଛନ୍ତି।

# ଟ୍ରାଫିକ ପୋଷ୍ଟରୁ ହଟିବ ରେଡ୍ ଲାଇଟ

ଭୁବନେଶ୍ୱର, ୨୫।୬(ମହାଭାରତ):ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ନୂଆ। ପରିକଳ୍ପନା। ଟ୍ୱିନ ସିଟି ହେବ ଟ୍ରିପଲ୍ ସିଟି। ଦ୍ୱୈତ ନଗରୀ କଟକ-ଭୁବନେଶ୍ୱର ସହ ଯୋଡ଼ି ହେବ ପୁରୀ। ବଢ଼ିବ ସହରର ଆକାର। ଏହା ଦ୍ୱାରା ଗମନାଗମନ ସୁବିଧା ସହ ଅର୍ଥନୈତିକ ଅଭିବୃଦ୍ଧି ହେବ। ଟ୍ରାଫିକ ପୋଷ୍ଟରୁ ହଟିବ ରେଡ ଲାଇଟ। ଲୋକଙ୍କୁ ଆଉ ଘଣ୍ଟା ଘଣ୍ଟା ଧରି ଟ୍ରାଫିକରେ ଅପେକ୍ଷା କରିବାକୁ ପଡ଼ିବନି। ଆଜି ବିଭାଗ ପକ୍ଷରୁ ଆୟୋଜିତ ସମୀକ୍ଷା ବୈଠକରେ ଏଭଳି କହିଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର।

ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଏଥିପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ।



ଓଭର ବ୍ରିଜ, ଆପ୍ରୋଚ ରୋଡ ପରି ବ୍ୟବସ୍ଥା କରାଯିବ। ଖୁବ୍ ଶୀଘ୍ର ଏ ନେଇ ବିଭାଗ ସ୍ତରୀୟ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ଏଣେ ମେଟ୍ରୋ ରେଳ ପ୍ରକଳ୍ପ ବନ୍ଦ ହେବନି ବୋଲି ବି ମନ୍ତ୍ରୀ କହିଛନ୍ତି। ଟ୍ୱିନ୍ ସିଟିରେ ଚାଲୁ ରହିବ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାମ। ବୋଲି କହିଲେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟ ବଜେଟ୍ ପରେ ଆବଶ୍ୟକ ପଡିଲେ କେନ୍ଦ୍ର ସରକାରଙ୍କ ସହଯୋଗ ନିଆଯିବ। ଡବଲ ଇଞ୍ଜିନ ସରକାର ନିଶ୍ଚିତ ଓଡ଼ିଶାକୁ ସହଯୋଗ କରିବେ କିଭଳି କାମ ତ୍ୱରାନିତ୍ୱ ହେବ, ଖୁବଶୀଘ୍ର ଆଲୋଚନା ହେବ।

ସେ କହିଛନ୍ତି, ଟ୍ୱିନ ସିଟିକୁ ଯଦି ଆମେ ପୁରୀକୁ ଯୋଡ଼ି ପାରିବା, ତା'ହେଲେ ଏହା ଏମିତି ଏକ ସିଟି ହେବ, ଯାହା ବିଶ୍ୱରରେ ୧ ନମ୍ବର ହୋଇପାରିବ। ସେହିଭଳି ସିଟି ପାଇଁ ପରିକଳ୍ପନା କରାଯାଉଛି। ପୁରୀକୁ ଭବିଷ୍ୟତରେ ମେଟ୍ରୋ କରାଯାଇପାରେ। ଆହୁରି ବହୁତ କଥା କରାଯାଇପାରିବ। ସହରଗୁଡ଼ିକର ଯଦି ଉନ୍ନତି ନହେବ, ଟ୍ରାଫିକ୍ ଜାମ୍ ରହୁଥିବ, ପାଣି ଜମା ହେଉଥିବ, ନାଳ ପାଣି ରାସ୍ତାରେ ଯାଉଥିବ ତା'ହେଲେ ଲୋକେ ସମସ୍ୟାର ସମ୍ମୁଖୀନ ହେବେ। ଏ ସବୁ ପରିସ୍ଥିତି ଯେମିତି ଆଗକୁ ସୃଷ୍ଟି ନହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ବିଶେଷ ଭାବେ ଆଜି ବୈଠକରେ ଆଲୋଚନା ହୋଇଥିଲା।

ଏଥିସହ ଅଫିସରଙ୍କୁ ତାଗିଦ୍ କରିଛନ୍ତି ମନ୍ତ୍ରୀ। ସେ କହିଛନ୍ତି, କେବଳ ଅଫିସରେ ବସି ରୁହନ୍ତୁ ନାହିଁ, ଫିଲ୍ଡ ଭିଜିଟ କରନ୍ତୁ। ଦିନକୁ ଅନ୍ତତଃ ୩-୪ ଘଣ୍ଟା ୱାର୍ଡକୁ ଯାଆନ୍ତୁ। ଲୋକଙ୍କ ସମସ୍ୟା ବୁଝନ୍ତୁ। ଅଭିଯୋଗ ଶୁଣନ୍ତୁ। ଅଭିଯୋଗକୁ ଫାଇଲରେ ଚାପି ରଖନ୍ତୁ ନାହିଁ ବୋଲି କହିଛନ୍ତି ମନ୍ତ୍ରୀ। ଭୁବନେଶ୍ୱର ଇସ୍କନ ପାଖରେ ସବୁବେଳେ ଅଳ୍ପ ବର୍ଷାରେ ପାଣି ଜମୁଛି। କେଉଁ କାରଣରୁ ସେ ସମସ୍ୟା ଉପୁଜିଛି, ତା'ର କିଭଳି ସମାଧାନ ହୋଇପାରିବ, ସେଥିପ୍ରତି ନଜର ଦେବାକୁ ମନ୍ତ୍ରୀ କହିଛନ୍ତି।

# ଲୋକସଭାରେ ଓଡିଆ ସାଂସଦଙ୍କ ଶପଥ ଗ୍ରହଣ

ନୂଆଦିଲ୍ଲୀ, ୨୫।୬(ମହାଭାରତ): ସାଂସଦ ଭାବେ ଲୋକସଭାରେ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି ଓଡିଆ ସାଂସଦ। ଓଡିଶାର ସାଂସଦମାନେ ଆଜି ସଂସଦରେ ଶପଥ ଗ୍ରହଣ କରିଛନ୍ତି। ଗତକାଲି କାମଚଳା ବାଚସ୍ପତି ଭାବେ ପ୍ରଥମେ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଶପଥ ପାଠ କରାଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାପରେ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜୁଏଲ୍ ଓରାମ ଲୋକସଭାରେ ପ୍ରଥମେ ଶପଥ ଗ୍ରହଣ କରିଥିଲେ। ଏହାପରେ ଆଜି ଦ୍ୱିତୀୟ ଦିନରେ ବାକି ଥିବା ଓଡିଆ। ସାଂସଦ ଶପଥ ଗ୍ରହଣ କରିଛନ୍ତି। ତେବେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ ସଂସ୍କୃତ ଭାଷାରେ ଶପଥ ପାଠ କରିଥିବାବେଳେ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ସାନ୍ତାଳୀ ଭାଷାରେ ଶପଥ ଗ୍ରହଣ କରିଥିଲେ। ସେହିପରି ସାଂସଦ ମାଳବିକା ଦେବୀ ଏବଂ ପ୍ରଦୀପ ପାଣିଗ୍ରାହୀ ଇଂରାଜୀରେ ଶପଥ ପାଠ କରିଥିବାବେଳେ, ବାକି ସାଂସଦମାନେ ଓଡିଆରେ ଶପଥ ଗ୍ରହଣ କରିଥିଲେ। ତେବେ ଶପଥ ଗ୍ରହଣ ସମୟରେ ସାଂସଦମାନେ ଜୟ ଜଗନ୍ନାଥ କହି ଶପଥ ଗ୍ରହଣ କରୁଥିବା ଦେଖିବାକୁ ମିଳୁଥିଲା।



# ବବିଙ୍କ କ୍ୱାର୍ଟର୍ସ ଭଙ୍ଗା ନେଇ ବଢୁଛି ବିବାଦ

**ଭୁବନେଶ୍ୱର, ୨୫।୬(ମହାଭାରତ):** ଶାସନ ଗାଦିରେ ଥିବାବେଳେ ସରକାରୀ କ୍ୱାର୍ଟର୍ସକୁ ଆଲିଶାନ ବଙ୍ଗଳାରେ ପରିଣତ କରିଥିବା ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଏବେ ବିବାଦରେ ପଡିଛନ୍ତି। କ୍ୱାର୍ଟର୍ସ ଭିତରେ ନିର୍ମାଣ ଭଙ୍ଗାକୁ ନେଇ ଭିନ୍ନ ଚର୍ଚ୍ଚା ହେଉଛି। କାହିଁକି ନିର୍ମାଣ ହୋଇଥିଲା ଏବଂ କାହିଁକି ଭଙ୍ଗାଯାଉଛି ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। ସେହି ଅବୈଧ ନିର୍ମାଣକୁ ଗତ ପ୍ରାୟ ୧୫ ଦିନ ହେଲା ମନମୁଖି ଭାବେ ଭାଙ୍ଗୁଥିବା ଅଭିଯୋଗ ହେବା ପରେ ସରକାରୀ କ୍ୱାର୍ଟର୍ସ ବୁଲି ଦେଖିଛନ୍ତି ଜିଏ ବିଭାଗର ୩ ଜଣ ଅଧିକାରୀ। ଏହାକୁ ରାଜନୀତି ଜୋର ଧରିଛି।

ଚର୍ଚ୍ଚା ଜୋର ଧରିବା ପରେ ବାସଭବନ ଭାଙ୍ଗିବା ନେଇ ଘଟଣା ଉପରେ ପ୍ରତିକ୍ରିୟା ପ୍ରକାଶ କରି ବବି କହିଛନ୍ତି, ଯେ ହେତୁ ସମ୍ପାଦକ ଥିଲି ଅନେକ ଲୋକ ଆସୁଥିଲେ । ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ବ୍ୟବସ୍ଥା ହୋଇଥିଲା। 'ଘର ଛାଡ଼ିବା ପାଇଁ ୧୫ ତାରିଖ ଯାଏ ସମୟ ଅଛି। ୧୫ ପୂର୍ବରୁ ନିୟମ ଅନୁସାରେ ଘର ଫେରାଇବି ବୋଲି ସେ କହିଛନ୍ତି ।

ଜିଏର ଜଣେ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି ଯେ କ୍ୱାର୍ଟର୍ସ ଭିତରର ସମସ୍ତ ଅଞ୍ଚଳ ବୁଲି ଦେଖିଲୁ। କ୍ୱାର୍ଟର୍ସର ମୂଳଭିତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ମୂଳଭିତିକୁ ଛାଡ଼ି ପରିସରରେ ଆଉ ୨ଟି ଷ୍ଟ୍ରକଚର ନିର୍ମାଣ ହୋଇଥିଲା। ୨ ହଜାର ବର୍ଗଫୁଟରେ ଷ୍ଟିଲ୍ ରେ ୨ଟି ବିଶାଳ ଷ୍ଟ୍ରକଚର ତିଆରି ହୋଇଥିଲା। ଗୋଟିଏ



ଷ୍ଟ୍ରକଚରରେ ବେସ୍ ମେଣ୍ଟକୁ ରାସ୍ତା ନିର୍ମାଣ ହୋଇଛି। ଆମେ ତଦାରଖ କରିବା ବେଳକୁ ଷ୍ଟ୍ରକଚର କାନ୍ଥ ଗୁଡ଼ିକୁ ଭଙ୍ଗା ଯାଇଛି। ଅନ୍ୟପକ୍ଷରେ କ୍ୱାର୍ଟର୍ସ ଭିତରେ ଅଧିକ ନିର୍ମାଣ ପାଇଁ ଅନୁମତି ମିଳିଥିଲା କି ପ୍ରଶ୍ନରେ ଉତ୍ତରରେ ଜିଏ ଅଧିକାରୀ କହିଛନ୍ତି ଯେ ରେକର୍ଡ ଦେଖିବା ପରେ ପ୍ରତିକ୍ରିୟା ଦିଆଯିବ। ଜିଏ ବିଭାଗରୁ ଅନୁମତି ନେଇନଥିଲେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

ଭୁବନେଶ୍ୱରସ୍ଥିତ ବବିଙ୍କ ସରକାରୀ ଆବାସ ଭିତରେ ଥିଲା ବିଶାଳ ଆଲିଶାନ୍ ବଙ୍ଗଳା। ସେଠି ଥିଲା ତିନି ମହଲା କୋଠା, ଅଣ୍ଡର ଗ୍ରାଉଣ୍ଡ ଘର, ସୁଇମିଂ ପୁଲ୍, ରୁଫ୍ ଟପ୍ କଟେଜ୍। ଆଉ ଏସବୁକୁ ଏବେ ଭାଙ୍ଗି ମାଟିରେ ମିଶା ଯାଉଛି। ଲୁଚି ଛପି କିଛି ବ୍ୟକ୍ତି ଏହି କ୍ୱାର୍ଟର୍ସ ଭିତରେ ହୋଇଥିବା ନିର୍ମାଣକୁ ଭାଙ୍ଗିବାରେ ଲାଗିଛନ୍ତି। ତେବେ କାହିଁକି ଓ କିଏ ଏହାକୁ ଭାଙ୍ଗୁଛି ସେଥିପାଇଁ କୌଣସି ସ୍ପଷ୍ଟ ସୂଚନା ମିଳିପାରିନି। କେଉଁ ଉଦ୍ଦେଶ୍ୟରେ ବବିଙ୍କ ସରକାରୀ ଘରେ ଏତେ ବଡ଼ ଆଲିଶାନ କୋଠା ନିର୍ମାଣ ହୋଇଥିଲା, ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ସରକାରୀ ଭାବେ ଖର୍ଚ୍ଚ ହୋଇଛି ମାତ୍ର ୯ ଲକ୍ଷ। ତେବେ କୋଟି କୋଟି ଟଙ୍କା କିଏ ଓ କେଉଁ ଉଦ୍ଦେଶ୍ୟରେ ନିର୍ମାଣ ପାଇଁ ଦେଲା କିଏ ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଜେଡି ସରକାର ଅମଳରେ ରାଜଭବନ ସମ୍ମୁଖସ୍ଥ ୟୁନିଟ-୬ ଅଂଚଳର ଭିଆଇଆଇଆଇ-ଏମଆର-୧ କ୍ୱାର୍ଟର୍ସକୁ ସାଧାରଣ ପ୍ରଶାସନ ବିଭାଗ ୨୦୧୯ ଜୁନ୍ ୧୯ତାରିଖରେ ଯାଜପୁରର ପୂର୍ବତନ ବିଧାୟକ ତଥା ବିଜେଡି ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ନାଁରେ ଆବଂଟନ କରିଥିଲା। ସେହିବର୍ଷ ଅଗଷ୍ଟ ୧୭ ତାରିଖରେ ପ୍ରଣବ ଉକ୍ତ କ୍ୱାର୍ଟରକୁ ନିଜ ଦଖଲକୁ ନେଇଥିଲେ। ତେବେ ୨୦୧୯ ସାଧାରଣ ନିର୍ବାଚନ ପରେ ମେ ମାସରେ ଆସିଥିବା ମହାବାତ୍ୟା ଫନିର ଫାଇଦା ଉଠାଇ ପ୍ରଣବପ୍ରକାଶ ତାଙ୍କୁ ଆବଂଟିତ କ୍ୱାର୍ଟର ଜାଗାକୁ ବେଆଇନ ଭାବେ ବଢ଼ାଇଥିଲେ।ସେହି କ୍ୱାର୍ଟରର ଦୁଇ ପାର୍ଶ୍ୱରେ ଥିବା ୨ଟି ସରକାରୀ କ୍ୱାର୍ଟର ଯଥା-ଭିଆଇଆଇଏମଆର-୨ ଏବଂ ଭିଆଇଆଇଆର-୧ର ପ୍ରାୟ ୪୦ ପ୍ରତିଶତ ପରିମିତ ଜାଗାକୁ ଆଣି ନିଜ କ୍ୱାର୍ଟର ସହ ମିଶାଇ ବିଶାଳ ପାଚେରୀ ନିର୍ମାଣ କରିଥିଲେ। ଯେପରି ଦୁଇପାର୍ଶ୍ୱରେ ଥିବା କ୍ୱାର୍ଟରର ଲୋକ ତାଙ୍କ କ୍ୱାର୍ଟର ଭିତରେ କଣ ଚାଲିଛି ତାହା ଦେଖିନପାରିବେ ଆଉ ଲୋକଙ୍କ ଆଢୁଆଳରେ ପ୍ରଣବ ବେଆଇନ ଭାବେ ହାତେଇଥିବା ଭିଆଇଆଆ-୧ କ୍ୱାର୍ଟରର ପ୍ରାୟ ୪୦ ପ୍ରତିଶତ ପରିମିତ ଜାଗାରେ ଏକ ଆଲିଶାନ୍ କୋଠା ନିର୍ମାଣ କରିଥିଲେ।

# ଲୋକାଭିମୁଖୀ ବଜେଟ୍ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, ୨୫।୬(ମହାଭାରତ): ଭୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ମଙ୍ଗଳବାର ଯୋଜନା ଓ ସଂଯୋଜନ ବିଭାଗର କାର୍ଯ୍ୟ ସମୀକ୍ଷା କରି ଏକ ଲୋକାଭିମୁଖୀ ବଜେଟ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ନୂଆ ସରକାରଙ୍କ ଉପରେ ଜନ ସାଧାରଣଙ୍କ ବହୁତ୍ ଆଶା ଆକାଂକ୍ଷା ଅଛି ବୋଲି ସେ ମତ ଦେବା ସହିତ ରାଜ୍ୟ ଯୋଜନା ବଜେଟ୍ ରେ ଏହା ପ୍ରତିଫଳିତ ହେବା ଆବଶ୍ୟକ ବୋଲି ସେ କହିଥିଲେ।

ଯୋଜନା ଗୁଡିକ ଯେପରି ତୃଣମୂଳ ସ୍ତରରେ ଠିକ୍ ଭାବରେ ପହଂଚିବ ଓ ଲୋକ ଏହାର ସୁଫଳ ପାଇବେ ସେ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ଖଣିଜ ପାଣ୍ଠିର ସୁବିନିଯୋଗ ଉପରେ ଗୁରୁତ୍ୱ ଦେଇ ଏହି ପାଣ୍ଠି ସହାୟତାରେ ଖଣି ଅଂଚଳର ଜିଲ୍ଲା ଗୁଡ଼ିକରେ ଟ୍ରମା କେୟାର ସେଂଟର ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଜିଲ୍ଲା ସ୍ଥିତ ମେଡିକାଲ କଲେଜ ଗୁଡ଼ିକରେ ଟ୍ରମା କେୟାର ସେଂଟର ପ୍ରତିଷ୍ଠା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଦଳର ସଂକଳ୍ପ ଅନୁଯାୟୀ ଉତର ଓଡ଼ିଶା ଉନ୍ନୟନ ପରିଷଦ ଓ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଗଠନ ପାଇଁ ଟାସ୍କ ଫୋର୍ସ ପ୍ରସ୍ତୁତ କରି ଅନୁଧ୍ୟାନ କରି ପ୍ରସ୍ତାବ ଦେବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

# ଆଳୁ ହାଲୁଆ

ଆବଶ୍ୟକୀୟ ସାମଗ୍ରୀ: ମାଛ, ଧଳା ସୋରିଷ, ନଡିଆ ପୋଆବଶ୍ୟକ ସାମଗ୍ରୀ: ଘିଅ - ୧୦୦ ଗ୍ରାମ, ଆଳୁ - ୫୫୦ ଗ୍ରାମ, କ୍ଷୀର - ୨୨୦ମି.ଲି, ଚିନି - ୧୪୦ ଗ୍ରାମ, ଅଳେଇଚ ପାଉଡର - ୧/୨ ଟେବୁଲ ଚାମଚ, ବାଦାମ - ୧୫ ଗ୍ରାମ, କାଜୁ

ପ୍ରସ୍ତୁତି ପ୍ରଣାଳୀ :

ପ୍ରଥମେ କଡାରେ ୧୦୦ ଗ୍ରାମ ଘିଅ ଗରମ କରନ୍ତୁ ୫୫୦ ଗ୍ରାମ ସିଝା ଏବଂ ଚକଟି ହୋଇଥିବା ଆଳୁ ପକାନ୍ତୁ ଏବଂ ଫ୍ରାଏ କରନ୍ତୁ ଯେତେ ପର୍ଯ୍ୟନ୍ତ ଏହା ଭଲ ଭାବରେ ଭାଜି ନ ହୋଇଛି । ଏହାକୁ ପ୍ରାୟ ୭-୮ ମିନିଟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଏଥିରେ ୨୨୦ ମିଲି କ୍ଷୀର, ୧୪୦ ଗ୍ରାମ ଚିନି, ୧/୨ ଟେବୁଲ ଚାମଚ ଅଳେଇଚ ପାଉଡର ପକାଇ ଭଲ ଭାବେ ମିକ୍ସ କରନ୍ତୁ । ହାଲୁଆକୁ ଲଗାତର ୫ରୁ୭ ମିନିଟ୍ ପର୍ଯ୍ୟନ୍ତ ଚଳାନ୍ତୁ । ଏଥିରେ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏବେ ଏଥିରେ ୧୫ ଗ୍ରାମ ବାଦାମ, ୧୫ ଗ୍ରାମ କାଜୁ ମିକ୍ସ କରନ୍ତୁ ଏବଂ ଏହାକୁ ଆଉ ଥରେ ୩ରୁ୫ ମିନିଟ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ଆପଣଙ୍କର ହାଲୁଆ ପ୍ରସ୍ତୁତ ହୋଇଯାଇଛି । ଏଥିରେ ଆପଣ ବାଦାମ ଏବଂ କାଜୁ ପକାଇ ଗାର୍ନିସ କରି ସର୍ଭ କରନ୍ତ



ଖବର

# ବିଗବସ ଓଟିଟି ୩କୁ ଆସିବା ପରେ ଟ୍ରୋଲ ହେଲେ ଅରମାନ





ବିଗବସ୍ ଓଟିଟି ୩ ଆରମ୍ଭ ହୋଇଯାଇଛି । ଏଥିରେ ଲୋକପ୍ରିୟ ଓ ବିବାଦୀୟ ୟୁଟ୍ୟୁବର ଅରମାନ ମଲିକ ବି ତାଙ୍କର ଦୁଇ ପତ୍ନୀ ପାୟଲ ଏବଂ କ୍ରିତିକାଙ୍କ ସହ ସାମିଲ ହୋଇଛନ୍ତ । ବିଗବସରେ ଅରମାନ, ପାୟଲ ଓ କ୍ରିତିକା ଆଗକୁ କେମିତି ଖେଳିବେ ତାହା ତ ସମୟ କହିବ । ନିକଟରେ ଏକ ଭିଡିଓ ଭାଇରାଲ ହୋଇଛି ଯେଉଁଥିରେ ସୋ'ର ଉପସ୍ଥାପକ ଅନିଲ କପୁର ଅରମାନଙ୍କ ଉଭୟ ସ୍ତ୍ରୀ ପାୟଲ ଓ କ୍ରିତିକାଙ୍କୁ ନେଇ କିଛି ପ୍ରଶ୍ନ ପଚାରିଥିଲେ । ଏଥିରେ ଅରମାନ ଦେଇଥିବା କିଛି ପ୍ରଶ୍ନର ଉତ୍ତରରେ ପାୟଲ ଖୁସି ନଥିବା ନଜରକୁ ଆସିଛି । ଏଥିସହିତ ଅରମାନ କ୍ରିତିକାଙ୍କୁ ବିଜୟୀ ଦେବା ଦେଖିବାକୁ ଚାହୁଁଥିବା ପ୍ରତିକ୍ରିୟା ଦେବାପରେ ପାୟଲ ନିରାଶ ହୋଇ ଯାଇଥିବା ସାମ୍ନାକୁ ଆସିଥିବା ଭିଡିଓ ଦେଖି ଅନୁମାନ କରାଯାଉଛି । ଏଥିସହିତ ବିଗବସ୍ ସିଜନ୍ ୧୫ର ପ୍ରତିଯୋଗୀ ଥିବା କରଣ କୁନ୍ଦ୍ରା ଅରମାନ ମଲିକଙ୍କୁ ପରିହାସ କରି କହିଛନ୍ତି, 'କିଛିଦିନ ଅପେକ୍ଷା କର ଆଗାମୀ ଦିନରେ ଆମକୁ କଲେଶ ଅଲଟ୍ରା ପ୍ରୋ ମ୍ୟାକ୍ସ ଦେଖିବାକୁ ମିଳିବ । ଆମେ ଜଣକଙ୍କୁ ସମ୍ଭାଳି ପାରୁ ନାହୁଁ ଆପଣ ଦୁଇଦୁଇଜଣ ପତ୍ନୀଙ୍କୁ କିଭଳି ସମ୍ଭାଳି ରଖିଛନ୍ତି । ଏହି କ୍ରମରେ ବିଗବସ ଓଟିଟି ୩ର ପ୍ରତିଯୋଗୀଙ୍କୁ ଦେଖିବା ପରେ ଟେଲିଭିଜନ ଅଭିନେତ୍ରୀ ଦେବୋଲିନା ଭଟାଚାର୍ଯ୍ୟ ପ୍ରତିକ୍ରିୟା ଦେଇ କହିଛନ୍ତି, 'ବିଗବସ କେଉଁଭଳି ମନୋରଞ୍ଜନ ରିୟଲିଟି ସୋ' ମୁଁ କିଛି ବୁଝି ପାରୁନାହିଁ । ଏଥିରେ ପ୍ରତିଯୋଗୀ ଭାବେ ଭାଗ ନେଇଥିବା ଅରମାନ ଓ ତାଙ୍କ ଦୁଇସ୍ତ୍ରୀ ପାୟଲ ଓ କ୍ରିତିକାଙ୍କ କାହାଣୀ ମୋତେ ମିଥ୍ୟା ଲାଗୁଛି । କୌଣସି ସ୍ତ୍ରୀ ଏତେ ସହଜରେ ସ୍ୱାମୀଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ ଗ୍ରହଣ କରି ପାରେ ନାହିଁ । ପୁଣି କ୍ରିତିକା କହୁଛନ୍ତି ଗୋଟିଏ ସପ୍ତାହ ମଧ୍ୟରେ ସେ ଅରମାନଙ୍କୁ ଭଲ ପାଇ ବିବାହ କରି ନେଇଥିଲେ । ଏହା ଏକ ମନ ଗଢ଼ା କାହାଣୀ ଭଳି ଲାଗୁଛି । ଯାହାକି ସମାଜ ଉପରେ ଖରାପ ପ୍ରଭାବ ପକାଉଛି ।

# ରାବିଡ଼ି ମାଲପୁଆ

ଆବଶ୍ୟକ ସାମଗ୍ରୀ: ମଇଦା, ଖୁଆ, କ୍ଷୀର, ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ବାଦାମ, କଟା ଆଲମଣ୍ଡ, ଚିନି, ପାନମଧୁରୀ ଓ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ରାବିଡ଼ି ତିଆରି କରିବା ପାଇଁ ଏକ ପ୍ୟାନରେ କ୍ଷୀର ଗରମ କରନ୍ତୁ । ଏହାକୁ ହାଲକା ଆଞ୍ଚରେ ଫୁଟାନ୍ତୁ । ଏବେ ଏଥିରେ ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ଏବଂ କଟା ଆଲମଣ୍ଡ ପକାଇ ଭଲ ଭାବେ ମିଶାଇ ଫୁଟାନ୍ତୁ । କ୍ଷୀର ମରି ରାବିଡ଼ି ବହଳିଆ ହୋଇଆସିଲେ ଏହାକୁ ଏକ ପାତ୍ରରେ ବାହାର କରି ଫ୍ରିଜରେ ଥଣ୍ଡା ହେବା ପାଇଁ ଘଣ୍ଟାଏ ଛାଡ଼ି ଦିଅନ୍ତୁ । ଏଥିପାଇଁ ପ୍ରଥମେ ଏକ ପାତ୍ରରେ ମଇଦା, ଖୁଆ, ଚିନି ଓ ପାନମଧୁରୀକୁ ମିଶାନ୍ତୁ । ଏଥିରେ ପାଣି ଗୋଳାଇ ଭଲ ଭାବେ ନରମ କରି ଚକଟି ଦିଅନ୍ତୁ । ଏହି ମିଶ୍ରଣରୁ ଛୋଟ ଛୋଟ ଗୋଳା ପ୍ରସ୍ତୁତ କରି ରୁଟି ବେଲିଲା ପରି ବେଲି ଦିଅନ୍ତୁ । ଏବେ ଏକ କଡ଼େଇରେ ଘିଅ କିମ୍ବା ତେଲ



ଗରମ କରି ସେଥିରେ ମାଲପୁଆଗୁଡ଼ିକୁ ପକାଇ ଛାଣନ୍ତୁ । ମାଲପୁଆର ରଙ୍ଗ ଗୋଲଡେନ୍ ରେଡ୍ ହେବା ଯାଏ କମ୍ ଆଞ୍ଚରେ ଛାଣନ୍ତୁ । ଛାଣିବା ପରେ ଏହାକୁ ଏକ ପ୍ଲେଟକୁ ବାହାର କରି ରଖନ୍ତୁ । ଶିରା ପ୍ରସ୍ତୁତ କରିବା ପାଇଁ ଚିନିରେ ଅଳ୍ପ ପାଣି ମିଶାନ୍ତୁ । ଏବେ ଏଥିରେ ଅଳ୍ପ କେସର ଏବଂ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ । ଏହାକୁ ଭଲଭାବେ ଫୁଟାନ୍ତୁ । ପ୍ରସ୍ତୁତ ହୋଇଗଲା ଶିରା । ବର୍ତ୍ତମାନ ଏହି ଶିରାରେ ମାଲପୁଆଗୁଡ଼ିକୁ ପକାନ୍ତୁ । ମାଲପୁଆ ନରମ ହୋଇଗଲେ ଏକ ପ୍ଲେଟକୁ କାଢ଼ି ଆଣନ୍ତୁ । ଏବେ ଏହା ଉପରେ ରାବିଡ଼ି ଢାଳନ୍ତୁ । କଟା ଆଲମଣ୍ଡ ଏବଂ କଟା ପେସ୍ତାରେ ଏହାକୁ ସଜାନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଯାଇଛି ଆପଣଙ୍କ ରାବିଡ଼ି ମାଲପୁଆ ।

# ନିୟମିତ ସପୁରୀ ଜୁସ୍ ପିଇଲେ ରହିବେ ଫିଟ୍

ଜଣେ ବ୍ୟକ୍ତି ସୁସ୍ଥ ରହିବାକୁ କଣ କଣ ନ କରେ । ସମସ୍ତ ପ୍ରକାରର ଉପାୟ ଆପଣାଏ । ବିଶେଷ କରି ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ୍ ଏବଂ ମିନେରାଲ୍ସ ଯାହା ଦରକାର, ତାହା ଶରୀରରେ କଦାପି ଅଭାବ ହେବା ଉଚିତ୍ ନୁହେଁ । ଶରୀରକୁ ଉପକାର କରୁଥିବା ଏହି ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନାପଲ ତଥା ସପୁରୀ ଜୁସ୍ । ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠାରୁ ଫାଇଦା । ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନ୍ ର ଏକମାତ୍ର ଖାଦ୍ୟ ଉତ୍ସ । ଶୀତଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ । ଏପରି



ପରିସ୍ଥିତିରେ, ଆମେ ଆପଣଙ୍କୁ ଏଠାରେ କହିବୁ ସପୁରୀ ଜୁସ୍ ପିଇବା ଦ୍ୱାରା କଣ ଫାଇଦା ମିଳେ ।

କେଉଁ ଭିଟାମିନ୍ ଏବଂ ମିନେରାଲ୍ସ ମିଳିଥାଏ ?

ସପୁରୀ ଜୁସରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ । ବ୍ରଣ ମୁକ୍ତ ହୁଏ- ଅନେକ ଲୋକ ଜାଣିପାରିବେ ନାହିଁ ଯେ ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ଦିଏ ଉଜ୍ଜ୍ୱଳ ତ୍ୱଚା ଫେରାଏ । ବୟସ ବଢ଼ିବା ସହିତ ଚର୍ମର ସତେଜ ରୁହେ ଏବଂ କୁଞ୍ଚନ ଦେଖାଯାଏ ନାହିଁ । ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ପିଅନ୍ତି । ତେବେ ଆପଣଙ୍କ ତ୍ୱଚାକୁ ସୁସ୍ଥ କୋମଳ ରଖିବ ।

ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିବ: ଅନେକ ଥର କୌଣସି ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପେଟ ଭାରୀ ହୋଇଯାଏ । ଏହା ପେଟକୁ ଯନ୍ତ୍ରଣା ଦିଏ । ଏହି ସମୟରେ ସପୁରୀ ଜୁସ କରି ପିଇବା ଦ୍ୱାରା ଆପଣଙ୍କୁ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଏଥିରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍ ସି ର ଏକ ସମୃଦ୍ଧ ଉତ୍ସ ଥାଏ । ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ । ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ ।

ପ୍ରତିରୋଧକ ଶକ୍ତି: ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ । ସେମାନଙ୍କର ପ୍ରତିରୋଧକ୍ଷମ ଶକ୍ତି ବୃଦ୍ଧି ହୁଏ । ଏହା ଅନେକ ରୋଗକୁ ମଧ୍ୟ ଲଢ଼ିଥାଏ ।

# ନର୍ମଦା ନଦୀକୁ ଶିବଙ୍କ ବରଦାନ



ପବିତ୍ର ନର୍ମଦା ନଦୀର ସୃଷ୍ଟିକୁ ନେଇ ଏକାଧିକ ମାନ୍ୟତା ରହିଛି । ଏହି ନଦୀ ଅସଂଖ୍ୟ ଲୋକଙ୍କ ଜୀବନଧାରା ପାଲଟିଛି । ନର୍ମଦାର ସୃଷ୍ଟି କାହାଣୀ ମଧ୍ୟ ବେଶ୍ ରୋଚକ । ନର୍ମଦା ନଦୀର ଜନ୍ମ ଏବଂ ପୃଥିବୀରେ ଅବତରଣକୁ ନେଇ ଏକାଧିକ ପୌରାଣିକ କାହାଣୀ ରହିଛି । ପ୍ରଥମ ମାନ୍ୟତା ଅନୁଯାୟୀ, ତପସ୍ୟାମଗ୍ନ ଥିଲାବେଳେ ଭଗବାନ ଶିବଙ୍କ ଶରୀରରୁ ବାହାରିଥିବା ଝାଳରୁ ନର୍ମଦା ନଦୀ ପ୍ରକଟ ହୋଇଥିଲେ । ନର୍ମଦା ନଦୀ ପ୍ରକଟ ହେବା ପରେ ନିଜର ଅପୂର୍ବ ସୌନ୍ଦର୍ଯ୍ୟ ମାଧ୍ୟମରେ ଏପରି ଚମତ୍କାର ଲୀଳା ପ୍ରଦର୍ଶନ କରିଥିଲେ ଯେ ଶିବ-ପାର୍ବତୀ ମଧ୍ୟ ଚକିତ ହୋଇଯାଇଥିଲେ । ପୌରାଣିକ ମାନ୍ୟତା ଅନୁଯାୟୀ ଏହି ନଦୀର ନାମକରଣ କରି ଶିବ କହିଥିଲେ ଯେ ଦେବୀ! ତୁମେ ଆମକୁ ସୁଖ ପ୍ରଦାନ କରିଛ, ତେଣୁ ତୁମ ନାମ ନର୍ମଦା ହେବ । 'ନର୍ମ'ର ଅର୍ଥ- ସୁଖ ଏବଂ 'ଦା'ର ଅର୍ଥ ପ୍ରଦାନକାରୀ । ନର୍ମଦାର ଅନ୍ୟ ନାମ ମଧ୍ୟ ରେଓ୍ୱା ।

ଅନ୍ୟ ଏକ ମାନ୍ୟତା ଅନୁଯାୟୀ, ମୈକଲ ପର୍ବତରେ ଭଗବାନ ଶଙ୍କର ଏକ ୧୨ ବର୍ଷର ଦିବ୍ୟ କନ୍ୟାକୁ ସୃଷ୍ଟି କରିଥିଲେ । ମହାରୂପବତୀ ହୋଇଥିବା କାରଣରୁ ବିଷ୍ଣୁ ଆଦି ଦେବଗଣ ଏହି କନ୍ୟାର ନାମକରଣ କରି 'ନର୍ମଦା' ରଖିଥିଲେ । ଦିବ୍ୟ କନ୍ୟା ନର୍ମଦା ଉତ୍ତରବାହିନୀ ଗଙ୍ଗା କୂଳରେ କାଶୀର ପଞ୍ଚକୋଶୀ କ୍ଷେତ୍ରରେ ୧୦ ହଜାର ବର୍ଷ ପର୍ଯ୍ୟନ୍ତ ତପସ୍ୟା କରିବା ପରେ ଶିବଙ୍କ ଠାରୁ ଏକ ବିଶେଷ ବରଦାନ ପାଇଥିଲେ । ଏହି ବରଦାନ ଅନ୍ୟ କୌଣସି ନଦୀ ନିକଟରେ ନଥିଲା ।

ଭଗବାନ ଶିବଙ୍କୁ ନର୍ମଦା ବର ମାଗିଥିଲେ ଯେ ପ୍ରଳୟ କାଳରେ ମଧ୍ୟ ମୋର ବିନାଶ ହେବ ନାହିଁ । ମୁଁ ବିଶ୍ୱରେ ପାପନାଶିନୀ ନଦୀ ରୂପରେ ପ୍ରସିଦ୍ଧି ଲାଭ କରିବି । ମୋ ଶଯ୍ୟାରେ ଥିବା ପ୍ରତ୍ୟେକ ପଥର ଶିବଲିଙ୍ଗ ରୂପରେ ବିନା ପ୍ରାଣପ୍ରତିଷ୍ଠାରେ ପୂଜା ପାଇବ । ମୋର ତଟରେ ଶିବ-ପାର୍ବତୀଙ୍କ ସମେତ ସମସ୍ତ ଦେବାଦେବୀ ବାସ କରିଥିଲେ । ଶିବ ମଧ୍ୟ ଏ ସମସ୍ତ ବରଦାନ ନର୍ମଦାଙ୍କୁ ପ୍ରଦାନ କରିଥିଲେ ।

ଏହି କାରଣରୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ନର୍ମଦା ନଦୀକୁ ଗଙ୍ଗାଙ୍କ ଭଳି ପବିତ୍ର ବୋଲି ବିବେଚନା କରାଯାଇଥାଏ । ସ୍କନ୍ଦ ପୁରାଣରେ ନର୍ମଦା ନଦୀର ଧରାବତରଣ ବିଷୟରେ ମଧ୍ୟ ଉଲ୍ଲେଖ ରହିଛି । ଥରେ ରାଜା ହିରଣ୍ୟତେଜା ୧୪ ହଜାର ଦିବ୍ୟ ବର୍ଷ ପର୍ଯ୍ୟନ୍ତ ତପସ୍ୟା କରିଥିଲେ । ଭଗବାନ ଶିବ ତାଙ୍କ ତପସ୍ୟା ଦ୍ୱାରା ପ୍ରସନ୍ନ ହୋଇ ଆବିର୍ଭାବ ହୋଇଥିଲେ । ଏହାପରେ ରାଜା ଭଗବାନଙ୍କୁ ନର୍ମଦା ନଦୀର ଧରାବତରଣ ପାଇଁ ବରଦାନ ମାଗିଥିଲେ । ଭଗବାନ ଶିବଙ୍କ ଆଦେଶକ୍ରମେ ନର୍ମଦା ନଦୀ କୁମ୍ଭୀର ଆସନରେ ବସି ଉଦୟାଚଳ ପର୍ବତ ଦେଇ ପ୍ରବାହିତ ହୋଇଥିଲେ ଏବଂ ଧୀରେ ଧୀରେ ପଶ୍ଚିମଦିଗକୁ ଗତି କରିଥିଲେ ।

# ଐଶାନ୍ୟରେ ଶ୍ରୀଗଣେଶ ମୂର୍ତ୍ତି ଶୁଭଦାୟକ

ଶ୍ରୀଗଣେଶଙ୍କୁ ବିଘ୍ନହର୍ତ୍ତା କୁହାଯାଇଥାଏ । ସେଥିପାଇଁ ଘରେ ବାହାରେ ଚାରିଆଡ଼େ ତାଙ୍କର ପୂଜା କରାଯାଇଥାଏ । ତେବେ ଘରକୁ ଶ୍ରୀଗଣେଶଙ୍କ ମୂର୍ତ୍ତି ଆଣିବା ପୂର୍ବରୁ କେତେକ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ ।



ସର୍ବପ୍ରଥମେ ଧ୍ୟାନ ଦେବା ଉଚିତ୍ ଯେ ଗଣେଶ ପ୍ରତିମାଙ୍କ ଶୁଣ୍ଢ ବାମ ଦିଗକୁ ମୋଡ଼ି ହୋଇ ରହିଥିବ । କାରଣ ଡାହାଣ ପାର୍ଶ୍ୱକୁ ମୋଡ଼ି ହୋଇ ରହିଥିବା ଗଣେଶ ପ୍ରତିମାର ଉପାସନା ଦ୍ୱାରା କାର୍ଯ୍ୟସିଦ୍ଧିରେ ବିଳମ୍ବ ହୋଇଥାଏ । ସେହିପରି ପ୍ରତିମାରେ ଶ୍ରୀଗଣେଶ ନିଜ ମୂଷିକ ବାହନରେ ରହିଥିବା ଉଚିତ୍ । ଏଥିସହିତ ତାଙ୍କ ହସ୍ତରେ ସମସ୍ତ ଶସ୍ତ୍ର- ଏକଦନ୍ତ, ଅଙ୍କୁଶ ଏବଂ ମୋଦକ ରହିଥିବା ଆବଶ୍ୟକ । ଗଣେଶଙ୍କ ଗୋଟିଏ ହସ୍ତ ବରଦାନ ମୁଦ୍ରାରେ ରହିଥିବା ଜରୁରୀ ।

ଏହି ରୂପରେ ଗଣେଶଙ୍କ ଆରାଧନା ଉଚିତ୍ ଫଳ ପ୍ରଦାନ କରିଥାଏ । ସନ୍ତାନ ସୁଖ ପ୍ରାପ୍ତି ନିମନ୍ତେ ଘରକୁ ଶିଶୁ ଗଣେଶଙ୍କ ପ୍ରତିମା ଆଣି ଗଣେଶ ଚତୁର୍ଥୀ ଦିନ ପ୍ରତିଷ୍ଠା କରିବା ସହିତ ନିୟମିତ ତାହାର ପୂଜା କରିବା ଆବଶ୍ୟକ । ଘରେ ଆନନ୍ଦ ଉତ୍ସାହରେ ବୃଦ୍ଧି ନିମନ୍ତେ ନୃତ୍ୟରତ ଶ୍ରୀଗଣେଶଙ୍କ ମୂର୍ତ୍ତି ଆଣି ସ୍ଥାପନ କରିବା ଆବଶ୍ୟକ ।

ଶୋଇଥିବା ଗଣେଶଙ୍କ ପ୍ରତିମା ଆଣି ଘରେ ସ୍ଥାପନ କଲେ ସୁଖସମୃଦ୍ଧିରେ ସ୍ଥାୟିତ୍ୱ ରହିବା ଉଚିତ୍ । ସିନ୍ଦୂର ରଙ୍ଗର ଗଣେଶଙ୍କ ପୂଜା ଦ୍ୱାରା ସମୃଦ୍ଧି ଲାଭ ହୋଇଥାଏ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗୃହର ବ୍ରହ୍ମ ସ୍ଥାନ(କେନ୍ଦ୍ରସ୍ଥଳୀ), ଐଶାନ୍ୟ କୋଣ ଏବଂ ପୂର୍ବଦିଗରେ ଶ୍ରୀଗଣେଶଙ୍କ ମୂର୍ତ୍ତି ସ୍ଥାପନ ଦ୍ୱାରା ସମସ୍ତ ଶୁଭ ହୋଇଥାଏ । ଗୋଟିଏ ସ୍ଥାନରେ ଏକାଧିକ କିମ୍ବା ସାମ୍ନାସାମ୍ନି ଦୁଇଟି ଗଣେଶ ପ୍ରତିମା ରଖିବା ଉଚିତ ନୁହେଁ । ଏହାଦ୍ୱାରା ଗୃହସ୍ଥଙ୍କ ବିଘ୍ନ ଘଟିଥାଏ ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



କୃଷି ଯୋଜନାର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂହ ଦେଓ

# ପିଏମ କିଷାନ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା



**ଭୁବନେଶ୍ୱର,୨୫।୬ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର କୃଷି ଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ସିଂହଦେଓ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ସହିତ କାର୍ଯ୍ୟକ୍ରମଗୁଡିକୁ ସମ୍ପ୍ରସାରିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବିଭିନ୍ନ ଯୋଜନାର ସମୀକ୍ଷା ଅବସରରେ ଉପ ମୁଖ୍ୟମନ୍ତ୍ରୀ ପିଏମ୍ କିଷାନ, ଡିଜିଟାଲ ଫସଲ ସର୍ଭେ ଏବଂ କୃଷି କ୍ଷେତ୍ରରେ ନୂତନ ସରକାରଙ୍କ ପ୍ରାଥମିକତା ତଥା ନିଆ ଯାଇଥିବା ପଦକ୍ଷେପ ବିଷୟରେ ସମୀକ୍ଷା କରିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏବଂ ବିଭାଗର ସମସ୍ତ ନିର୍ଦ୍ଦେଶକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଏହି ଅବସରରେ ଉପମନ୍ତ୍ରୀ ପ୍ରଭାବଶାଳୀ ପ୍ରଶାସନ ପାଇଁ ଜ୍ଞାନ ଆଦାନପ୍ରଦାନ (କେ-ଏସଇଏ) ଶୀର୍ଷକ ଇ-ପୁସ୍ତିକା ଉନ୍ମୋଚନ କରିଥିଲେ । ଏହି ପୁସ୍ତିକା ଯେପରି ବିଭାଗର ସମସ୍ତ ଅଧିକାରୀ ତଥା ଅନ୍ୟାନ୍ୟ ବିଭାଗ ନିକଟରେ ପହଂଚି ରେଫରେନ୍ସ ଓ ଅନୁଧ୍ୟାନ ପାଇଁ ଉପାଦେୟ ହୋଇପାରିବ ସେ ଦିଗରେ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ପ୍ରମୁଖ ଶାସନ ସଚିବ ଡ. ପାଢୀ ମନ୍ତ୍ରୀ ଓ ଉପସ୍ଥିତ ସମସ୍ତ ଅଧିକାରୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

ପ୍ରାରମ୍ଭରେ କୃଷି ବିଭାଗର ନିର୍ଦ୍ଦେଶକ ଉପ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ କାଳିଆ ଓ ପିଏମ୍ କିଷାନ ଯୋଜନାର ପୃଷ୍ଠଭୂମି ଓ ରୂପରେଖ ସମ୍ବନ୍ଧରେ ବିସ୍ତୃତ ଭାବେ ତଥ୍ୟ ପ୍ରଦାନ କରିଥିଲେ । ସେ ଉକ୍ତ ଯୋଜନାର ସବିଶେଷ ତଥ୍ୟ ଉପସ୍ଥାପନ ପୂର୍ବକ ଏହାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ । ପ୍ରମୁଖ ଶାସନ ସଚିବ ଏହି ଯୋଜନାର ପରିବର୍ଦ୍ଧିତ କାର୍ଯ୍ୟାନ୍ୱୟନ ନିମନ୍ତେ ବିଭିନ୍ନ ପ୍ରସ୍ତାବ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ମନ୍ତ୍ରୀଙ୍କ ନିଷ୍ପତି ଲୋଡ଼ିଥିଲେ । ମନ୍ତ୍ରୀ ବିଶୃଙ୍ଖଳିତ ତଥା ଦୋଷୀ ଅଧିକାରୀଙ୍କ ବିରୋଧରେ ନିଆ ଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପଚାରି ବୁଝିଥିଲେ । ଯୋଜନାଗୁଡିକର ସୁଫଳ ଲୋକଙ୍କ ପାଖରେ ପହଞ୍ଚିବା ଦରକାର ବୋଲି ଉଲ୍ଲେଖ କରି କୌଣସି ବିସଙ୍ଗତି ବା ଠକେଇ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ଡିଜିଟାଲ ଫସଲ ସର୍ବେକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା ଏବଂ ଏ ଦିଗରେ ନିର୍ଦ୍ଦେଶକ କୃଷକମାନଙ୍କୁ ବ୍ୟକ୍ତିଗତ ସେବା ପ୍ରଦାନରେ ସକ୍ଷମ କରାଇବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଖରିଫ-୨୦୨୩ ରେ ଡିଜିଟାଲ ଫସଲ ସର୍ବେକ୍ଷଣର ପାଇଲଟ ପର୍ଯ୍ୟାୟରେ ସଫଳତା ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା । ଡିଜିଟାଲ ଫସଲ ସର୍ବେକ୍ଷଣ ଖରିଫ-୨୦୨୩ରୁ ମିଳିଥିବା ଶିକ୍ଷା ଆଧାରରେ ଖରିଫ-୨୦୨୪ରେ ରାଜ୍ୟର ୩୦ଟି ଜିଲ୍ଲାରେ ଏହା କରାଯିବ । ଡିଜିଟାଲ ଫସଲ ସର୍ବେକ୍ଷଣ ପାଇଁ ଏକ ମୋବାଇଲ ଆପ୍ଲିକେସନ ଏବଂ ୱେବପୋର୍ଟାଲର ବିକାଶ ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

କୃଷି କ୍ଷେତ୍ର ପାଇଁ ନୂଆ ସରକାରଙ୍କ ପ୍ରାଥମିକତାକୁ ଉପମୁଖ୍ୟମନ୍ତ୍ରୀ ଗ୍ରହଣ କରିବା ସହ ସମୀକ୍ଷା ବୈଠକ ଆଗକୁ ବଢ଼ିଥିଲା । ଓଡ଼ିଶା ମିଲେଟ୍ ମିଶନ ସମେତ ବିଭାଗର ପ୍ରୟାସ ଯୋଗୁଁ ମିଳିଥିବା ସଫଳତାର କାହାଣୀ ସମ୍ପର୍କରେ ପ୍ରମୁଖ ଶାସନ ସଚିବ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

## ଶ୍ରମ କୋର୍ଡ଼ କୁ ବିରୋଧ କରିବ କେନ୍ଦ୍ରୀୟ ଶ୍ରମିକ ସଂଗଠନ

**ଭୁବନେଶ୍ୱର,୨୫।୬ (ମହାଭାରତ):** ସଂସଦରେ ଗୃହିତ ହୋଇଥିବା ଶ୍ରମ କୋର୍ଡ଼କୁ ଅତିଶୀଘ୍ର ଦେଶରେ କାର୍ଯ୍ୟକାରି କରାଯିବ ବୋଲି କେନ୍ଦ୍ର ସରକାରଙ୍କ ଶ୍ରମ ସଚିବ କହିଛନ୍ତି । ଏହାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ତରଫରୁ ଦୃଢ଼ ବିରୋଧ କରାଯିବ ବୋଲି ନିଷ୍ପତି ନିଆଯାଇଛି । ରାଜ୍ୟରେ ନୂଆ ସରକାରଙ୍କୁ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ଓ ଶ୍ରମିକମାନଙ୍କ ଲାଗି ଆର୍ଥିକ ବ୍ୟବସ୍ଥା କରିବା ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେସନ ସମୂହ ମାନଙ୍କର ଏକ ବୈଠକ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭାପତି ତଥା ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିବା ଲାଗି ନିଷ୍ପତି ହୋଇଛି । ଏହା ସହିତ ଆଗାମୀ ଜୁଲାଇ ୩ ତାରିଖରେ ଭବିଷ୍ୟନିଧି କାର୍ଯ୍ୟାଳୟ ଠାରେ ଶ୍ରମିକମାନଙ୍କର ଇପିଏଫ୍ ସଂପର୍କରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବ ଓ ବାଲେଶ୍ୱରରେ ଘଟିଥିବା ଗୋଷ୍ଠି ସଂଘର୍ଷ ଯୋଗୁଁ ଯେଉଁ ଅସ୍ଥିରତା ଦେଖାଦେଇଛି ତୁରନ୍ତ ଶାନ୍ତି ଫେରାଇ ଆଣିବା ଲାଗି ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯାଇଛି ।

ଏହି ବୈଠକରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସମ୍ପାଦକ-କିଶୋର ଜେନା, ଉପସଭାପତି-ମଦନ ମୋହନ ଧଳ, ଏ.ଆଇ.ଟି.ୟୁ.ସିର ସାଧାରଣ ସମ୍ପାଦକ-ବିଜୟ ଜେନା, ଭୁବନାନନ୍ଦ ମହାପାତ୍ର, ଦୁଷ୍ମନ୍ତ ଦାସ, ଏ.ଆଇ.ୟୁ.ଟି.ୟୁ.ସିର ସାଧାରଣ ସମ୍ପାଦକ -ଜୟସେନ ମେହେର, ନିରଞ୍ଜନ ମହାନ୍ତି, ମହେନ୍ଦ୍ର ପରିଡ଼ା ଓ ରାଧାକାନ୍ତ ସେଠୀ, ଜ୍ୟୋତିରଞ୍ଜନ ମହାପାତ୍ର, ବିରେନ୍ଦ୍ର ପ୍ରସାଦ ଦାସ ଓ ମନୋରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

## ଓଡ଼ିଶୀ ନୃତ୍ୟର ବିକାଶରେ ସଂଯୁକ୍ତା ପାଣିଗ୍ରାହୀଙ୍କ ଅବଦାନ ଅତୁଳନୀୟ

**ଭୁବନେଶ୍ୱର,୨୫।୬ (ମହାଭାରତ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ୨୭ତମ ପୁଣ୍ୟତିଥି ଭୁବନେଶ୍ୱର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣାକେନ୍ଦ୍ର ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ବନ୍ଦନା ଗାନ କଲାପରେ ଅନୁଷ୍ଠିତ ଉତ୍ସବରେ ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ବିଜୟ କୁମାର ସାହୁ, ଅମିତ୍ ପାତାଳସିଂହ, ଜୟ ଓଡ଼ିଶା ପକ୍ଷରୁ ସନ୍ତୋଷ ସେଠୀ, ସ୍ୱରାଜ ସୂତାର, ଜ୍ୟୋତିରଂଜନ ରାଉତ, ଅନୁଷ୍ଠାନର ବିଦ୍ୟାର୍ଥୀ ସତ୍ୟାନନ୍ଦ ମିଶ୍ର, ଜଳନ୍ଧର ନାୟକ, ସ୍ମୃତିରେଖା ପ୍ରତିହାରୀ, ଯଶମତୀ ହେମ୍ବ୍ରମ୍, ହୀରାରାଣୀ ଗୁରୁ, ଜ୍ୟୋତିରାଣୀ ନାୟକ, ଶୁଭଦର୍ଶିନୀ କୁଣ୍ଡୁ, ପ୍ରତୀକ୍ଷା ନନ୍ଦ, ସୂର୍ଯ୍ୟକାନ୍ତ ପ୍ରଧାନ ଓ ଗୁଲ୍ସନ୍ କୁମାର ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ଓଡ଼ିଶୀ ନୃତ୍ୟର ବିକାଶରେ ସଂଯୁକ୍ତା ପାଣିଗ୍ରାହୀଙ୍କର ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିବା ସହ ସୁରମଣି ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ସଂଗୀତ ଓ ସଂଯୁକ୍ତା ପାଣିଗ୍ରାହୀଙ୍କ ନୃତ୍ୟର ଯୁଗଳବନ୍ଦୀ ଓଡ଼ିଶାର କଳାସଂସ୍କୃତିକୁ ବିକଶିତ କରିଥିଲା । ସଂଯୁକ୍ତା ପାଣିଗ୍ରାହୀ ରାଜ୍ୟ ମଧ୍ୟରେ ଭାରତର ବିଭିନ୍ନ ପ୍ରଦେଶରେ ଓ ବିଦେଶରେ ଉଚ୍ଚକୋଟୀର ଓଡ଼ିଶୀ ନୃତ୍ୟ ପରିବେଷଣ କରି ଓଡ଼ିଶାର ସୁନାମକୁ ବିଶ୍ୱବିଦିତ କରିଥିଲେ ବୋଲି ଆଲୋକପାତ କରିଥିଲେ । ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନୁଜା ତାରିଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଏହାପରେ ବିଭାଗ ପକ୍ଷରୁ ଓଡ଼ିଶା ବିଧାନସଭା ସମ୍ମୁଖରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସର୍ବୋଦୟ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ଋଷିପ୍ରତିମ ନବକୃଷ୍ଣ ଚୌଧୁରୀଙ୍କ ୪୦ତମ ପୁଣ୍ୟତିଥି ଅବସରରେ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

# ବିଜେପି ପାଳିଲା କଳା ଦିବସ




**ଭୁବନେଶ୍ୱର,୨୫।୬ (ମହାଭାରତ):** ଦେଶରେ ଗଣତନ୍ତ୍ର ଓ ସମ୍ବିଧାନକୁ କଂଗ୍ରେସ ବାରମ୍ବାର ହତ୍ୟା କରିବାକୁ ଚେଷ୍ଟା କରିଛି । ୪୯ ବର୍ଷ ପୂର୍ବେ କଂଗ୍ରେସ ପକ୍ଷରୁ ଲଗାଯାଇଥିବା ଜରୁରୀକାଳୀନ ପରିସ୍ଥିତି ହେଉଛି ଏହାର ପ୍ରମୁଖ ଉଦାହରଣ । ୧୯୭୧ ନିର୍ବାଚନରେ ସେ ସରକାରୀକଳର ଅପବ୍ୟବହାର କରି ଇନ୍ଦିରା ଗାନ୍ଧୀ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରାଜ ନାରାୟଣଙ୍କୁ ପରାସ୍ତ କରିଥିଲେ ବୋଲି ଉଲ୍ଲେଖ କରି ଆହ୍ଲାବାଦ ହାଇକୋର୍ଟ ତାଙ୍କ ସଭ୍ୟପଦ ନାକଚ କରିଥିଲେ । ଏହି ସମୟରେ ନିଜକୁ ପ୍ରଧାନମନ୍ତ୍ରୀ ପଦରେ ବେଆଇନଭାବେ କାର୍ଯ୍ୟ କରିବା ପାଇଁ ଶ୍ରୀମତୀ ଗାନ୍ଧୀ ଅସାମ୍ବିଧାନିକଭାବେ ୩୫୬ ଧାରାର ପ୍ରୟୋଗ କରି ୧୯୭୫ରେ ଜରୁରିକାଳୀନ ପରିସ୍ଥିତ ଘୋଷଣା କରିଥିଲେ । ୨୧ମାସ ଧରି କଂଗ୍ରେସ ସରକାର ଭାରତରେ ସ୍ୱେଚ୍ଛାଚାରୀ ଶାସନ ଚଳାଇ ସମ୍ବିଧାନର ମୁଖବନ୍ଧକୁ ପରିବର୍ତନ କରିଦେଇଥିଲା । ଏହି ସମୟରେ ସମ୍ବିଧାନରେ ଉଲ୍ଲେଖ ଥିବା ବ୍ୟକ୍ତିର ସ୍ୱାଧୀନତା, ଗଣମାଧ୍ୟମରର ସ୍ୱାଧୀନତା, ନ୍ୟାୟପାଳିକାର ସ୍ୱତନ୍ତ୍ରତା ସମେତ ମୌଳିକ ଅଧିକାରକୁ ହତ୍ୟା କରି ଅଗଣତାନ୍ତ୍ରିକ ଭାବେ ଶାସନ କ୍ଷମତାକୁ ଅକ୍ତିଆର କରିବାର ପ୍ରୟାସ କରାଯାଇଥିଲା । ବିଶେଷ ଭାବେ ଗଣମାଧ୍ୟମ ଓ ଛାତ୍ର ଆନ୍ଦୋଳନକୁ ଅଗଣତାନ୍ତ୍ରିକ ଭାବେ ଦମନ କରାଯାଇଥିଲା । ଏହି ଜରୁରୀକାଳିନ ପରିସ୍ଥିତିକୁ ବିରୋଧ କରୁଥିବା ୩ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଣକଂଗ୍ରେସ ରାଜନୈତିକ ଦଳର ନେତା, ସତ୍ୟାଗ୍ରହୀ, ବୁଦ୍ଧିଜୀବୀ ଏବଂ ପତ୍ରକାରମାନଙ୍କୁ "ମିଶା ଆଇନ" ବଳରେ ୧୨୦୦ରୁ ଊର୍ଦ୍ଧ୍ୱ ସତ୍ୟାଗ୍ରହୀ ଏବଂ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ର, ଯୁବ ଓ ରାଜନେତାଙ୍କୁ ଗିରଫ କରାଯାଇ ଜେଲରେ ଭର୍ତି କରିଦିଆଯାଇଥିଲା । ସମ୍ବିଧାନକୁ ହତ୍ୟା କରିଥିବା ପାପୀମାନେ ଏବେ ସମ୍ବିଧାନ ରକ୍ଷାର ଫମ୍ପା ସ୍ଲୋଗାନ ଦେଉଛନ୍ତି । ସ୍ୱାଧିନତା ପରବର୍ତୀ ଭାରତ ବର୍ଷର ଇତିହାସରେ ଜରୁରୀକାଳିନ ପରିସ୍ଥିତ ଏକ "ଅଲିଭା କଳାଦାଗ" ବୋଲି ମୁଖ୍ୟ ଅତିଥି ତଥା ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁର କହିଛନ୍ତି ।

ଅତୀତରେ ଓଡ଼ିଶାର ବିକାଶ ପାଇଁ ଅର୍ଥର ଆବଶ୍ୟକତା ଥିଲାବେଳେ ତତ୍ ?କାଳୀନ କଂଗ୍ରେସ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓଡ଼ିଶା ବିରୋଧି ମାନସିକତାର ପରିଚୟ ଦେଇ "ଟଙ୍କା ଗଛରେ ଫଳେ ନାହିଁ" ବୋଲି କହିଥିଲେ । ଅପରପକ୍ଷେ ମୋଦି ସରକାର ଓଡ଼ିଶାବାସୀଙ୍କୁ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଅନେକ ଓଡ଼ିଆ ପ୍ରତିଭାମାନଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି । ଓଡ଼ିଶାର ଝିଅ ଆଜି ଭାରତର ସର୍ବପ୍ରଥମ ନାଗରିକ । ମନ୍ତ୍ରୀମଣ୍ଡଳରେ ଓଡ଼ିଆଙ୍କୁ ସର୍ବଦା ଗୁରୁତ୍ୱ ଦିଆଯିବା ସହ ଭାରତର ବିଭିନ୍ନ ବିଭାଗରେ ଓଡ଼ିଆକୁ ସର୍ବୋଚ ପଦବୀରେ ଅବସ୍ଥାପିତ କରାଯାଇଛି । ଓଡ଼ିଶାର ବିକାଶକୁ ବିଜେପି ଗୁରୁତ୍ୱ ଦେଉଥିବାବେଳେ କଂଗ୍ରେସ ତାହା ସହିପାରୁନାହିଁ ବୋଲି ପୂର୍ବତନ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।

ଗଣତନ୍ତ୍ରର ମୂଲ୍ୟବୋଧକୁ ଯୁବପିଢ଼ୀମାନଙ୍କ ଭିତରେ ଉଜ୍ଜିବୀତ ରଖିବା ପାଇଁ ବିଜେପି ପକ୍ଷରୁ ପ୍ରତିବର୍ଷ ଆଜିର ଏହି ଦିନକୁ "କଳା ଦିବସ" ଭାବେ ପାଳନ କରାଯାଉଛି ।

## ଖୋର୍ଦ୍ଧା ରୋଡରେ ରେଳ ଫ୍ଲାଏଓଭର ନିର୍ମାଣକୁ ରେଳ ମନ୍ତ୍ରଣାଳୟର ମଞ୍ଜୁରୀ

**ଭୁବନେଶ୍ୱର,୨୫।୬ (ମହାଭାରତ):** ଖୋର୍ଦ୍ଧା ରୋଡ ଷ୍ଟେସନରେ ବୃଦ୍ଧି ପାଉଥିବା ଟ୍ରେନ ଚଳାଚଳ ଏବଂ ଯାତାୟାତକୁ ଦୃଷ୍ଟିରେ ରଖି ପୂର୍ବ ତଟ ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି । ଟ୍ରେନ୍ ଚଳାଚଳକୁ ସୁଗମ କରିବା ଏବଂ ହାଓଡ଼ା-ଚେନ୍ନାଇ ମେନ୍ ଲାଇନ୍ ଏବଂ ଖୋର୍ଦ୍ଧା ରୋଡ୍-ପୁରୀ ଶାଖା ଲାଇନରେ ଟ୍ରେନ ବିଳମ୍ବକୁ ହ୍ରାସ କରିବା ପାଇଁ ପୂର୍ବତଟ ରେଳପଥ ଫ୍ଲାଏଓଭର ନିର୍ମାଣ ପାଇଁ ପୂର୍ବରୁ ପ୍ରସ୍ତାବ ଦେଇଥିଲା । ଭାରତୀୟ ରେଳବାଇର ଶକ୍ତି କରିଡର ଯୋଜନା ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ ବ୍ୟସ୍ତବହୁଳ ରେଳ ସେକ୍ସନରେ ଟ୍ରେନ୍ ଚଳାଚଳର ଦକ୍ଷତା ଏବଂ ଦକ୍ଷତା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ।

ପ୍ରସ୍ତାବିତ ଫ୍ଲାଏଓଭର, ଯାହାର ମୂଲ୍ୟ ୧୯୧.୮୭ କୋଟି ଟଙ୍କା ଆକଳନ କରାଯାଇଛି ତାହା ଖୋର୍ଦ୍ଧା ରୋଡ ଷ୍ଟେସନରେ ଟ୍ରାଫିକ ସମସ୍ୟା ନଡପୁଯାଇ ପୁରୀରୁ ଭୁବନେଶ୍ୱର ଯାତାୟାତ କରୁଥିବା ଟ୍ରେନ ମାନଙ୍କୁ ଡାଉନ ଲାଇନକୁ ସ୍ୱତନ୍ତ୍ର ଭାବେ ସଂଯୋଗ କରିବା କ୍ଷେତ୍ରରେ ଏକ ଉତ୍ସର୍ଗୀକୃତ ଭିତିଭୂମି ବୃଦ୍ଧିକରେଇ ଟ୍ରେନ ଟ୍ରାଫିକ ସମସ୍ୟାର ସମାଧାନ କରିବାକୁ ଲକ୍ଷ୍ୟ ରଖିଛି । ଉପଲବ୍ଧ ରେଳ ଜମି ମଧ୍ୟରେ କିମ୍ବା ଜମି ଅଧିଗ୍ରହଣର ଆବଶ୍ୟକତାକୁ କମ୍ କରାଇ ୭.୪୧ କିଲୋମିଟର ଲମ୍ବା ଫ୍ଲାଏ ଓଭର ନିର୍ମାଣ ହେବ ଯାହା ପ୍ରକଳ୍ପର ସୁଗମ କାର୍ଯ୍ୟକାରିତା ନିଶ୍ଚିତ କରିବ । ନୂତନ ଫ୍ଲାଏ ଓଭର ଉଭୟ ହାଓଡ଼ା-ଚେନ୍ନାଇ ମେନ୍ ଲାଇନ୍ ଏବଂ ଖୋର୍ଦ୍ଧା ରୋଡ୍-ପୁରୀ ଶାଖା ଲାଇନରେ ଟ୍ରେନର ହାରାହାରି ଗତି ଏବଂ କାର୍ଯ୍ୟକ୍ଷମତାକୁ ଉନ୍ନତ କରି କ୍ରସିଂ ଠାରେ ଗତିବିଧି କାରଣ ଜନିତ ବାଧାକୁ ଦୂର କରିବ । ଏହି ବ୍ୟସ୍ତବହୁଳ ଜଙ୍କସନକୁ ଆସୁଥିବା ଟ୍ରେନ୍ ଗୁଡିକର ଅପେକ୍ଷା ସମୟକୁ ଯଥେଷ୍ଟ ହ୍ରାସ କରି ମେନ୍ ଲାଇନ୍ ଟ୍ରେନ୍ ଗୁଡିକୁ ଖୋର୍ଦ୍ଧା ରୋଡ୍ ଷ୍ଟେସନରେ ବିଳମ୍ବିତ କିମ୍ବା ଅପେକ୍ଷାରେ ରଖାଯିବ ନାହିଁ ।

ବିଭିନ୍ନ ଟ୍ରେନ୍ ଗତିବିଧିକୁ ପରିଚାଳନା କରୁଥିବା ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ୍ ଏକ ପ୍ରମୁଖ ସଂଯୋଗ ସ୍ଥାନ ବା ଜଙ୍କ୍ସନ ଅଟେ । ଏହି ଫ୍ଲାଏ ଓଭର ନିର୍ମାଣ ଭୁବନେଶ୍ୱର-ବ୍ରହ୍ମପୁର ଏବଂ ଖୋର୍ଦ୍ଧା ରୋଡ-ପୁରୀ ରେଳ ସେକ୍ସନରେ ଟ୍ରେନର ଏକକାଳୀନ ଗତିବିଧିକୁ ସହଜ କରିବ । ପୁରୀ ଦିଗରୁ କ୍ରସ୍ ଟ୍ରାଫିକ୍ ଅନୁମତି ଦେବା ପାଇଁ ଖୋର୍ଦ୍ଧା ରୋଡରେ ଟ୍ରେନ୍ ଚଳାଚଳ ବନ୍ଦ କରିବାକୁ ପଡୁଥିଲା, ଯାହାଦ୍ୱାରା ବିଳମ୍ବ ଏବଂ ଟ୍ରେନ ଚଳାଚଳ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇଥିଲା ।

ଅସୁବିଧାଜନକ ଟ୍ରେନ୍ ଚଳାଚଳ ହ୍ରାସ କରାଇବା ଏବଂ କ୍ରସ୍-ମୁଭମେଂଟ ବନ୍ଦୋବସ୍ତକୁ ଦୂର କରି ଏହି ନୂତନ ରେଳ ଫ୍ଲାଏଓଭର ଯାତ୍ରୀମାନଙ୍କ ପାଇଁ ସମୁଦାୟ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବ ଏବଂ ଏହି ଅଂଚଳରେ ଭାରତୀୟ ରେଳବାଇର କାର୍ଯ୍ୟକ୍ଷମତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ବର୍ତମାନ ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଯେକୌଣସି ଟ୍ରେନ୍ ଖୋର୍ଦ୍ଧା ରୋଡ୍ ଜଙ୍କସନ ଷ୍ଟେସନରେ ପୃଷ୍ଠ ଭୂମିରେ କ୍ରସିଂ ପାଇଁ ସମସ୍ୟା ସୃଷ୍ଟି କରୁଛି । ଖୋର୍ଦ୍ଧା ରୋଡ଼ ଷ୍ଟେସନରେ ଟ୍ରେନ ଚଳାଚଳ କ୍ଷେତ୍ରରେ ଏହି ସୀମିତ ଖୋର୍ଦ୍ଧା ରୋଡ଼ ଠାରୁ ପାଲାସା ଏବଂ ପୁରୀରୁ ଭୁବନେଶ୍ୱର ଆଡକୁ ଟ୍ରେନର ଏକକାଳୀନ ଗତିକୁ ରୋକିଥାଏ । ଏହି ଫ୍ଲାଏ ଓଭର କାର୍ଯ୍ୟକ୍ଷମ ହେବା ପରେ ପୁରୀରୁ ଦକ୍ଷିଣ ଆଡକୁ ଟ୍ରେନର ଏକକାଳୀନ ଗତି ଏକତ୍ର ହୋଇପାରେ । ଫଳସ୍ୱରୂପ, ପୁରୀ ଏବଂ ଦକ୍ଷିଣରୁ ଭୁବନେଶ୍ୱର ଏବଂ ଭୁବନେଶ୍ୱରରୁ ଦକ୍ଷିଣ ଆଡକୁ ଯାତ୍ରୀମାନଙ୍କୁ ତିନି ପାର୍ଶ୍ୱରୁ ଟ୍ରେନ୍ ଚଳାଚଳ ପାଇଁ ଅଟକ ରଖାଯିବ ନାହିଁ ।

## ଓଡ଼ିଆ ଅସ୍ମିତାକୁ ବଜାୟ ରଖାଯିବ : ସୂର୍ଯ୍ୟବଂଶୀ ସୂରଜ

**ଭୁବନେଶ୍ୱର,୨୫।୬ (ମହାଭାରତ):** ଦୀର୍ଘ ୨୫ବର୍ଷର ଲଢେଇ ପରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ଓଡ଼ିଶାବାସୀଙ୍କ ଲଢେଇ ଏକ ନିର୍ଣ୍ଣାୟକ ମୋଡ଼ରେ ପହଂଚି ସାରିଛି । ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଓଡ଼ିଆ ଅସ୍ମିତାକୁ ବଂଚାଇ ରଖିବା ପାଇଁ ରାଜ୍ୟବାସୀ ନିର୍ଣ୍ଣୟ ନେଇସାରିଛନ୍ତି । ପ୍ରତିଟି ଓଡ଼ିଆର ସ୍ୱାଭିମାନ ଓ ସମ୍ମାନ କିଭଳି ବଂଚି ରହିବ ସେ ଦିଗରେ ମୁଁ ଓ ମୋ ସରକାର କାମ କରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

ଭୁବନେଶ୍ୱର ଠାରେ ରାଜ୍ୟ ନାଗରିକ ସମାଜ ତରଫରୁ ଆୟୋଜିତ ଏକ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇ ଶ୍ରୀ ସୂରଜ କହିଛନ୍ତି ଯେ, ଆଗାମୀ ୧୨ ବର୍ଷ ଭିତରେ ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ରୂପେ ଗଢି ତୋଳିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶାକୁ ଆଉ ଦାଦନ ରାଜ୍ୟ ବୋଲି ଯେପରି କୁହାନଯିବ, ତାର ବ୍ୟବସ୍ଥା ଆମକୁ କରିବାକୁ ପଡ଼ିବ ବୋଲି ସେ କହିବା ସହ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ଲଢିବା ପାଇଁ ଓ ଜଗନ୍ନାଥ ସଂସ୍କୃତିକୁ ବଞ୍ଚାଇବା ପାଇଁ ଆମେ ସଂକଳ୍ପ ନେଇଛୁ ବୋଲି କହିଥିଲେ । ରାଜ୍ୟ ନାଗରିକ ସମାଜର ଅଧ୍ୟକ୍ଷ ପ୍ରକାଶ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ଯୋଗଦେଇ ବିଶିଷ୍ଟ ଗାନ୍ଧିବାଦୀ ତଥା କେନ୍ଦ୍ରୀୟ ନିର୍ବାଚନ ଆୟୋଗଙ୍କ ପୂର୍ବତନ ପରାମର୍ଶଦାତା ଡଃ ଭଗବାନ ପ୍ରକାଶ, ଶୋଭନୀୟ ଆନ୍ଦୋଳନର ପରମ ପୂଜନୀୟା ଅରୁନ୍ଧତୀ ଦେବୀ, ଏନ୍‌ସିସି ଓଡ଼ିଶା ରାଜ୍ୟ ଶାଖା ନିର୍ଦ୍ଦେଶକ ସାଗର ମହାନ୍ତି, ଶିଳ୍ପପତି ପିୟୁଷ ମହାନ୍ତି, ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ଜାତୀୟ ଯୁବ ପ୍ରକଳ୍ପର ଆବାହକ ମଧୁସୂଦନ ଦାସ ପ୍ରମୁଖ ମନ୍ତ୍ରୀ ଶ୍ରୀ ସୂରଜଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ରାଜ୍ୟ ନାଗରିକ ସମାଜର ଅଧ୍ୟକ୍ଷ ପ୍ରକାଶ ରଥ ସୂର୍ଯ୍ୟବଂଶୀ ସୂରଜଙ୍କୁ ଆଗାମୀ ଆଶା ବୋଲି କହିବା ସହ ରାଜ୍ୟର ଯୁବସମାଜ ତାଙ୍କ ଠାରୁ ବହୁତ କିଛି ଆଶା କରୁଛନ୍ତି ବୋଲି ଶ୍ରୀ ରଥ କହିଥିଲେ । ଏହି ସମ୍ବର୍ଦ୍ଧନା ସମାରୋହରେ ରାଜ୍ୟର ବିଭିନ୍ନ ଗଣସଂଗଠନ, ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଓ ଯୁବଗୋଷ୍ଠୀ ପ୍ରମୁଖ ଯୋଗ ଦେଇଥିଲେ ।

## ସାମସଙ୍ଗ ପକ୍ଷରୁ ମ୍ୟୁଜିକ ଫ୍ରେମର ବଜାର ପ୍ରବେଶ

**ଭୁବନେଶ୍ୱର,୨୫।୬ (ମହାଭାରତ):** ଭାରତର ସର୍ବବୃହତ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ସାମସଙ୍ଗ ପକ୍ଷରୁ ଏହାର ମ୍ୟୁଜିକ ଫ୍ରେମକୁ ଭାରତରେ ବଜାର ପ୍ରବେଶ କରାଯାଇଛି । ଏକ ୱେରଲେସ୍ ସ୍ପିକର ଯାହା ୱାର୍କ ଅଫ୍ ଆର୍ଟ ପରି ଦେଖାଯାଇଥାଏ । ମ୍ୟୁଜିକ ଫ୍ରେମ ନୂତନ ବୈଶିଷ୍ଟ୍ୟ ସହିତ ଆସିଛି । ଏଥିରେ ଡୋଲବି ଆଟମୋସ ଏବଂ ୱେରଲେସ୍ ମ୍ୟୁଜିକ ଷ୍ଟ୍ରିମିଂ ବୈଶିଷ୍ଟ୍ୟ ରହିଛି । ଏହାର ମୂଲ୍ୟ ୨୩,୯୯୦ ଟଙ୍କା ରହିଛି ।

ଏହି ଷ୍ଟାଇଲିସ ୱେରଲେସ୍ ସ୍ପିକର ଜୀବନ୍ତ ସ୍ଥାନଗୁଡିକରେ ନିରବଚ୍ଛିନ୍ନ ଭାବରେ ମିଶ୍ରିତ ହୁଏ ଯେପରି ଇମେଜ ଫ୍ରେମ ଭାବରେ ଦ୍ୱିଗୁଣିତ ହୁଏ । ରିୟଲ ଫ୍ରେମ ପରି, ସାମସଙ୍ଗ ମ୍ୟୁଜିକ ଫ୍ରେମ ଉପଭୋକ୍ତାମାନଙ୍କୁ ବ୍ୟକ୍ତିଗତ ଫଟୋ ପ୍ରଦର୍ଶନ କରିବାକୁ ଅନୁମତି ଦିଏ । ଏକ ମୂଲ୍ୟବାନ ସ୍ମୃତିର ଏକ ଫ୍ରେମ ହୋଇଥିବା ଫଟୋ କିମ୍ବା କଳାର ଏକ ଅଂଶ ଦେଖିବା ସମୟରେ ସଙ୍ଗୀତ ଶୁଣିବା ଉପଭୋକ୍ତାମାନଙ୍କ ଅଭିଜ୍ଞତାରେ ନୂତନସ୍ତରର ଗଭୀରତା ଯୋଗ କରିଥାଏ । ସାମସଙ୍ଗ ମ୍ୟୁଜିକ ଫ୍ରେମ ସାମସଙ୍ଗ.ଇନ ଏବଂ ଆମାଜନ.ଇନ ଏବଂ ଆଜିଠାରୁ ସିଲେକ୍ଟ ଅଫଲାଇନ ଷ୍ଟୋରରେ ଉପଲବ୍ଧ ହେବ । ଏହି ଅବସରରେ ସାମସଙ୍ଗ ଇଣ୍ଡିଆର ଭିଜୁଆଲ ଡିସପ୍ଲେ ବିଜନେସର ବରିଷ୍ଠ ଉପସଭାପତି ମୋହନଦୀପ ସିଂ କହିଲେ, ଆଧୁନିକ ଗ୍ରାହକମାନେ ଏଭଳି ଉତ୍ପାଦ ଖୋଜୁଛନ୍ତି ଯାହା କାର୍ଯ୍ୟକାରିତା ଏବଂ ସୌନ୍ଦର୍ଯ୍ୟ ସହିତ ଭିଜୁଆଲ ଦୃଷ୍ଟିରୁ ମଧ୍ୟ ବେଶ୍ ଉପଯୋଗୀ ହୋଇଥିବ । ଏହି ଧାରା ଉତ୍ପାଦଗୁଡିକ ବହୁବିଧ କାର୍ଯ୍ୟକାରିତା ଦ୍ୱାରା ପରିଚାଳିତ ହୋଇଥାଏ ଯାହା ସେମାନଙ୍କର ବ୍ୟକ୍ତିତ୍ୱ ଏବଂ ଶୈଳୀକୁ ପ୍ରତିଫଳିତ କରିଥାଏ ତଥା ସେମାନଙ୍କ ବାସସ୍ଥାନର ସାମଗ୍ରିକ ପରିବେଶକୁ ବୃଦ୍ଧି କରିବାକୁ ସକ୍ଷମ ହୋଇ ପାରିଥାଏ । ନୂତନ ମ୍ୟାଜିକ ଫ୍ରେମ ସିନେମାଟିକ ଅଡିଓ ଅଭିଜ୍ଞତା ପ୍ରଦାନ କରିବା ସହିତ ଏହାର ଅନନ୍ୟ, ଚମତ୍କାର ଡିଜାଇନ ସହିତ ଇମେଜ ଫ୍ରେମ ଆକାରରେ ଅଡିଓ ସୃଷ୍ଟି କରି ଅତୁଳନୀୟ ଟେକ୍ନୋଲୋଜିକୁ ଦର୍ଶାଇଥାଏ । ମ୍ୟୁଜିକ ଫ୍ରେମ ଉପଭୋକ୍ତାମାନଙ୍କୁ ୱେରଲେସ୍ ଶ୍ରବଣର ସୁବିଧା ପ୍ରଦାନ କରି ଉନ୍ନତ ଧ୍ୱନୀ ଉପଲବ୍ଧ କରାଇଥାଏ । ଯାହା ସମୃଦ୍ଧ, ସ୍ୱଚ୍ଛ ଅଡିଓ ସୃଷ୍ଟି କରିଥାଏ । ଏହା ଘରର ସାଜସଜ୍ଜାକୁ ବୃଦ୍ଧି କରିଥାଏ । ଏହା ଦ୍ୱାରା ଏକ ତ୍ରିସ୍ତରୀୟ ଅଡିଓ ଅଭିଜ୍ଞତା ଉପଲବ୍ଧ ହୋଇଥାଏ । ଯାହା ଘରର ପ୍ରତ୍ୟେକ କୋଣରୁ ସୃଷ୍ଟି ହେବା ପରି ମନେ ହୋଇଥାଏ । ଏହା ଦ୍ୱାରା ଏକ ଚଳଚ୍ଚିତ୍ର ଦେଖିବା, ସଙ୍ଗୀତ ଶୁଣିବା କିମ୍ବା ଖେଳ ଖେଳିବା ସମୟରେ ଅଡିଓ ଅଭିଜ୍ଞତାକୁ ନୂତନତ୍ୱ ସୃଷ୍ଟି କରିଥାଏ ।

## ଜାପାନୀ ଏସ୍‌ସେଫାଲାଇଟସ୍, ଡିପ୍‌ଥେରିଆ ଓ ଜଣ୍ଡିସ୍ ସ୍ଥିତି ସମୀକ୍ଷା

**ଭୁବନେଶ୍ୱର,୨୫।୬ (ମହାଭାରତ):** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୋମବାର ଅନୁଗୋଳ, ରାୟଗଡ଼ା ଓ ସମ୍ବଲପୁରର ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ଭିଡ଼ିଓ କନ୍‌ଫରେନ୍ସିଂ ଯୋଗେ ଜିଲ୍ଲାରେ ଜାପାନୀ ଏନ୍‌ସେଫାଲାଇଟ୍ସ, ଡିପ୍‌ଥେରିଆ ଓ ଜଣ୍ଡିସ୍ ର ସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ ।

ରାୟଗଡ଼ା ଜିଲ୍ଲାରେ ଚଳିତ ବର୍ଷ ଜୁନ୍ ମାସ ୧୭ ତାରିଖରେ ପ୍ରଥମ ଡିପ୍‌ଥେରିଆ କେସ୍ ଠାବ ହୋଇଥିଲା । ଏହି ଘଟଣା ପରେ ଜିଲ୍ଲାରେ ଟିକାକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏବେ ୫ ବର୍ଷ ତଳକୁ ପିଲାମାନଙ୍କୁ ଟିକା ଦିଆଯାଉଛି । ୩ଟି ଗ୍ରାମକୁ ସଂକ୍ରମିତ ଅଂଚଳ ଭାବେ ଘୋଷଣା କରାଯାଇଛି । ଏଥି ମଧ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ ଏହି ଅଂଚଳକୁ ଗସ୍ତ କରି ସ୍ଥିତିର ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଜିଲ୍ଲାରେ ଟ୍ୟାଙ୍କର ଦ୍ୱାରା ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ସହ ଡିପ୍‌ଥେରିଆର ସ୍ଥିତି ଉପରେ ନଜର ରଖିବା ସହ ଏହା ଯେପରି ଅଧିକ ନ ବ୍ୟାପେ, ସେଥିରେ ଅଙ୍କୁଶ ଲଗାଇବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସମ୍ବଲପୁରରେ ବ୍ୟାପିଥିବା ଜଣ୍ଡିସ୍ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଏହା କାହିଁକି ହୋଇଛି ଓ କିପରି ବ୍ୟାପିଛି ଓ ଏହାକୁ ରୋକିବାକୁ କ'ଣସବୁ ପଦକ୍ଷେପ ଗ୍ରହଣ କରାଯାଇଛି ସେ ବିଷୟ ଜାଣିବାକୁ ଚାହିଁଥିଲେ । ବର୍ତମାନ ସୁଦ୍ଧା ୮୨ଟି ଜଣ୍ଡିସ୍ କେସ୍ ସାମ୍ନାକୁ ଆସିଛି । ତେବେ ଲଗାତାର ଦୁଇଦିନ ଧରି ଆକ୍ରାନ୍ତଙ୍କ ସଂଖ୍ୟାରେ ହ୍ରାସ ଦେଖିବାକୁ ମିଳିଛି । କୌଣସି ନୂଆ କେସ୍ ସାମ୍ନାକୁ ଆସିନାହିଁ । ଜିଲ୍ଲା ପ୍ରଶାସନ ପକ୍ଷରୁ ଖାଦ୍ୟ ପଦାର୍ଥ ଓ ପାନୀୟ ଜଳର ନମୁନା ଯାଂଚ କରାଯାଉଛି । ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁରୁଣା ପାଇପ ସବୁ ବଦଳାଯାଉଛି । ୱାଟ୍‌କୋ ପକ୍ଷରୁ ଘରକୁ ଘର ବୁଲି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଲାଇନ୍ ସବୁକୁ ତନଖି କରାଯାଇଛି । ତେବେ ଜଣାଯାଉଛି ବହୁତଗୁଡ଼ିଏ ଘରକୁ ବେଆଇନ ଭାବେ ସଂଯୋଗ ହୋଇଥିବା ପାଇପ ଲାଇନ୍ ନାଳ ତଳ ଦେଇଯାଇଛି ଏଥିରୁ ସଂକ୍ରମଣ ବ୍ୟାପୁଥିବାର ଜଣାପଡୁଛି । ତେବେ ଆଗାମୀ ୪ ଦିନ ମଧ୍ୟରେ ଏହି ସବୁ ବେଆଇନ ଓ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଯାଇଥିବା ଘରୋଇ ପାଇପ ସଂଯୋଗକୁ ହଟାଇ ଦିଆଯିବ ବୋଲି ନିଷ୍ପତି ନିଆଯାଇଛି ।

ଜଣ୍ଡିସ ନ ବ୍ୟାପିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ନିରୀକ୍ଷଣ କରାଯାଉଛି । ଲୋକମାନେ ଅଯଥାରେ ଆତଙ୍କିତ ନହେବା ପାଇଁ ମାଇକ୍ ଯୋଗେ ସହରସାରା ପ୍ରଚାର କରାଯାଉଛି ।

ସହରରେ ଆବଶ୍ୟକ ସ୍ଥଳେ ସ୍ୱଚ୍ଛ ପାନୀୟ ଜଳ ଟ୍ୟାଙ୍କର ମାଧ୍ୟମରେ ଯୋଗାଇ ଦେବା ସହ ହାଲୋଜେନ୍ ବଟିକା ବିତରଣ କରିବା ଓ ସମସ୍ତ ବେଆଇନ ପାଣି ସଂଯୋଗକୁ ବିଚ୍ଛିନ୍ନ କରିବା ସହ ମହାନଗର ନିଗମ ଖାଦ୍ୟ ଓ ପାନୀୟ ଜଳର ସ୍ୱଚ୍ଛତା ପରୀକ୍ଷା କରିବା ସହ ଏହାର ଗୁଣବତା ବଜାୟ ରଖିବାକୁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅନୁଗୋଳ ଜିଲ୍ଲାରେ ଦୁଇଟି ସନ୍ଦିଗ୍ଧ ଘଟଣା ସାମ୍ନାକୁ ଆସିଥିବାବେଳେ ସେଥି ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଚିକିତ୍ସିତ ହେଉଛନ୍ତି ଓ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି । ମୃତ୍ୟୁ ହୋଇଥିବା ଶିଶୁଙ୍କଠାରେ ରକ୍ତହୀନତାଜନିତ ଅସୁସ୍ଥତା ଥିବାବେଳେ ଦ୍ୱିତୀୟ ଜଣଙ୍କ ସେପଟିସେମିଆରେ ଆକ୍ରାନ୍ତ ଥିଲେ ଓ ଦୁଇଜଣଯାକ ଅପପୁଷ୍ଟିର ଶିକାର ହୋଇ ସେମାନଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥିଲା । ଜିଲ୍ଲାରେ ଆଶା ଓ ଅଙ୍ଗନବାଡ଼ି କର୍ମୀ ଘରକୁ ଘର ବୁଲି ପିଲାମାନଙ୍କର ସ୍ୱାସ୍ଥ୍ୟାବସ୍ଥା ତଦାରଖ କରୁଛନ୍ତି ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣଙ୍କୁ ବୁଝାଉଛନ୍ତି । ଏହି ଦୁଇଟି ଘଟଣାରେ ଆକ୍ରାନ୍ତ ଶିଶୁଙ୍କର ଘର ପାଖରେ ଘୁଷୁରି ଦଳ ରହୁନଥିବାବେଳେ ମାଟି ମଧ୍ୟ ସନ୍ତସନ୍ତିଆ ନାହିଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ପରିସ୍ଥିତିର ଅନୁଧ୍ୟାନ ପାଇଁ ଏକ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତ କରିଥିଲେ । ତେବେ ଏ ସମ୍ପର୍କିତ ସବିଶେଷ ରିପୋର୍ଟ ହସ୍ତଗତ ହୋଇନାହିଁ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ ।

# ତୀର୍ଥଯାତ୍ରୀମାନଙ୍କୁ ହତ୍ୟା

ଏକ ତୀର୍ଥ ଯାତ୍ରୀ ବସ ଉପରେ ଆତଙ୍କବାଦୀମାନେ ଆଖି ବୁଜା ଗୁଳି ଚଳାଇବା ପରେ ବସଟି ନିୟନ୍ତ୍ରଣ ହରାଇ ଏକ ଘାଟୀ ତଳକୁ ଖସିପଡ଼ିଥିଲା। ଫଳରେ ୧୦ଜଣ ତୀର୍ଥଯାତ୍ରୀ ପ୍ରାଣ ହରାଇବା ସହିତ ଅନେକ ଆହତ ହୋଇଥିଲେ। ସେହିପରି ଏକ ସେନା ବେସ ଉପରେ ମଧ୍ୟ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ଡୋଡା ଜିଲ୍ଲାରେ ଏକ ଗାଁ ଭିତରେ ପଶି ଆତଙ୍କବାଦୀମାନେ ଗୁଳି ଚଳାଇ ଭୟର ବାତାବରଣ ସୃଷ୍ଟି କରିବା ସମୟରେ ସୁରକ୍ଷା କର୍ମୀଙ୍କ ଗୁଳିରେ ୨ଜଣ ଆତଙ୍କବାଦୀମାନେ ପ୍ରାଣ ହରାଇଛନ୍ତି। ସପ୍ତାହକ ଭିତରେ ଏଭଳି ୪ଟି ଘଟଣା ଘଟିଛି। ଏ ସମସ୍ତ ଆତଙ୍କୀ ହମଲାରେ ସମ୍ପୃକ୍ତ ବ୍ୟକ୍ତିମାନେ ଅନୁପ୍ରବେଶକାରୀ ଏବଂ ସୀମା ଆରପଟୁ ଆସିଥିବା ଜଣାପଡ଼ିଛି। ଏଥିରୁ ପ୍ରମାଣିତ ହେଉଛି ଯେ, ଅନୁପ୍ରବେଶ ରୋକିବାକୁ ଏବେ ସୁଦ୍ଧା ହୋଇଥିବା ପ୍ରୟାସ ଯଥେଷ୍ଟ ନୁହେଁ। ଭାରତ-ପାକିସ୍ତାନ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବାର ଆବଶ୍ୟକତା ରହିଛି। କେନ୍ଦ୍ରରେ ନୂଆ ସରକାର ଗଠନ ପରେ ଆତଙ୍କବାଦୀମାନେ ସକ୍ରିୟ ହେବାର ମୁଖ୍ୟ କାରଣ ହେଲା ସେମାନେ ନିଜ ସ୍ଥିତି ଜାହିର କରିବାକୁ ପ୍ରୟାସ କରୁଛନ୍ତି। ଦ୍ୱିତୀୟରେ ଜାମ୍ମୁ-କାଶ୍ମୀରରେ ଗତ ନିର୍ବାଚନ ବେଳେ ଆତଙ୍କବାଦୀମାନେ କୌଣସି ପ୍ରକାର ବିଶୃଙ୍ଖଳା ବା ହିଂସାକାଣ୍ଡ ସୃଷ୍ଟି କରିବାରେ ସଫଳ ହୋଇ ନାହାଁନ୍ତି। ନିର୍ବାଚନରେ କାଶ୍ମୀରବାସୀ ଭୟମୁକ୍ତ ହୋଇ ବିପୁଳ ସଂଖ୍ୟାରେ ମତଦାନ କରିଛନ୍ତି। ସେମାନେ ଭାରତୀୟ ସମ୍ବିଧାନ ପ୍ରତି ନିଜର ଦୃଢ଼ ସମର୍ଥନ ଭୋଟ ମାଧ୍ୟମରେ ପରିପ୍ରକାଶ କରିଛନ୍ତି। ଧାରା ୩୭୦ ଉଚ୍ଛେଦକୁ ସେମାନେ ସମର୍ଥନ କରିଛନ୍ତି। ଏଥିରେ ବିଚ୍ଛିନ୍ନତାବାଦୀ ଏବଂ ଦେଶ ବିରୋଧୀ ମାନେ ହତାଶ ଏବଂ ନିରାଶ ହୋଇଛନ୍ତି। ତେଣୁ ସେମାନେ ନିଜ ସ୍ଥିତି ଜାହିର କରିବାକୁ ଏବଂ କାଶ୍ମୀରବାସୀଙ୍କ ମନରେ ଥିବା ଭୟକୁ ବଜାୟ ରଖିବା ନିମନ୍ତେ ଏଭଳି ହିଂସାକାଣ୍ଡ କରୁଛନ୍ତି। ତେବେ ସୁଖର କଥା, କାଶ୍ମୀରବାସୀ ସାହସର ସହିତ ଆତଙ୍କବାଦୀଙ୍କ ମୁକାବିଲା କରିଛନ୍ତି। ଡୋଡା ଜିଲ୍ଲାର ଏକ ଗ୍ରାମରେ ଆତଙ୍କବାଦୀମାନେ ଲୋକଙ୍କୁ ଭୟଭୀତ କରିବାକୁ ପ୍ରୟାସ କରୁଥିବା ବେଳେ ଗ୍ରାମବାସୀମାନେ ଏହାର ଜବାବ ଦେଇଥିଲେ ଏବଂ ଆତଙ୍କବାଦୀଙ୍କ ଅନୁପ୍ରବେଶ ସମ୍ପର୍କରେ ତତ୍କାଳ ସୁରକ୍ଷା ବାହିନୀକୁ ଖବର ଦେଇଥିଲେ। ସୁରକ୍ଷା କର୍ମୀଙ୍କ ଗୁଳିରେ ଦୁଇଜଣ ଆତଙ୍କବାଦୀ ପ୍ରାଣ ହରାଇଥିଲେ। ଏଥିରୁ ପ୍ରମାଣିତ ହେଉଛି ଯେ, ଆତଙ୍କବାଦୀଙ୍କ ପ୍ରତି ଜନସମର୍ଥନ ନାହିଁ। କାଶ୍ମୀରବାସୀ ଶାନ୍ତିରେ ରହିବାକୁ ଚାହୁଁଛନ୍ତି। ହିଂସା ନୁହେଁ ସେମାନେ ବିକାଶ ଚାହୁଁଛନ୍ତି। ମଧ୍ୟଯୁଗୀୟ ବ୍ୟବସ୍ଥା, ତାଲିବାନୀ ଚିନ୍ତାଧାରାରୁ ବାହାରି ସେମାନେ ଏକ ଆଧୁନୀକ ଏବଂ ସଭ୍ୟ ଜୀବନ ବିତାଇବାକୁ ଚାହାଁନ୍ତି। ଲୋକସଭା ନିର୍ବାଚନରେ ବିପୁଳ ମତଦାନ କରି ସେମାନେ ଗଣତନ୍ତ୍ର ଉପରେ ସେମାନଙ୍କର ଆସ୍ଥା ଏବଂ ବିଶ୍ୱାସ ପ୍ରମାଣିତ କରିଛନ୍ତି। ପାକିସ୍ତାନ ଏବଂ ଭାରତ ବିରୋଧୀ ଦେଶମାନଙ୍କ ପାଇଁ ଏହାକୁ ଚେତାବନୀ। ସମଗ୍ର ବିଶ୍ୱବାସୀଙ୍କୁ କାଶ୍ମୀରବାସୀ ସେମାନଙ୍କର ସନ୍ଦେଶ ପଠାଇଛନ୍ତି। କାଶ୍ମୀରବାସୀ ଭାରତୀୟ, ଜାମ୍ମୁ-କାଶ୍ମୀର ଭାରତର ଅଭିନ୍ନ ଏବଂ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସେମାନେ ସ୍ପଷ୍ଟ ସଙ୍କେତ ଦେଇଛନ୍ତି। ଏବେ ଭାରତ ସରକାରଙ୍କ କ□ବ୍ୟ କାଶ୍ମୀରବାସୀଙ୍କୁ ସୁରକ୍ଷା ପ୍ରଦାନ କରିବା ଏବଂ ଆତଙ୍କବାଦୀଙ୍କୁ ନିପାତ କରିବା। ଆତଙ୍କବାଦୀଙ୍କ ଉଦ୍ଦେଶ୍ୟକୁ ପଣ୍ଡ କରାଯିବା ଉଚିତ। ଆଗକୁ ଅମରନାଥ ଯାତ୍ରା ଆସୁଛି। ହିନ୍ଦୁ ଧର୍ମାବଲମ୍ବୀଙ୍କ ପାଇଁ ଏହା ଏକ ପବିତ୍ର ଅବସର। ଏହି ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରିବା ଏବଂ ହିନ୍ଦୁ ତୀର୍ଥଯାତ୍ରୀମାନଙ୍କୁ ହତ୍ୟା କରିବା ପାଇଁ ଆତଙ୍କବାଦୀମାନେ ଷଡ଼ଯନ୍ତ୍ର କରିପାରନ୍ତି ।

# ଓଡ଼ିଶାର ଅର୍ଥନୀତି ବିକାଶର ରେଡ୍ କାର୍ପେଟ

॥ ବିପିନ ବିହାରୀ ରାଉତ ॥

*ରାଜ୍ୟକୁ ନିବେଶ ବର୍ଷା : ଚାରି ବର୍ଷର ବ୍ୟବଧାନ ପରେ ଏ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀ-୨୦୨୨କୁ ବଡ଼ ଆକାରରେ ଆୟୋଜିତ କରିଥିଲେ ରାଜ୍ୟ ସରକାର। ପୂର୍ବ ଦୁଇଟି ସଂସ୍କରଣ ତୁଳନାରେ ଏଥର ରାଜ୍ୟ ସରକାରଙ୍କୁ ମିଳିଛି ବିରାଟ ସଫଳତା। ୨୦୧୮ ତୁଳନାରେ ଦୁଇ ଗୁଣାରୁ ଅଧିକ ନିବେଶ ଟାଣିଛି ରାଜ୍ୟ। ଓଡ଼ିଶାରେ ମୋଟ ୧୦.୫୦ ଲକ୍ଷ କୋଟିର ପୁଞ୍ଜି ଖଟାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ନିବେଶକ।*

ବିଦାୟୀ ବର୍ଷ ୨୦୨୨ରେ ରାଜ୍ୟ ହାସଲ କରିଛି ଅନେକ ଉପଲବ୍ଧି। ଶିଳ୍ପାୟନର ଯାତ୍ରାରେ କେବେ ବି ବ୍ରେକ ଲାଗିନାହିଁ। ନିଯୁକ୍ତି ଭିତ୍ତିକ ଶିଳ୍ପ ଅଭିବୃଦ୍ଧିର ମନ୍ତ୍ର ନେଇ ଆଗକୁ ବଢ଼ି ଚାଲିଛି ଚିର ସବୁଜ ଓଡ଼ିଶା। ନିବେଶକଙ୍କୁ ଟାଣିବା ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରିନାହିଁ ରାଜ୍ୟ। ମେକ ଇନ ଓଡ଼ିଶା ସମ୍ମିଳନୀ ଜରିଆରେ ରାଜ୍ୟକୁ ହୋଇଛି ନିବେଶ ବର୍ଷା। ଗୋଟିଏ ମଞ୍ଚରେ ଏକାଠି ହୋଇ ରାଜ୍ୟର ବିକାଶ କାହାଣୀ ଲେଖିଛନ୍ତି ଦେଶ ବିଦେଶର ଶିଳ୍ପ ମୁଖିଆ। ମହିଳା ସଶକ୍ତିକରଣକୁ ଦିଆଯାଉଛି ପ୍ରାଧାନ୍ୟ। ନୀତିଗତ ସଂସ୍କାର ଯୋଗୁ ରାଜ୍ୟ ଦ୍ରୁତ ବେଗରେ ବଢ଼ିଛି। ଷ୍ଟାର୍ଟଅପ ଇକୋସିଷ୍ଟମରେ ଆସିଛି ବ୍ୟାପକ ପରିବର୍ତ୍ତନ। ତଳୁଆ ରାଜ୍ୟରୁ ଲମ୍ବା ଲମ୍ଫ ଡେଇଁ ଓଡ଼ିଶା ପାଲଟିଛି ଆଗିଭର। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନ ଭିତ୍ତିଭୂମି ମଜଭୁତ ହୋଇଛି। ଏକ ଟ୍ରିଲିୟନ ଡଲାର ଅର୍ଥନୀତି ସ୍ୱପ୍ନକୁ ଦିଗ ଦେଖାଇଛନ୍ତି ରାଜ୍ୟ ସରକାର। ଏହି ଲକ୍ଷ୍ୟ ହାସଲ ପାଇଁ ଆଣିଛନ୍ତି ଦୃଢ଼ ରଣନୀତି।

ରାଜ୍ୟକୁ ନିବେଶ ବର୍ଷା : ଚାରି ବର୍ଷର ବ୍ୟବଧାନ ପରେ ଏ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀ-୨୦୨୨କୁ ବଡ଼ ଆକାରରେ ଆୟୋଜିତ କରିଥିଲେ ରାଜ୍ୟ ସରକାର। ପୂର୍ବ ଦୁଇଟି ସଂସ୍କରଣ ତୁଳନାରେ ଏଥର ରାଜ୍ୟ ସରକାରଙ୍କୁ ମିଳିଛି ବିରାଟ ସଫଳତା। ୨୦୧୮ ତୁଳନାରେ ଦୁଇ ଗୁଣାରୁ ଅଧିକ ନିବେଶ ଟାଣିଛି ରାଜ୍ୟ। ଓଡ଼ିଶାରେ ମୋଟ ୧୦.୫୦ ଲକ୍ଷ କୋଟିର ପୁଞ୍ଜି ଖଟାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ନିବେଶକ। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ସୃଷ୍ଟି ହେବ ୧୦.୩୮ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି। ମହାମାରୀ ପରେ ଏଭଳି ଏକ ସଫଳତା ପାଇବା ଅତ୍ୟନ୍ତ ଖୁସିର ବିଷୟ। ଏହି ନିବେଶ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତେ କଠିନ ପରିଶ୍ରମ କରି ଓଡ଼ିଶାକୁ ଅଭିବୃଦ୍ଧିର ନୂଆ ଯୁଗକୁ ନେଇଯିବା ପାଇଁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଟ୍ରିଲିୟନ ଡଲାର ସ୍ୱପ୍ନ : ଏ ବର୍ଷର ମେକ ଇନ ଓଡ଼ିଶା ସମ୍ମିଳନୀରେ ନୂତନ ସମ୍ଭାବନାର ମାଟିକୁ ଶିଳ୍ପପତିମାନଙ୍କୁ ସ୍ୱାଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ଦେଶର ଏକ ପ୍ରମୁଖ ଦ୍ରୁତ ଅଭିବୃଦ୍ଧିଶୀଳ ନିବେଶ ସ୍ଥଳ। ସମସ୍ତ ଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଗୁରୁତ୍ୱ ଦେଉଥିବା ଏକ ପ୍ରଗତିଶୀଳ ରାଜ୍ୟ। ମୋ ସରକାର ଏବଂ ୫ଟି ଲୋକଙ୍କୁ ପ୍ରତିଷ୍ଠା ଏବଂ ସମ୍ମାନର ସହ ବଞ୍ଚିବାର ସୁଯୋଗ ପ୍ରଦାନ କରିଛି। ରାଜ୍ୟର ନିରନ୍ତର ବିକାଶ ଏଜେଣ୍ଡା ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, କୃଷି, ମହିଳା ସଶକ୍ତିକରଣ, ଆଦିବାସୀ ଉନ୍ନୟନ ଆଦି ଉପରେ ଗୁରୁତ୍ୱ ଦେଉଛି। ୭୦ଲକ୍ଷ ମହିଳାଙ୍କୁ ନେଇ ଗଠିତ ମିଶନ ଶକ୍ତି ଏକ ସ୍ୱତନ୍ତ୍ର ସଶକ୍ତିକରଣ ଅଭିଯାନ। ସ୍ୱାସ୍ଥ୍ୟ ବୀମା ଯୋଜନା ବିଏସକେୱାଇ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ।

ନୂଆ ଶିଳ୍ପନୀତି : ମେକ ଇନ ଓଡ଼ିଶା କନକ୍ଲେଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ଶିଳ୍ପନୀତି ଉନ୍ମୋଚନ କରିଛନ୍ତି। ଏଥିରେ ପ୍ରାୟୋରିଟି ଏବଂ ଥ୍ରଷ୍ଟ ଭଳି ଦୁଇଟି ସେକ୍ଟରକୁ ଗୁରୁତ୍ୱ ଦିଆଯାଇଛି। ରଜ୍ୟର ୨୦୦ରୁ ଅଧିକ ଲୋକ ନିଯୁକ୍ତି ପାଉଥିବା କ୍ଷେତ୍ରକୁ ପ୍ରାୟୋରିଟି ସେକ୍ଟର ଏବଂ ୧୦୦୦ରୁ ଅଧିକ ନିଯୁକ୍ତି ଦେଉଥିବା କ୍ଷେତ୍ରକୁ ଥ୍ରଷ୍ଟ ସେକ୍ଟର ଭାବେ ବିବେଚନା କରାଯିବ। ବିଜୁ ଇକୋନୋମି କରିଡରକୁ ଏହି ପଲିସିରେ ଥ୍ରଷ୍ଟ ସେକ୍ଟର ଭାବେ ବିବେଚନା କରାଯାଇଛି। ନୂଆ ନୀତି ଅନୁସାରେ ରାଜ୍ୟରେ ପୁଞ୍ଜିନିବେଶ କରିବାକୁ ଆଗ୍ରହୀ ନିବେଶକଙ୍କୁ ଆକର୍ଷଣୀୟ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ପ୍ରାୟୋରିଟି ସେକ୍ଟର ପୁଞ୍ଜି ନିବେଶ ଉପରେ ୨୦% ଏବଂ ଥ୍ରଷ୍ଟ ସେକ୍ଟର କ୍ଷେତ୍ରରେ ୩୦% ସବସିଡି ଯୋଗାଇ ଦେବେ ରାଜ୍ୟ ସରକାର।

ଷ୍ଟାର୍ଟଅପ୍ ଓଡ଼ିଶା : ରାଜ୍ୟକୁ ଷ୍ଟାର୍ଟଅପର ପ୍ରମୁଖ ହବ ଭାବେ ଗଢ଼ି ତୋଳିବା ଲାଗି ରାଜ୍ୟ ସରକାର ଏବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ର୍ୟାଙ୍କ ହାସଲ କରିଛି। ଗତ ପାଞ୍ଚ ବର୍ଷ ହେବ ଷ୍ଟାର୍ଟଅପ୍ ଇନକ୍ୟୁବେଟରମାନଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହିତ କରିଛନ୍ତି।

ରପ୍ତାନୀ ନୀତି : ମେକ ଇନ୍ ଓଡ଼ିଶା କନକ୍ଲେଭ ଅବସରରେ ନୂଆ ରପ୍ତାନି ନୀତି ୨୦୨୨ ଉନ୍ମୋଚନ କରାଯାଇଛି। ୨୦୧୪ରେ ଶେଷ ଥର ପାଇଁ ରାଜ୍ୟ ସରକାର ରପ୍ତାନି ନୀତି ଆଣିଥିଲେ। ଏଥିରେ ସଂଶୋଧନ କରାଯିବା ସହ ରପ୍ତାନିକାରୀଙ୍କୁ ପ୍ରୋତ୍ସାହିତ କରିବା ଭଳି ପଦକ୍ଷେପ ଘୋଷଣା କରାଯାଇଛି।

ଏକାଠି ଶିଳ୍ପ ମୁଖିଆ : ଏଥର ମେକ ଇନ୍ ଓଡ଼ିଶା ସମ୍ମିଳନୀରେ ଦେଶ ବିଦେଶରୁ ୧୦୦ରୁ ଊର୍ଦ୍ଧ୍ୱ ଶିଳ୍ପପତି ଯୋଗ ଦେଇଥିଲେ। ପ୍ଲେନାରି ଅଧିବେଶନରେ ମଞ୍ଚରେ ବସିଥିଲେ ୫୦ରୁ ଊର୍ଦ୍ଧ୍ୱ ଶିଳ୍ପ ମୁଖ୍ୟ।

ଖାଦ୍ୟ ପ୍ରକ୍ରିୟାକରଣ ନୀତି : ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର ମେକ ଇନ ଓଡ଼ିଶା କନକ୍ଲେଭ ଅବସରରେ ନୂଆ ଫୁଡ ପ୍ରୋସେସିଂ ନୀତି ଉନ୍ମୋଚନ କରିଛନ୍ତି। ୨୧ ଜଣ ନିବେଶକ ରାଜ୍ୟରେ ନିବେଶ ଲାଗି ଆଗ୍ରହ ପତ୍ର ଦେଇଛନ୍ତି। ଏହାଦ୍ୱାରା ୧୪୪୩ କୋଟି ଟଙ୍କାର ନିବେଶ ରାଜ୍ୟକୁ ଆସିପାରିବ।

ମହିଳା ସଶକ୍ତିକରଣ : ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ଏହା ଏକ ଅଣ ସାଲିସ ପ୍ରାଥମିକତା। ଏହା ବିନା କୌଣସି ପରିବାର, ସମାଜ, ରାଜ୍ୟ କିମ୍ବା ଦେଶ ଆଗକୁ ବଢ଼ିବା କଷ୍ଟକର। ଏହାକୁ ହୃଦୟଙ୍ଗମ କରିଛନ୍ତି ରାଜ୍ୟ ସରକାର। ମିଶନ ଶକ୍ତି ମା' ମାନଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ ଯୋଗାଇ ଦେବା ପାଇଁ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏହା ଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ମହିଳା ରୋଜଗାର ପାଇପାରିବେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକରୁ ଆଗାମୀ ୫ ବର୍ଷରେ ୫ ହଜାର କୋଟି ଟଙ୍କାର ସାମଗ୍ରି ଓ ସେବା ସଂଗ୍ରହ କରିବେ ରାଜ୍ୟ ସରକାର। ଚଳିତ ବର୍ଷ ଏହାକୁ ମିଳିଛି କ୍ୟାବିନେଟ ଅନୁମୋଦନ। ଜିଲ୍ଲା ସ୍ତରରେ ଥିବା ଏସଏଚଜି ଫେଡେରେସନ ଗୁଡ଼ିକୁ ୧ କୋଟି ଟଙ୍କାର ରିଭଲଭିଂ ପାଣ୍ଠି ଯୋଗାଇ ଦେବା ନେଇ ମଧ ଘୋଷଣା କରାଯାଇଛି। ସେହିଭଳି ବ୍ଲକ ସ୍ତରୀୟ ଫେଡେରେସନକୁ ୫୦ଲକ୍ଷ ଏବଂ ଗ୍ରାମପଞ୍ଚାୟତ ସ୍ତରରେ ଫେଡେରେସନ ପାଇଁ ମାର୍କେଟ କମ୍ପ୍ଲେକ୍ସ ଏବଂ ଅଫିସ ଘର ଯୋଗାଇବା ବ୍ୟବସ୍ଥା ହେବ। ମହିଳାଙ୍କ ମଧରେ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ମାଇକ୍ରୋ ଏବଂ ମିନି ଶିଳ୍ପ ସ୍ଥାପନ କରିବେ। ମହିଳାମାନେ ଓଡ଼ିଶାର ରୂପାନ୍ତର ଧାରାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମିଶନ ଶକ୍ତି ପାଇଁ ସ୍ୱତନ୍ତ୍ର ବଜେଟ : ରାଜ୍ୟର ମହିଳାମାନେ ସଶକ୍ତ ହେବେ। ବିକାଶ ସ୍ରୋତରେ ସାମିଲ ହୋଇ ନିଜେ ଅଗ୍ରଗତି କରିବେ ଏବଂ ରାଜ୍ୟ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବେ। ଏହି କ୍ରମରେ ବିଧାନସଭାରେ ଉପସ୍ଥାପିତ ରାଜ୍ୟ ବଜେଟ ୨୦୨୨-୨୩ରେ ମହିଳା ମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ମିଶନ ଶକ୍ତି ପାଇଁ ପୃଥକ ବଜେଟ ଉପସ୍ଥାପନ କରିଛନ୍ତି ରାଜ୍ୟ ସରକାର। ଏହି ବିଭାଗ ପାଇଁ ୨୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ୧୦୩୯ କୋଟି ଟଙ୍କା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସେମାନଙ୍କ ସଂଘକୁ ମିଶନ ଶକ୍ତି ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ବାବଦ ୭୭୩ କୋଟି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଗୃହ ନିର୍ମାଣ ଲାଗି ୧୭୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମିଶନ ଶକ୍ତି ପାଇଁ କରାଯାଇଥିବା ବ୍ୟୟବରାଦ ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ରୋଜଗାର ମିଳିବ।

ତଳୁଆ ରାଜ୍ୟରୁ ଆଗିଭର : ଓଡ଼ିଶାରେ ବ୍ୟବସାୟିକ ବାତାବରଣରେ ଆସିଛି ବୈପ୍ଳବିକ ପରିବର୍ତ୍ତନ। ଡିଜିଟାଲିକରଣ ଏବଂ ସ୍ୱଚ୍ଛତା ସହିତ ନିବେଶକଙ୍କ ଆସ୍ଥା ଭାଜନ ହେବାରେ ରାଜ୍ୟ ଏବେ ଆଗୁଆ। ଇ-ଶ୍ରମ ପୋର୍ଟାଲ ଏବଂ ଗୋ-ସ୍ୱିଫ୍ଟ ଭଳି ଅନନ୍ୟ ବ୍ୟବସ୍ଥା ଯୋଗୁ ନିବେଶକଙ୍କ ପାଇଁ ଏହା ପାଲଟିଛି ଅନୁକୂଳ ସ୍ଥଳ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଏ ବର୍ଷ ଉନ୍ମୋଚିତ ହୋଇଥିବା ରିପୋର୍ଟ ଅନୁସାରେ ଓଡ଼ିଶା ଇଜ ଅଫ ଡୁଇଙ୍ଗ ବିଜନେସ ର୍ୟାଙ୍କିଙ୍ଗରେ ଛଅଟି ଆଗିଭର ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି।

ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩

# ସ୍ୱାସ୍ଥ୍ୟ ମୋର ସୁସ୍ଥ ହେଉ - ସତ୍ସଙ୍ଗର ଆହ୍ୱାନ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଶରୀର ଓ ମନ-ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି । ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି । ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ । ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ । ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ । ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା । ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ । ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ । ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ । ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ । ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ । ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ । ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ । ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ । ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ ।

ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ - ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଦୟାଳ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ - ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ। ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା - ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ। ସର୍ବ କାରଣ କାରଣ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବ ଠାରୁ ଭାବିବାକୁ ହୁଏ। ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ। ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ। ମା'ମାନଙ୍କୁ ଜାଣିବା ଆବଶ୍ୟକ - ଗର୍ଭାବସ୍ଥାରେ କିଭଳି ଚାଲିବାକୁ ବା ରହିବାକୁ ହୁଏ। ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି। ଏହିପରି ପିତାମାତାଙ୍କ ଠାରୁ ସନ୍ତାନ ସୁଷ୍ଠ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକର। ଜାତକର ରୋଗ-ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ। ଉତ୍ସ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧିରେ ଧିରେ ହ୍ରାସ ହୋଇଆସେ।

ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା। ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ । ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧାତ୍ମିକବାଦୀମାନେ କହିଥାନ୍ତି । ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ । ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ । ଆତ୍ମା ବାହାରି ଯାଇଥିବା ଦେହ ବା ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ । ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା । ଭଗବତ ଗୀତାରେ ଉଲ୍ଲେଖ ଅଛି 'ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନଂକମ୍ ଚତୁର୍ବିଧମ୍ ।' ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି - ଉପାସନା । ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ । ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ । ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେହିଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତ୍ତମ ଉପାସନା । ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ, ଅଜ୍ଞତା ଓ କ୍ରୋଧର ବଶବର୍ତ୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ । ବେଳେ ବେଳେ ଓଳିଏ ପାଇଁ ପାକସ୍ଥଳୀକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇପାରେ । ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧାତ୍ମିକ ସ୍ୱାସ୍ଥ୍ୟ ପାଇଁ ସଠିକ୍ ପ୍ରକାର ଓ ସଠିକ୍ ଭାବର ସହ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ । ଆଧାତ୍ମିକ ସ୍ୱାସ୍ଥ୍ୟ ନିମିତ୍ତ ନିୟମିତ ପୂଜା ପ୍ରାର୍ଥନା, ଧ୍ୟାନ ଓ ଗୁରୁଦୀକ୍ଷା ଏକାନ୍ତ ପ୍ରୟୋଜନ - ଏହି ମତବ୍ୟକ୍ତ କରିଛନ୍ତି ଯୁଗାବତାର ମହାପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି, ନିଜ ପରିବାର ପ୍ରତି ଓ ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା । ସୁସ୍ଥ ଶରୀର ଓ ସୁସ୍ଥ ମନ ଉନ୍ନତ ବିଚାରର ଜନକ ଓ ଉନ୍ନତ ବିଚାର ବିବେକର ସମର୍ଥକ। ବିବେକାନୁମୋଦିତ ଜୀବନ ହିଁ ସର୍ବୋତ୍ତମ ଫଳଦାୟୀ ଜୀବନ । ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକୀୟ ମନ୍ଦିର, ମଠ, ମସଜିଦ୍ ଓ ଗୀର୍ଜା ମାନଙ୍କରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସେତ୍‌ସଙ୍ଗର ପ୍ରଭୂତ ଆବଶ୍ୟକତା ରହିଛି। ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି । ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ । ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ନିରାପଦ ମାତୃତ୍ୱ : ଆଜିର ଆହ୍ୱାନ

॥ ଡାକ୍ତର କାନ୍ତୀ ନାୟକ ॥

ସୁରକ୍ଷିତ ଗର୍ଭଧାରଣ, ପ୍ରସବକାଳୀନ ନିରାପତ୍ତା, ଶିଶୁ ଜନ୍ମ ପରେ ମାଆର ସ୍ୱାସ୍ଥ୍ୟ ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଏପ୍ରିଲ ୧୧ ତାରିଖ କସ୍ତୁରବା ଗାନ୍ଧୀଙ୍କ ଜନ୍ମଦିନ ଏହାକୁ ମାତୃତ୍ୱ ଦିବସ ଭାବେ ପାଳନ କରିବା ଲାଗି ଭାରତ ସରକାର ୨୦୦୩ରେ ନିଷ୍ପତ୍ତି ନେଇଥିଲେ। ଏହି ଦିବସ ପାଳନରେ ଭାରତ ବିଶ୍ୱରେ ପ୍ରଥମ ରାଷ୍ଟ୍ର ନିରାପଦ ମାତୃତ୍ୱ କହିଲେ ଉଭୟ ମାଆ ଓ ଶିଶୁର ସୁରକ୍ଷାକୁ ବୁଝାଏ। ଗର୍ଭଧାରଣ ଓ ପ୍ରସବ ବାବଦରେ ଉପଯୁକ୍ତ ଜ୍ଞାନ ହାସଲ ଏବଂ ଠିକ୍ ପଦକ୍ଷେପ ଦ୍ୱାରା ନିରାପଦ ମାତୃତ୍ୱ ଲାଭ ସମ୍ଭବ। ଏହାଦ୍ୱାରା ମାଆ ଓ ଶିଶୁ ମୃତ୍ୟୁହାର କମିବ। ସୁଷମ ଓ ପୁଷ୍ଟିକର ଆହାର ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ପ୍ରତିଷେଧକ ଟିକା ଗ୍ରହଣ, ପ୍ରସବ ସମୟରେ ତାଲିମପ୍ରାପ୍ତ ଧାତ୍ରୀଙ୍କ ସାହାଯ୍ୟ ନେବା ଉଚିତ। ଏହାଦ୍ୱାରା ମାଆ-ଶିଶୁଙ୍କ ଜୀବନ ସୁରକ୍ଷିତ ରହିବ। ଆଜିକା ସମୟରେ ମହିଳାମାନେ ନିଜ କର୍ମ ସଂସ୍ଥାନର ଦାୟିତ୍ୱ କୁହନ୍ତୁ ବା ଘର ସଂସାରର ବୋଝ, ସବୁଠି ନିଜକୁ ନିଜେ ହିଁ ଅବହେଳିତ କରୁଛନ୍ତି। ଯାହାପାଇଁ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ମହିଳାଙ୍କର ଶାରୀରିକ ଅସୁସ୍ଥତା ଦେଖାଯାଉଛି। ନିରାପଦ ମାତୃତ୍ୱ କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହେଉଛି ଅସଚେତନତା, ଦାରିଦ୍ର୍ୟ, କୁପୋଷଣ ଓ ଅଶିକ୍ଷା। ଖୁବ୍ କମ ବୟସ ବେଳୁ ବିବାହ କରିବା ସମସ୍ୟା ଭାରତର ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ଅଳ୍ପ ବୟସରୁ ବିବାହ କରି ସଂସାରକୁ ନ ବୁଝିଥିବା ଝିଅଟି ଖୁବ୍ ଶୀଘ୍ର ଗର୍ଭଧାରଣ କରିବା ଦ୍ୱାରା ଏହା ଉଭୟ ମାଆ ଓ ଶିଶୁ ଉପରେ ଭୟଙ୍କର ପ୍ରଭାବ ପକାଇଥାଏ। ଅନେକ କ୍ଷେତ୍ରରେ ମାତୃ ମୃତ୍ୟୁହାରର ଏହା ବଡ଼ କାରଣ ପାଲଟିଥାଏ। କେବଳ ମାତୃ ମୃତ୍ୟୁହାର ନୁହେଁ କେତେକ କ୍ଷେତ୍ରରେ ପିଲାଟି ଜନ୍ମ ହେବାପୂର୍ବରୁ ବା ଜନ୍ମ ହେବାର କିଛି ଦିନ ପରେ ମୃତ୍ୟୁବରଣ କରିଥାଏ। ଅନେକ କ୍ଷେତ୍ରରେ ଦୁର୍ବଳିଆ ଶିଶୁ ଜନ୍ମ ନେଇ ସାରା ଜୀବନ ବିଭିନ୍ନ ରୁଗ୍ଣ ସମସ୍ୟାକୁ ସାମ୍ନା କରିଥାଏ। ସେହିପରି ନିରାପଦ ମାତୃତ୍ୱ କ୍ଷେତ୍ରରେ କୁପୋଷଣ ଅନ୍ୟ ଏକ ସମସ୍ୟା। ସନ୍ତାନଟି ଗର୍ଭସ୍ଥ ହେବାପରେ ସଠିକ୍ ଭାବେ ଖାଦ୍ୟ, ବିଶ୍ରାମ, ଡାକ୍ତରୀ ପରାମର୍ଶ ଓ ନିର୍ଦ୍ଦିଷ୍ଟ ଔଷଧ ଓ ଟୀକା ଗ୍ରହଣ ଜରୁରୀ। ଗର୍ଭବତୀ ମାଆଟି ପାଇଁ ତା ଶରୀର ଓ କାର୍ଯ୍ୟ ତୁଳନାରେ ପୌଷ୍ଟିକ ଓ ସୁଷମ ଖାଦ୍ୟ ତା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ଅନେକ ସମୟରେ ଡାକ୍ତରୀ ଚିକିତ୍ସା ବା ପରାମର୍ଶ ଅପେକ୍ଷା ଘର ବଇଦ ଚିକିତ୍ସାକୁ ଆପଣାଇ ଅନେକ କ୍ଷେତ୍ରରେ ଗର୍ଭବତୀମାନେ ଗୁରୁତର ହୋଇପଡ଼ିଥାନ୍ତି।

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଶିଶୁ କଲ୍ୟାଣ ବିଭାଗ ଏ ଦିଗଟିକୁ ଅତ୍ୟନ୍ତ ଗୁରୁତ୍ୱ ବିଚାର କରି ସରକାରୀ ଭାବେ ଗର୍ଭବତୀ ମାଆଙ୍କୁ ପ୍ରାଥମିକ ଅବସ୍ଥାରୁ ସେମାନଙ୍କ ପାଖରେ ଡାକ୍ତରୀ ପରାମର୍ଶ, ଉତ୍ତମ ସୁଷମ ଖାଦ୍ୟ ଓ ଆନୁସଙ୍ଗିକ ସହାୟତା ଯୋଗାଇ ଦିଆଯାଉଛି। ସରକାରୀ ବ୍ୟବସ୍ଥାରେ ନିକଟସ୍ଥ ଯେକୌଣସି ଡାକ୍ତରଖାନାରେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚିକିତ୍ସା ପ୍ରଦାନ କରାଯାଉଛି। ସେମାନଙ୍କର ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା, ଔଷଧପତ୍ର, ଡାକ୍ତରୀ ପରାମର୍ଶ ଓ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି ଯାହାଦ୍ୱାରା ନିରାପଦ ମାତୃତ୍ୱ ଏକ ବଡ଼ ସୁନିଶ୍ଚିତ ହୋଇପାରୁଛି। ସରକାରୀ ବ୍ୟବସ୍ଥାରେ ରାଜ୍ୟରେ ଅଗମ୍ୟ, ଉପାନ୍ତ ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭ୍ରାମ୍ୟମାଣ ଚିକିତ୍ସା ପ୍ରଦାନ କରାଯାଉଛି। ଗର୍ଭବତୀ ମାନଙ୍କ ପାଖରେ ଡାକ୍ତରୀଦଳ ଓ ପରୀକ୍ଷା ନିରୀକ୍ଷା ଟିମ୍ ଉପଲବ୍ଧ କରାଯାଉଛି। ତେବେ ଏତେ ସବୁ ଭିତରେ ମଧ କେତେକ ସ୍ଥାନରେ ନିରାପଦ ମାତୃତ୍ୱ ଅପହୃତ ହୋଇଯାଉଛି ତ କେଉଁଠି ଗର୍ଭବତୀଙ୍କ ନିକଟ ସମ୍ପର୍କୀୟ ମାନଙ୍କ ସଠିକ ତଥ୍ୟ ଅଭାବରୁ ପରିସ୍ଥିତି ଜଟିଳ ହୋଇଯାଉଛି। କେନ୍ଦ୍ର ସରକାର ମଧ କେତେକ କ୍ଷେତ୍ରରେ ନିରାପଦ ମାତୃତ୍ୱକୁ ସୁନିଶ୍ଚିତ ସୁରକ୍ଷିତ କ୍ଷେତ୍ର ଭାବେ ଅଗ୍ରାଧିକାର ଦେଇ ବିଭିନ୍ନ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ମାଧ୍ୟମରେ ଅନେକ ସହାୟତା ପ୍ରଦାନ କରୁଛନ୍ତି। ଆଜି ଜାତୀୟ ନିରାପଦ ମାତୃତ୍ୱ ଦିବସ ଅବସରରେ କେବଳ ଦାୟିତ୍ୱ ସରକାର ବା ଗର୍ଭବତୀଙ୍କ ଉପରେ ଛାଡ଼ିଦେଲେ ଚଳିବ ନାହିଁ। ଆମ୍ଭ ମାନଙ୍କ ଭିତରେ ସଚେତନତା ଏ କ୍ଷେତ୍ରରେ ଅତ୍ୟନ୍ତ ଜରୁରୀ। ଜଣେ ନିଜର କେହି ନ ହେଲେ ବି ପଡ଼ୋଶୀଟିଏ ହେଉ ବା ଅପରିଚିତ ସେମାନଙ୍କୁ ସରକାରୀ ବ୍ୟବସ୍ଥାର ସମସ୍ତ ସୁବିଧା ସୁଯୋଗ ଓ ସ୍ୱାସ୍ଥ୍ୟଜନିତ ସଚେତନତା ସେମାନଙ୍କ ପାଖରେ ପହଞ୍ଚିବାର ଗୁରୁଦାୟିତ୍ୱ ନିର୍ବାହ କଲେ ନିଜକୁ ଜଣେ ସମାଜର ଯଥାର୍ଥ ଜାଗ୍ରତ ପ୍ରହାରୀ ଓ ଉପଯୁକ୍ତ ନାଗରିକ ଭାବେ ଦାୟିତ୍ୱ ନିର୍ବାହ କରିପାରିବା। ଆସନ୍ତୁ ଆଜିପରି ଏକ ସ୍ମରଣୀୟ ଦିନରେ ଏହି ଦାୟିତ୍ୱର ସହଭାଗୀତାରେ ସମସ୍ତଙ୍କୁ ସାମିଲ କରି ଏକ ସୁନ୍ଦର ଓ ଉତ୍ତମ ଶିଶୁ ଯେ କି ଆଗାମୀ ଭବିଷ୍ୟତର ପ୍ରତୀକ ଏହାକୁ ବିବେଚନା କରି ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ ବଜାୟ ରଖିପାରିବା।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ,
ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ

# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବ୍ୟାସନଗରରେ ଜମିଦଲାଲଙ୍କ ଚରାଭୁଇଁ ପାଲିଟିଛି ଗୁଣ୍ଡା ବାହିନୀରେ ଜମି ବେପାର



**ବ୍ୟାସନଗର,(ମହାଭାରତ) :** ଯାଜପୁରରୋଡ଼ ଆଖପାଖ ଅଞ୍ଚଳରେ ଜମି ଦର ଆକାଶ ଛୁଆଁ। ଏଥିପାଇଁ ଜମି ଦଲାଲମାନେ ଘରୋଇ ଜମି ସହିତ ସରକାରୀ ଜମିକୁ ମଧ୍ୟ ପ୍ଲଟିଂ କରି କୋଟି କୋଟି ଟଙ୍କା ମୁନାଫା କରୁଛନ୍ତି। ବ୍ୟାସନଗର ତହସିଲର ବ୍ୟାପକ ଅଞ୍ଚଳ ବନ୍ଦୋବସ୍ତ ହୋଇନଥିବା ବେଳେ କେତେକ ମୁଷ୍ଟିମେୟ ଜମିଦଲାଲ ସରକାରୀ ଜମି ମାଡ଼ିବସି ବିକ୍ରି କରି ଚାଲିଛନ୍ତି। ବର୍ଷ ବର୍ଷ ଧରି ଲୋକମାନେ ଜଙ୍ଗଲ ଜମିରେ ଘର କରିଥିଲେ ହେଁ ସେମାନଙ୍କର ଜମିପଟ୍ଟା ଚୂଡ଼ାନ୍ତ ହୋଇପାରୁନାହିଁ। ଏହା ସୁଯୋଗରେ ଜଙ୍ଗଲ ଜମି ମାଡ଼ିବସିଥିବା କେତେକ ପ୍ରଭାବଶାଳୀ ବ୍ୟକ୍ତି ପ୍ଲଟି କରି ବିକ୍ରି କରୁଛନ୍ତି । ସହରର ଥାନା ଓ ଅଗ୍ନିଶମ କାର୍ଯ୍ୟାଳୟ ନିକଟରୁ ଉଚ୍ଛେଦ ହୋଇଥିବା ସରକାରୀ ଜମିକୁ ପୁଣି ଜମିଦଲାଲମାନେ କବଜା କରି ନେଇଛନ୍ତି ଯାଜପୁରରୋଡ ଥାନା ଓ ଅଗ୍ନିଶମ କାର୍ଯ୍ୟାଳୟ ନିକଟସ୍ଥ ଅଞ୍ଚଳରେ ଜବରଦଖଲ ହୋଇଥିବା ଜମିକୁ ବ୍ୟାସନଗର ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। (ତଳଗଡ଼ ଆରଆଇ ସର୍କଲର ଫାୟାର ଷ୍ଟେସନ ଛକରୁ ମିଲିଟାରି ଛକ ବ୍ୟାସନଗର ତହସିଲର ଜବରଦଖଲ ଉଚ୍ଛେଦ ଏକ ପ୍ରହସନ) ମଧ୍ୟରେ ଥିବା ନୟାଗଡ଼ ମୌଜାର ସରକାରୀ ଜମିକୁ ଆଂଶିକ ଉଚ୍ଛେଦ କରାଯାଇଥିଲା ଏବେ ପୁଣି ସେଠାରେ ଅଧିକ ସରକାରୀ ଜମି ଜବରଦଖଲ ହେବାରେ ଲାଗିଛି ! ସରକାରଙ୍କ ତରଫରୁ ଲାଗିଥିବା ଉଛେଦ ବୋର୍ଡକୁ ଜମିଦଲାଲ ନଷ୍ଟ କରିଦେଲେଣି ସେହିପରି ନୟାଗଡ଼ ଖେଳପଡ଼ିଆ ସମେତ ମୋଟ ୪୭ ଏକର ସରକାରୀ ଜମି ଜବରଦଖଲ କରାଯାଉଛି। ଏହି ଜମିକୁ ଉଦ୍ଧାର ପାଇଁ ଗ୍ରାମର ଯଶୋବନ୍ତ ଭୂୟାଁ, ଅଭିନ୍ନ କୁମାର ଜେନା ଓ ଶରତ ଚନ୍ଦ୍ର ଜେନା ସିନିୟର ଡିଭିଜନ କୋର୍ଟରେ ଏକ ମାମଲା କରିଥିଲେ। ଏଥିରେ ଯାଜପୁର ଜିଲ୍ଲାପାଳ,ବ୍ୟାସନଗର ତହସିଲଦାରଙ୍କ ସମେତ ୧୯ ଜଣଙ୍କ ନାମରେ ମାମଲା ହୋଇଛି !ଅଭିଯୋଗକାରୀ ଶରତ ଚନ୍ଦ୍ର ଜେନାଙ୍କ ମୃତ୍ୟୁ ହୋଇଗଲାଣି। ୧୩ ବର୍ଷ ବିତି ଯାଇଥିଲେ ହେଁ ମାମଲା ଫାଇଲ ତଳେ ଚାପି ହୋଇଯାଇଛି। ସେହିପରି ନଗୁଆଁ ମୌଜାର ଜଙ୍ଗଲ ଜମିକୁ ମଧ୍ୟ ଜବରଦଖଲ କରାଯାଇଛି। ଅଞ୍ଚଳବାସୀ ଜବରଦଖଲ ଉଚ୍ଛେଦ ପାଇଁ ତହସିଲ୍ ନିକଟରେ ଦାବି କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସୂଚନାଯୋଗ୍ୟ ବ୍ୟାସନଗର ତହସିଲ ଅଧୀନରେ ଥିବା ୮ ଟି ରାଜସ୍ୱ ସର୍କଲକୁ ୧୪ଟିରେ ପରିଣତ ହୋଇଛି। ପୂର୍ବରୁ ପଛିକୋଟ ସର୍କଲ ଅଧୀନସ୍ଥ ୨୭ ଟି ମୌଜାରେ ୪ ହଜାର ୮୨୨ ଏକର ସରକାରୀ ଜମି ଥିଲା। ଅଧିକାଂଶ ଜମି ଏବେ ଜବରଦଖଲରେ ରହିଛି ଜମି ପ୍ଲଟିଂ କରି ବିକ୍ରି କରିଥିବା ଦଲାଲ୍ ?ମାନେ ପ୍ରଶାସନକୁ ହାତ କରି ଜଳାଶୟ, ଅନାବାଦୀ ଓ ଜଙ୍ଗଲ ଜମିକୁ ମଧ୍ୟ ବିକ୍ରି କରିଚାଲିଛନ୍ତି। ସେହିପରି କନ୍ତର ସର୍କଲ ଅଧୀନସ୍ଥ ଶହଶହ ଏକର ଜମି ହଡ଼ପ ହୋଇଛି। ସେହିପରି କଣ୍ଟାଝରି ସର୍କଲ ଅଧୀନରେ ଥିବା ରମ୍ଭାସ,ଉମାପଦ,ମୁଣ୍ଡମାଳ,ବହୁ ମୂଲ୍ୟବାନ ସରକାରୀ ଜମି କିଣାବିକା ଚାଲିଛି। ଆଗାମୀ ଦିନରେ ଏହାକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଅଛି ।

## ଗୋରୁ ଚମଡା ବୋଝେଇ ଗାଡି ଜବତ



**ଯାଜପୁର,(ମହାଭାରତ) :** ଯାଜପୁର ଟାଉନ ମଟରଙ୍ଗା ପାଳ ନିକଟରେ ଗୋରୁ ଚମଡା ବୋଝେଇ ଗାଡି ଧରିଛନ୍ତି ସ୍ଥାନୀୟ ବଜରଙ୍ଗୀ ଭାଇମାନେ, ବର୍ତମାନ ପୋଲିସ ଅଧିକାରୀ ଉକ୍ତ ସ୍ଥାନରେ ପହଞ୍ଚି ତଦନ୍ତ ଆରମ୍ଭ କରୁଛନ୍ତି । ଯାହାଲେଖିଛି ବିଷୟ ଲେଖିଦେବ ସେଥିରେ ସ୍ଥାନ ଏଥରେ ଅଛି, ଖାଲି ନାଁ ଦେଇଦେଉଛି । ଜିଲ୍ଲା ଗୋରକ୍ଷା ପ୍ରମୁଖ -ମୃତ୍ୟୁଞ୍ଜୟ ପଟ୍ଟନାୟକ, ଜିଲ୍ଲା ସୁରକ୍ଷା ପ୍ରମୁଖ ବାଡଲ ନାୟକ, ଯାଜପୁର ପ୍ରଖଣ୍ଡ ସଂଯୋଜକ ଦେବବ୍ରତ ମିଶ୍ର, ଯାଜପୁର ପ୍ରଖଣ୍ଡ ସହସଂଯୋଜକ ଚିନ୍ମୟ ପରିଡା, ଦେବାଶିଷ ପରିଡା, କୁଳମଣି ପରିଡା, ପ୍ରିୟବ୍ରତ ପଣ୍ଡାଙ୍କ ସହିତ ପ୍ରାୟ ଶତାଧିକ ବଜରଙ୍ଗୀ କର୍ମୀ ଉପସ୍ଥିତ ଥିଲେ, ଖବର ପାଇ ଯାଜପୁର ଏସଡ଼ିପିଓ ସୁବ୍ରତ ଲେଙ୍କା ପହଞ୍ଚି ଉତ୍ତେଜନା ଆୟତ କରିଥିଲେ ।

## ଘରୋଇ ଟ୍ୟୁସନ୍ ନ ଗଲେ ମାର୍କ କାଟି ଦେବା ଘଟଣା

# ତଦନ୍ତ ପାଇଁ ଗଠନ ହେଲା ଟିମ୍

### ■ କଲେଜ ଅଧ୍ୟକ୍ଷ ମାନଙ୍କ ବୈଠକ ଡାକିଲେ ଡିଇଓ

**ନୟାଗଡ,(ମହାଭାରତ) :** ପୁଣି ଥରେ ଚର୍ଚ୍ଚାକୁ ଆସିଛି ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ। ଘରୋଇ ଟ୍ୟୁସନ୍ ?କୁ ଯାଉଥିବା କଲେଜର ଅଧ୍ୟାପକ ଅଧ୍ୟାପିକାଙ୍କ କଥା କଲେଜ ଛାତ୍ର ଛାତ୍ରୀ ନ ମାନିଲେ ଜାଣିଶୁଣି ପରିକ୍ଷା ଫଳାଫଳ ରେ ନମ୍ବର କାଟି ଦିଆଯାଉଥିବା ସଂକ୍ରାନ୍ତରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏ ନେଇ ଯୁକ୍ତ ୩ ବିଜ୍ଞାନ ପ୍ରଥମ ବର୍ଷର ଜଣେ ଛାତ୍ରୀ ମଧ୍ୟ ଅଧ୍ୟକ୍ଷଙ୍କ ନିକଟରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହାପରେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ କଲେଜ ଅଧ୍ୟକ୍ଷ ଏକ ଟିମ୍ ଗଠନ କରିଛନ୍ତି। ଆଗାମୀ ସାତ ଦିନ ଭିତରେ ଏହି ଟିମ୍ ରିପୋର୍ଟ ଦେବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ। ଯଦି ସତରେ କଲେଜର କୌଣସି ଅଧ୍ୟାପକ କିମ୍ବା ଅଧ୍ୟାପିକାଙ୍କ ଏଥିରେ ସମ୍ପୃକ୍ତି ଜଣାପଡ଼େ ତେବେ ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ ବିପିନ କୁମାର ପଟ୍ଟନାୟକ କହିଛନ୍ତି। ଅଧ୍ୟକ୍ଷଙ୍କୁ ଛାତ୍ରୀ ଜଣକ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସେ ଯୁକ୍ତ ତିନି ପ୍ରଥମ ବର୍ଷ କମ୍ପ୍ୟୁଟର ସାଇନ୍ସ(ସ୍ନାତକ) ଛାତ୍ରୀ। ତାଙ୍କର ବାହାର କଲେଜରେ ମୂଲ୍ୟାୟନ ହୋଇଥିବା ଥିଓରି ଖାତାରେ ସେ ୬୦ ନମ୍ବରରୁ ୫୧ ପାଇଛନ୍ତି। ଅର୍ଥାତ ସେ ସେଥିରେ ୯୦% ନମ୍ବର ରଖିଥିବା ବେଳେ କଲେଜରେ ମୂଲ୍ୟାୟନ ହୋଇଥିବା ଇଣ୍ଟ ?ନାଲ ପାଠ୍ୟକ୍ରମରେ ତାଙ୍କ ନମ୍ବର୍ ଜାଣିଶୁଣି କମାଇ ଦିଆଯାଇଛି। ତାଙ୍କୁ ୧୫ ନମ୍ବରରୁ ମାତ୍ର ୬ ଦିଆଯାଇଥିବା ଦେଖି ସେ ଏହାକୁ ବିଶ୍ୱାସ କରିପାରୁ ନାହାନ୍ତି। ମାତ୍ର ଘରୋଇ ଟ୍ୟୁସନ୍ ହେଉଥିବା ଛାତ୍ରଛାତ୍ରୀ ମାନଙ୍କୁ ଭଲ ନମ୍ବର ଦିଆଯାଇଛି। କମ୍ପ୍ୟୁଟର ସାଇନସ୍ ବିଭାଗର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଠିକ୍ ଭାବେ ଶ୍ରେଣୀରେ ଉପସ୍ଥିତ ରହୁନଥିବା ବେଳେ ସମସ୍ତ ପାଠ୍ୟକ୍ରମକୁ ମଧ୍ୟ ଶେଷ କରୁ ନାହାନ୍ତି। ସମସ୍ତେ ଘରୋଇ ଟ୍ୟୁସନ୍‌କୁ ଯାଉଥିବା ବେଳେ ଆଉ କିଛି ଛାତ୍ରଛାତ୍ରୀ ସେମାନଙ୍କ ଘରେ ଛାତ୍ରଛାତ୍ରୀ ମାନଙ୍କୁ ଟ୍ୟୁସନ୍ କରୁଛନ୍ତି। ଏହି ପାଠ୍ୟକ୍ରମରେ ପ୍ରାକ୍ଟିକାଲ ପାଇଁ ଲ୍ୟାବ୍ ନିଶ୍ଚିତ ଭାବେ ଆବଶ୍ୟକ ରହିଥିବା ବେଳେ ଅଧିକାଂଶ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉ ନାହିଁ। ଏଣୁ ଏହି ଘଟଣାର ତଦନ୍ତ କରି ଏଥିରେ ଯାହାର ବି ସମ୍ପୃକ୍ତି ଆସୁଛି, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ଏ ନେଇ କଲେଜ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କହନ୍ତି ଯେ, ଏଠାରେ ପାଞ୍ଚ ହଜାରରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ଏମିତି ଗୋଟିଏ ଅଭିଯୋଗ ଆସିଛି। ଏହାକୁ ମଧ୍ୟ ଗୁରୁତ୍ୱର ସହ ନିଆଯିବ। ମାତ୍ର କଲେଜ ସମୟ ମଧ୍ୟରେ କୌଣସି ଅଧ୍ୟାପକ ଅଧ୍ୟାପିକା ଘରୋଇ ଟ୍ୟୁସନ୍‌କୁ ଯିବେ ନାହିଁ ବୋଲି ନିୟମ ରହିଛି। ଏଣୁ ତଦନ୍ତ ରିପୋର୍ଟ ଆସିଲେ ସବୁ କିଛି ସ୍ପଷ୍ଟ ହୋଇଯିବ। ସେହିପରି କଲେଜରେ ଏଭଳି ଅଭିଯୋଗ ଆସିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର



ପ୍ରକାଶିତ ପରେ ତତ୍ପର ହୋଇଉଠିଛି ଜିଲ୍ଲା ଶିକ୍ଷା ବିଭାଗ। ଅଧିକାଂଶ କଲେଜର ଅଧ୍ୟାପକ ଓ ଅଧ୍ୟାପିକା ଏବେ ଘରୋଇ କୋଚିଂ ସେଣ୍ଟ ?ମୁହାଁ। ଏ ନେଇ ଯୁକ୍ତ ତିନି ବିଜ୍ଞାନ ବିଭାଗର ଜଣେ ଛାତ୍ରୀଙ୍କ ଅଭିଯୋଗ ପରେ ଏବେ ଅନ୍ୟ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନେ ମଧ୍ୟ ପାଟି ଫିଟାଇବା ଆରମ୍ଭ କଲେଣି। କେବଳ ଯୁକ୍ତ ତିନି ନୁହେଁ, ଯୁକ୍ତ ଦୁଇ ଛାତ୍ରଛାତ୍ରୀ ମଧ୍ୟ ସମାନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ଉଠିଲାଣି। ବହୁ ସମୟରେ କିଛି ଛାତ୍ରଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହେଉଥିବା ନେଇ ଚର୍ଚ୍ଚା ହେଉଛି। ଏଣୁ ଏ ସମସ୍ତ ଘଟଣାକୁ ନେଇ ଜିଲ୍ଲାରେ ଥିବା ୪୧ ଯୁକ୍ତ ଦୁଇ କଲେଜର ଅଧ୍ୟକ୍ଷଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। କଲେଜର ଅଧ୍ୟାପକ ଓ ଅଧ୍ୟାପିକା ମାନେ ଘରୋଇ ଟ୍ୟୁସନ୍ ଯାଉଥିବା ନେଇ ଆସୁଥିବା ଅଭିଯୋଗ ନୂଆ ନୁହେଁ ବାସ୍ତବରେ ନିଯୁକ୍ତି ମିଳିବା ପରେ ଘରୋଇ ଟ୍ୟୁସନ୍ କରିବେ ନାହିଁ ବୋଲି ସେମାନେ ସମସ୍ତେ ଚୁକ୍ତି କରୁଛନ୍ତି। ମାତ୍ର ଏହା କେତେ ଦୂର କାର୍ଯ୍ୟକାରୀ ହେଉଛି, ଏହାର ତଦାରଖ ହେଉନାହିଁ। କୌଣସି କଲେଜରେ ଏ ନେଇ ମଧ୍ୟ ଟିମ୍ ଗଠନ କରାଯାଉ ନାହିଁ। ଅଧିକାଂଶ ସମୟରେ ପାଠ୍ୟକ୍ରମ ସମ୍ପୂର୍ଣ୍ଣ ଶେଷ ହେଉନଥିବା ନେଇ ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ପରିଣାମ ସ୍ୱରୁପ ସହରରେ ନୂଆ ନୂଆ କୋଚିଂ ସେଣ୍ଟର ଖୋଲି ଚାଲିଛି। ଏପଟେ କଲେଜରେ ପାଠ ପଢ଼ା ହେଉନଥିବାରୁ ପରୀକ୍ଷା ଫଳ ଖରାପ ହେବା ଆଶଙ୍କାରେ ଛାତ୍ରଛାତ୍ରୀ ମାନେ ଘରୋଇ କୋଚିଂ ସେଣ୍ଟର ନଚେତ ଅଧ୍ୟାପକ ମାନଙ୍କ ଘରକୁ ଯାଇ ଟ୍ୟୁସନ ହେଉଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତି ପଟ୍ଟନାୟକଙ୍କ ସୂଚନା ମୁତାବକ, ଖୁବଶୀଘ୍ର ଏ ନେଇ ଏକ ବୈଠକ କରାଯିବ। ଜିଲ୍ଲାରେ ଥିବା ୪୧ ଯୁକ୍ତ ଦୁଇ କଲେଜର ଅଧ୍ୟକ୍ଷ ମାନଙ୍କୁ ଏହି ବୈଠକକୁ ଡକାଯାଇ ଘଟଣା ସମ୍ପର୍କରେ ଆଲୋଚନା କରା ?ଯିବ। ଘରୋଇ ଟ୍ୟୁସନ୍ ?କୁ କଲେଜ ଅଧ୍ୟାପକ ଓ ଅଧ୍ୟାପିକ ମାନଙ୍କର ଯିବା ଉପରେ ସମ୍ପୂର୍ଣ୍ଣ କଟକଣା ରହିଛି। ଏଣୁ ଏ ଦିଗରେ ବିଭାଗ ନିଶ୍ଚିତ ଭାବେ କଠୋର ହେବ। ଏହା ସହ ଅଶ୍ଳୀଳ ଭିଡିଓ ଭାଇରାଲ ମାମଲାରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ନେବା ସମ୍ପର୍କରେ ବୈଠକରେ ଆଲୋଚନା କରାଯିବ।

## ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍



**ପାରାଦୀପ,(ମହାଭାରତ) :** ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲ୍‌ରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୁର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଟ କମାଣ୍ଡର ଗୌରବ ଜଗନାନୀ ମକ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଶିଶୁ ଶ୍ରମିକ ନିରାକରଣ ଶୋଭା ଯାତ୍ରା



**ଦେବଗଡ,(ମହାଭାରତ) :** ଦେବଗଡ ଜିଲ୍ଲାରେ,ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁ ଶ୍ରମିକ ପାଇଁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦେବଗଡ ଜିଲ୍ଲାରେ ଥିବା ପୁରୁଣା ଜିଲ୍ଲାପାଳ ଙ୍କକାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନଙ୍କ ତତ୍ୱାବଧାନରେ ବାହାରି ଥିବା ସଚେତନତା ରଥ ଓ ଛାତ୍ରଛାତ୍ରୀ ମାନଙ୍କ ଶୋଭାଯାତ୍ରାକୁ ଉପଜିଲ୍ଲାପାଳ ପରକ୍ଷିତ ସାହୁ ସବୁଜ ପତାକା ଦେଖାଇ ଏହି ଶୋଭା କୁ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ସହର ପରିକ୍ରମା କରି ରଥଟି ବ୍ଲକର ସମସ୍ତ ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରେରଣ କରିବ । ୧୪ ବର୍ଷ ପୂର୍ଣ୍ଣ ହୋଇନଥିବା ଶିଶୁକୁ କୌଣସି ପ୍ରକାର ବୃତ୍ତି ଓ ପ୍ରକ୍ରିୟାରେ ତଥା ୧୫ ବର୍ଷ ବୟସରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦ ସଙ୍କୁଳ ବୃତ୍ତି ଏବଂ ପକ୍ରିୟାରେ ନିୟୋଜନ କରିବା ଏକ ଧାତବ୍ୟ ଅପରାଧ ଅଟେ । ଏହି ପରି ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଜରିମାନା ଓ କାରାଦଣ୍ଡ ଭୋଗିବାକୁ ପଡ଼ିଥାଏ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ, ଶିଶୁ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ସହକାରୀ ଶ୍ରମ ଅଧିକାରୀ ମଞ୍ଜିତ ସୁରୁପୁ, ଜିଲ୍ଲା ଶ୍ରମ ବିଭାଗର କର୍ମଚାରୀ ରତନ କୁମାର ରାଏ, ଅମିତ୍ ନାୟକ , ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏହି ଶୋଭାଯାତ୍ରା ରେ ଯୋଗଦାନ କରିଥିଲୋ।

## ସାମ୍ବାଦିକଙ୍କ ପିତୃ ବିୟୋଗରେ ଶୋକ



**ଦାନଗଦୀ,(ମହାଭାରତ) :** ଦାନଗଦୀ ବ୍ଲକ ଟମକା ଥାନା ଅନ୍ତର୍ଗତ ପାଟବାଲି ଗାଁ ର ଯୁବ ସାମ୍ବାଦିକ ଅଜୟ ଦେହୁରୀଙ୍କ ପିତା ଙ୍କର ପରଲୋକ ହୋଇଯାଇଛି, ତାଙ୍କ ପିତା ମଙ୍ଗୁଳି ଦେହୁରୀ (୫୮) ଙ୍କର କିଛି ଦିନ ପୂର୍ବେ ବ୍ରେନ ଷ୍ଟ୍ରୋକ ହୋଇଯାଇଥିଲା, ସେ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ, ଗତକାଲି ରାତିରେ ନିଜ ଗାଁ ପାଟବାଲି କୁ ଆସିଥିଲେ, ଆଜି ସକାଳ ୯ ଟା ସମୟରେ ହଟାତ ଘରେ ଥିବା ସମୟରେ ଅସୁସ୍ଥ ଅନୁଭବ କଲେ ଓ ତାପରେ ପରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା, ସେ ଜଣେ ମେଳାପୀ, ଧରମ୍ପରାୟଣ ବ୍ୟକ୍ତି ଥିଲେ, ତାଙ୍କ ମୃତ୍ୟୁର ଖବର ପରେ ଟମକା ଅଞ୍ଚଳ ରେ ଶୋକର ଛାୟା ଖେଳି ଯାଇଥିଲା, ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାର ବର୍ଗ, ତିନି ପୁଅ, ବନ୍ଧୁ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ, ଏକ ଶୋକାକୁଳ ପରିବେଶ ରେ ଗ୍ରାମ ମଶାଣି ରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା, ବଡ଼ ପୁଅ ଅଶୋକ ମୁଖାଗ୍ନି ଦେଇଥିଲେ, ମଝିଆଁ ପୁଅ ଅଜୟ କଳିଙ୍ଗନଗର ପ୍ରେସ ଫୋରମ ର ଜଣେ ସଦସ୍ୟ ଥିବା ବେଳେ ତାଙ୍କ ପିତାଙ୍କ ପରଲୋକ ରେ କଳିଙ୍ଗନଗର ପ୍ରେସ ଫୋରମ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ଗଭୀର ଶୋକ ପ୍ରକାଶ କରାଯାଇଛି, ଶୋକ ସନ୍ତପ୍ତ ପରିବାର ବର୍ଗକୁ ସାନ୍ତ୍ୱନା ଦିଆଯାଇଛି।

## ଖଡ଼ଖାଇ ନଦୀରୁ ବେନିୟମ ବାଲି ଚରା ଚାଲାଣ



**ରାଇରଙ୍ଗପୁର,(ମହାଭାରତ) :** ଖଡଖାଇ ନଦୀରୁ ବେନିୟମ ବାଲି ଚରା ଚାଲାଣ ହେଉଥିବା ବେଳେ ରାଇରଙ୍ଗପୁର ପ୍ରସାଶନ ଓ ପୋଲିସ ପ୍ରଶାସନ ନିରବ ବସିଛନ୍ତି । ଚାଲିଥିଲା ପ୍ରସାଶନର ଚରାପିରତି ହେଲେ ସବୁ ରାତିଚୋରଙ୍କ ପାଇଁ ଅନ୍ଧାର ଥିବାବେଳେ ରାତିର ଅନ୍ଧାରର ସୁଯୋଗ ନେଇ ଚାଲିଛି ବାଲିଚରା ଚାଲାଣ । ଖଡଖାଇ ନଦୀରୁ ଜେସିପି ଦ୍ୱାରା ଲୋଡ଼ କରି ଟ୍ରାକ୍ଟର ଦ୍ୱାରା ଶହ ଶହ ବେଆଇନ ବାଲି ଚାଲାଣ ହେଉଥିବା ଦେଖିବାକୁ ମିଳୁଛି ରାଇରଙ୍ଗପୁର ଥାନା ପୁରୁଣାପାଣି ପଞ୍ଚାୟତ ଅଧୀନସ୍ତ ତାମଳବନ୍ଧ ନଦୀ ରୁ ମଧ୍ୟ ଖୁଲମଖୁଲା ଆଇନ ଅମାନ୍ୟ କରି ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ବାଲି ମାଫିଆ ମାନେ ହଡ଼ପ କରିବା ଦେଖିବାକୁ ମିଳୁଛି। ଏ ବିଷୟରେ ବାରମ୍ବାର ଉପ ଜିଲ୍ଲାପାଳ ଏବଂ ପୋଲିସ ପ୍ରଶାସନ ଙ୍କୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବାଲି ମାଫିଆ ମାନଙ୍କ ଉପରେ କିଛି କାର୍ଯ୍ୟ ନୁଷ୍ଠାନ ଗ୍ରହଣ ନ କରି ନୀରବ ରହିବା ଜନସାଧାରଣ ମନରେ ସନ୍ଦେହ ସୃଷ୍ଟି କରୁଛି। ତେଣୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଙ୍କୁ ଜନସାଧାରଣ ତାମଳବନ୍ଧ ବାଲି ଘାଟକୁ ଲିଜ କରାଯିବା ସହିତ ଯେତେ ପର୍ଯ୍ୟନ୍ତ ଲିଜ ନ ହୋଇଛି, ନଦୀ ଘାଟରୁ ବାଲି ଚୋରା ଚାଲାଣ କୁ ରକିବା ପାଇଁ ପ୍ରଶାସନ ଓ ପୋଲିସ ପ୍ରଶାସନ କୁ କଡା ନିର୍ଦ୍ଦେଶ ଦେବା ପାଇଁ ରାଇରଙ୍ଗପୁର ର ଜନସାଧାରଣ ଗୁହାରି କରିବା ସହିତ କଡ଼ା କଡି ଭାବେ ପୋଲିସ ପାଟ୍ରୋଲିଙ୍ଗ ହେଲେ ସରକାରଙ୍କ ରାଜସ୍ୱ ବଂଚିବା ସହିତ ବାଲି ମାଫିଆ ଙ୍କ ପ୍ରାଦୁର୍ଭାବ ଲୋପ ପାଇବ ବୋଲି ଜନସାଧାରଣରେ ଚର୍ଚ୍ଚ ଚାଲିଛି । ଏଥିରେ ମୟୁରଭଞ୍ଜର ମାଇନିଙ୍ଗ ବିଭାଗ ର ଅଧିକାରି ଏବଂ ବାଲି ମାଫିଆ ମାନଙ୍କ ସହିତ ମିଶି ରାଜସ୍ୱ ଲୁଟ କରୁଥିବା ଜନସାଧାରଣ ରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି।

## ବିଜେପି ତରଫରୁ କଳା ଦିବସ ପାଳିତ

**ଅନୁଗୋଳ,(ମହାଭାରତ) :** ଅନୁଗୋଳ ସ୍ଥିତ ବିଜେପି ର ଜିଲ୍ଲା କାର୍ଯ୍ୟଳୟ ଠାରେ ବିଜେପି ତରଫରୁ ଜରୁରୀକାଳୀନ ପରିସ୍ଥିତି କୁ କଳା ଦିବସ ଭାବେ ପାଳନ କରାଯାଇଛି। ବିଜେପି ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କଳା ଦିବସ ରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ , ମୁଖ୍ୟ ବକ୍ତା ଭାବରେ ଅନୁଗୋଳ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ପୂର୍ବତନ ଅଧ୍ୟକ୍ଷ ଶାନ୍ତନୁ ସର ଯୋଗ ଦେଇ କାହିଁକି ଓ କେଉଁ ପରିସ୍ଥିତ ରେ ଜରୁରୀକାଳୀନ ପରିସ୍ଥିତ ଭାରତରେ ପ୍ରୟୋଗ କରାଗଲା ସେ ବିଷୟରେ ସୁଚନା ପ୍ରଦାନ କରିଥିଲେ , ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବିଶିଷ୍ଟ ଶିକ୍ଷବିତ୍ ଅକ୍ଷୟ ପଟ୍ଟନାୟକ ଓ ଦିଲ୍ଲିପ ପ୍ରଧାନ ଯୋଗ ଦେଇଥିଲେ । ୩୫୨ ଧାରା ଅନୁଯାୟୀ ଜାତୀୟ ଜରୁରୀକାଳୀନ ପରିସ୍ଥିତି କୁ ରାଷ୍ଟ୍ରପତି ଦେଶରେ ଯେତେବେଳେ ସୁରକ୍ଷା କିମ୍ବା ଏହାର ଏକ ଅଂଶ ଯୁଦ୍ଧ କିମ୍ବା ବାହ୍ୟ ଆକ୍ରୋଶ କିମ୍ବା ସଶସ୍ତ୍ର ବିଦ୍ରୋହ ଦ୍ୱାରା ବିପଦଗ୍ରସ୍ତ ହୁଏ ସେହି ପରିସ୍ଥିତ କୁ ନେଇ ଏହି ଧାରା କୁ ଦେଶ ରେ ଲାଗୁ କରିବାର ବ୍ୟବସ୍ଥା ଥିବାବେଳେ , ସେତେବେଳେ ର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନିଜର ଆଭିମୁଖ୍ୟ କୁ ପ୍ରତିପାଦିତ କରିବା ପାଇଁ ୧୯୭୫ ଜୁନ ମାସ ୨୫ ତାରିଖ ରେ ଏହି ଜାତୀୟ ଜରୁରୀକାଳୀନ ପରିସ୍ଥିତି ଲାଗୁ କରି ଦେଶ କୁ ଗଣତନ୍ତ୍ର ର ଅନ୍ଧକାର ମଧ୍ୟକୁ ଠେଲି ଦେଇଥିଲେ । ଯାହା ଫଳରେ ସାମାଜିକ କର୍ମୀ ମାନଙ୍କ ଠାରୁ ଆରମ୍ଭ କରି ରାଜନୈତିକ , ସମାଲୋଚନା କାରୀ , ଅଣକଂଗ୍ରେସ କର୍ମୀ ମାନଙ୍କୁ ସେମାନଙ୍କ ମୌଳିକ ଅଧିକାର ରୁ ବଞ୍ଚିତ କରି ଗିରଫ କରାଯାଇ ଜେଲ ର ଅନ୍ଧକାର ମଧ୍ୟକୁ ପଠାଇ ଦିଆଯାଇଥିଲା , ଯାହାକୁ ପରବର୍ତ୍ତୀ ସମୟରେ ଏଭଳି ଏକ ଭୟଙ୍କର ପରିସ୍ଥିତି କୁ ମନେ ରଖିବା ପାଇଁ କଳା ଦିବସ ରୂପେ ପାଳନ କରୁଛନ୍ତି ।




## ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ ବଳ ସାମନ୍ତ

**ଦାନଗଦି,(ମହାଭାରତ) :** ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳସାମନ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ଙ୍କ ସହିତ ପରିଚିତ ହେବାସହ ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ସେବା, କୃଷକ କଲ୍ୟାଣ, ଖାଦ୍ୟ ସୁରକ୍ଷା ଯୋଜନା, ସାମାଜିକ ନିରାପତ୍ତା ଯୋଜନା, ମହିଳା ଓ ଶିଶୁ ବିକାଶ ଯୋଜନା ସହିତ ଗ୍ରାମାଞ୍ଚଳ ବିକାଶ ପାଇଁ ହେଉଥିବା ବିଭିନ୍ନ ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ଉନ୍ନୟନ ମୂଳକ କାର୍ଯ୍ୟରେ ପଞ୍ଚାୟତ ର ନିର୍ବାଚିତ ପ୍ରତିନିଧି ମାନଙ୍କୁ ସାମିଲ କରାଯାଉ ନଥିବା ସରପଞ୍ଚ ଓ ସମିତି ସଭ୍ୟ ମାନେ ଅଭିଯୋଗ ଉଠାଇଥିଲେ । ଦଳୀୟ ଭିତ୍ତି ରେ ପଞ୍ଚାୟତ ରେ ଉନ୍ନତି ମୂଳକ କାର୍ଯ୍ୟ ହେଉଥିବା ଅଭିଯୋଗ ଉଠିବାରୁ ମନ୍ତ୍ରୀ ଏବେ ରାଜନୀତି ଛାଡି ବିଭାଗୀୟ ଅଧିକାରୀ ମାନେ ସେବା ନିତୀ ରେ ବ୍ରତୀ ହୁଅନ୍ତୁ ବୋଲି କହିଥିଲେ। ବୈଠକରେ ଗ୍ରାମ୍ୟ ଜଳ ଯୋଗାଣ, ବିଦ୍ୟୁତ୍ ସେବା ଓ ବନ ବିଭାଗର ପାର୍କ ନିର୍ମାଣ କାର୍ଯ୍ୟଧାରା ଉପରେ ଉପସ୍ଥିତ ନିର୍ବାଚିତ ପ୍ରତିନିଧି ମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ଅବସରରେ ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଦାନଗଦି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅର୍ଚନା ଦାସ, ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, ଜିଲା ପରିଷଦ ସଭ୍ୟା ଟିନା ହାଇବୃ, ସ୍ମୃତିରାଣୀ ରାଉତ, ତହସିଲଦାର ଅଶୋକ କୁମାର ତ୍ରିପାଠୀ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ମନ୍ତ୍ରୀଙ୍କ ପ୍ରଥମ ଦାନଗଦି ବ୍ଲକ ଗସ୍ତ ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ଥାନୀୟ ଲୋକେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ବାଲିଗୁଡାରେ ବିଜେପି ପକ୍ଷରୁ କଳା ଦିବସ ପାଳିତ

**ବାଲିଗୁଡା, (ମହାଭାରତ) :** ଭାରତୀୟ ଜନତା ପାର୍ଟି ପକ୍ଷରୁ ବାଲିଗୁଡା ବିଧାନସଭା କ୍ଷେତ୍ର ର କୋଟଗଡ ଓ ତୁମୁଡିବନ୍ଧ ମଣ୍ଡଳ ରେ କଳା ଦିବସ ପାଳିତ ହୋଇଯାଇଛି । କୋଟଗଡ ମଣ୍ଡଳ ସଭାପତି ପ୍ରକାଶ ସୁବୁଦ୍ଧି ଙ୍କ ସଭାପତିତ୍ୱ ରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ରେ ଏହି କଳା ଦିବସ ପାଳନ କରାଯାଇଛି । ୧୯୭୫ ମସିହା ଜୁନ ୨୫ ତାରିଖ ଆଜିର ଦିନରେ କଂଗ୍ରେସ ସରକାର କ୍ଷମତା ରେ ରହିବା ପାଇଁ ଭାରତୀୟ ଗଣତନ୍ତ୍ରର ଏକ କଳା ଦିବସ ସୃଷ୍ଟି କରିବା ସହ ଜରୁରୀ କାଳୀନ ପରିସ୍ଥିତି ଜାରୀ କରିଥିଲେ । ବିରୋଧୀ ଦଳ ନେତାଙ୍କୁ ଜେଲ ହାଜତକୁ ପଠାଇଥିଲେ । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ସେହି ଦିନକୁ କଳା ଦିବସ ଭାବେ ପାଳନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ବାଲିଗୁଡା ପୂର୍ବତନ ବିଧାୟକ କରେନ୍ଦ୍ର ମାଝି ଙ୍କ ସମେତ ସାଧାରଣ ସମ୍ପାଦକ ପ୍ରତାପ ନାୟକ , ମୋହନ ବଳିଆରସିଂ ,ବିରଞ୍ଚି ଗାଉଣ୍ଟିଆ ,ବେଲଘର ସରପଞ୍ଚ ଗୋବିନ୍ଦ ମାଝି ସୁଜିତ ଦଲାଇମାଝି ଚିନିବର ବଳିଆରସିଂ ,ପିତର ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ । ସେହି ଭଳି ତୁମୁଡିବନ୍ଧ ମଣ୍ଡଳ ସାଧାରଣ ସମ୍ପାଦକ ଯଶବନ୍ତ ମାଝି ଙ୍କ ସଭାପତିତ୍ୱ ରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ରେ କଳା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବେଲଘର ସରପଞ୍ଚ ଗୋବିନ୍ଦ ମାଝି ଙ୍କ ସମେତ ବଳଦେବ ନାୟକ,ପବିତ୍ର ବେହେରା, ଯୁବ ମୋର୍ଚ୍ଚା ସଭାପତି ଶଙ୍କର ବଡନାୟକ, ଗଙ୍ଗାଧର ଗରଡିଆ , ପିଟକୁ ମାଝି , ସରୋଜ ନାୟକ, ନନ୍ଦ କିଶୋର ନାୟକ, ନୃସିଂହ ପାତ୍ର ,ଟୁନୁ କାନ୍ତ ପାତ୍ର, ଅନନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଲୋକଙ୍କ ମୁହଁରେ ହସ ଫୁଟାଉଛନ୍ତି ଦୀପକ



**ଢେଙ୍କାନାଳ, (ମହାଭାରତ) :** ବର୍ତ୍ତମାନ ସମୟରେ ମୋବାଇଲ୍ ଓ ସୋସିଆଲ୍ ମିଡ଼ିଆକୁ ଯୁବଗୋଷ୍ଠୀ ମନୋରଂଜନର ମାଧ୍ୟମ ଭାବେ ବାଛି ନେଇଥିବା ବେଳେ ଜଣେ ଉଚ୍ଚଶିକ୍ଷିତ ଯୁବକ ଏହାକୁ ଆୟୁଧ କରି ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିପାରୁଛନ୍ତି। କେବଳ ଢେଙ୍କାନାଳ ନୁହେଁ ରାଜ୍ୟର ବିଭିନ୍ନ ଅଞ୍ଚଳର ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ସମସ୍ୟା ସମ୍ପର୍କରେ ସେ ପ୍ରଶାସନକୁ ଟୁଇଟ୍ କରି ସମାଧାନ କରିବାରେ ସକ୍ଷମ ହୋଇଛନ୍ତି। ସେ ସାମାଜିକ ଗଣମାଧ୍ୟମ ଟୁଇଟର୍ ମାଧ୍ୟମରେ ଗତ ୨ ବର୍ଷ ମଧ୍ୟରେ ଅନେକ ସମସ୍ୟାର ସମାଧାନ କରିବାରେ ସଫଳ ହୋଇ ପାରିଛନ୍ତି। ପେଶାରେ ସେ ଜଣେ ଲେଖକ ହୋଇଥିଲେ ମଧ୍ୟ ନିଜର ବ୍ୟସ୍ତ ବହୁଳ ସମୟ ଭିତରୁ ସମୟ ବାହାର କରି ଲୋକ ଙ୍କ ସମସ୍ୟା କୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ କରୁଛନ୍ତି । ଏହି ଯୁବକ ଜଣଙ୍କ ହେଉଛନ୍ତି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ଗଣ୍ଡାନାଳୀ ଗ୍ରାମର ଲକ୍ଷ୍ମଣ ନାଏକ ଓ ମିନତୀ ନାଏକ ଙ୍କ ଜ୍ୟେଷ୍ଠ ପୁତ୍ର ଦୀପକ କୁମାର ନାଏକ। ତାଙ୍କ ଟୁଇଟ୍ ଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇପାରୁଥିବାରୁ ସେ ଏବେ ଟୁଇଟର୍ ଇକ୍ଟଛ ଭାବେ ବେଶ୍ ପରିଚିତ। ଗରିବ ଲୋକଙ୍କ ଭତ୍ତା, ରୋଗୀଙ୍କୁ ଚିକିତ୍ସା ସୁବିଧା,ରକ୍ତ ଯୋଗାଡ଼, ରାସ୍ତା ଏବଂ ପାଣି ସମସ୍ୟାର ସମାଧାନ ତାଙ୍କ ଟୁଇଟ୍ ମାଧ୍ୟମରେ ହେଇଯାଉଛି। ଲୋକେ ନିଜ ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଅବଗତ କରିବା ପାଇଁ ଦୀପକ ଙ୍କ ପାଖରେ ପହଞ୍ଚୁଛନ୍ତି। ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ସେ ତତ୍କାଳ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଙ୍କ ପର୍ଯ୍ୟନ୍ତ ଟୁଇଟ୍ ମାଧ୍ୟମରେ ଜଣାଇ ଦେଉଛନ୍ତି। ଏମିତିକି ସମସ୍ୟା ସମାଧାନ ହେବା ପର୍ଯ୍ୟନ୍ତ ଦୀପକ ପ୍ରଶାସନ ସହ ଯୋଗାଯୋଗରେ ରହିଥାଆନ୍ତି। ତାହା ସମାଧାନ ହେବା ପରେ ଫେସବୁକ୍ ମାଧ୍ୟମରେ ଲୋକ ଙ୍କ ସଚେତନତା ଉଦ୍ଦେଶ୍ୟରେ ପୋଷ୍ଟ କରିଥାଆନ୍ତି। ଏ ସମ୍ପର୍କରେ ଦୀପକ ଙ୍କୁ ପଚାରିବାରେ ସେ କୁହନ୍ତି ମାନବ ସେବା ହିଁ ମାଧବ ସେବା , ମୁଁ ମୋ ଜୀବନ କୁ ସମାଜ ସେବାରେ ଉତ୍ସର୍ଗ କରିଦେଇଛି।

## ସମସ୍ୟା ଘେରରେ ଆଦର୍ଶ ବିଦ୍ୟାଳୟ

# ୫ ବର୍ଷ ପରେ ମଧ୍ୟ ନାହିଁ ମୌଳିକ ସୁବିଧା, ଛାତ୍ରାବାସ ଏବଂ ସୁରକ୍ଷା ପ୍ରାଚେରି ନିର୍ମାଣ କାଗଜପତ୍ରରେ

ଖଣ୍ଡପଡ଼ା, ( ମହାଭାରତ ) : ଖଣ୍ଡପଡ଼ା ସହରାଞ୍ଚଳରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟଟି ଅନେକ ସମସ୍ୟା ଘେର ଭିତରେ ରହିଥିବା ଅଭିଯୋଗ ହୋଇଛି। ଜିଲ୍ଲାରେ ସର୍ବମୋଟ ୬ ଟି ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ଖଣ୍ଡପଡ଼ାରେ ୨୦୧୯ ମସିହାରେ ଏହା ସ୍ଥାପିତ ହୋଇଛି। ତେବେ ନିର୍ମାଣର ଦୀର୍ଘ ୫ ବର୍ଷ ପରେ ମଧ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ, ସୁରକ୍ଷା ପ୍ରାଚୀର, ହଷ୍ଟେଲ ଏବଂ ଖେଳପଡିଆ ଭଳି ମୌଳିକ ସୁବିଧା ନଥିବା ନେଇ ଅଭିଯୋଗ ହୋଇଛି। ଅଭିଭାବକ ସଂଘର ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏ ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଉନଥିବାରୁ ଖଣ୍ଡପଡ଼ା, ଗଣିଆ ଏବଂ




ଭାପୁର ଅଞ୍ଚଳରୁ ଆସୁଥିବା ୪ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବେ ହନ୍ତସନ୍ତ ହେଉଥିବା ସୂଚନା ମିଳିଛି। ବିଦ୍ୟାଳୟର ସୁରକ୍ଷା ଦୃଷ୍ଟିରୁ ପଛପଟ ପାଚେରି ଏପର୍ଯ୍ୟନ୍ତ ନିର୍ମାଣ ହୋଇନଥିବା ବେଳେ ବିଦ୍ୟାଳୟ ପରିସର ମଧ୍ୟକୁ ବାହାର ଲୋକମାନଙ୍କ ଅବାଧ ପ୍ରବେଶ ହେଉଥିବା ଅଭିଯୋଗ ହୋଇଛି। ଏ ଦିଗରେ ରାସ୍ତା ଓ ଗୃହ ବିଭାଜନ ବିଭାଗ ପକ୍ଷରୁ ୨୦୨୨ ମସିହାରୁ ଟେଣ୍ଡର ପ୍ରକ୍ରିୟା ସରିଥିବା ବେଳେ ତହସିଲ ପ୍ରଶାସନ ପକ୍ଷରୁ ଜାଗା ଯୋଗାଇ ଦିଆଯାଇନଥିବାରୁ ଏ ଦିଗରେ ବିଶେଷ ଅଗ୍ରଗତି ହେଉନଥିବା ପୂର୍ତ୍ତବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ, ଛାତ୍ରଛାତ୍ରୀ ମାନେ ଖେଳକୁଦ କରିବା ପାଇଁ ପଡ଼ିଆଟିଏ ନଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବାକୁ ଆଗ୍ରହ ଦେଖାଉନଥିବା ଶିକ୍ଷକ ମହଲରୁ ସୂଚନା ମିଳିଛି। ସେହିପରି ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀ ମାନଙ୍କ ରହିବା ପାଇଁ ଏପର୍ଯ୍ୟନ୍ତ ଛାତ୍ରାବାସ ମଧ୍ୟ ନିର୍ମାଣ ହୋଇନଥିବା ଜଣାପଡ଼ିଛି। ଫଳରେ ଗରିବ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ସହରାଞ୍ଚଳ ଭଳି ଜାଗାରେ ଘରଭଡ଼ା ନେଇ ରହିବା ବହୁ କଷ୍ଟକର ହେଉଥିବା ଅଭିଭାବକ ମାନେ କ୍ଷୋଭର ସହ କହିଛନ୍ତି। ଗତବର୍ଷ ଜୁନ୍ ମାସରେ ତତ୍କାଳୀନ ପୂର୍ତ୍ତବିଭାଗ ମୁଖ୍ୟଯନ୍ତ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ସମେତ ପୂର୍ତ୍ତବିଭାଗର ବରିଷ୍ଠ ଅଧିକାରୀ ମାନେ ବିଦ୍ୟାଳୟ ପରିସର ବୁଲିଦେଖିବା ସହ ବିଭିନ୍ନ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ୤ ବିଶେଷକରି ଛାତ୍ରଛାତ୍ରୀଙ୍କ ନିମନ୍ତେ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିବା ହଷ୍ଟେଲ ସହ ସାଇକେଲ ଷ୍ଟାଣ୍ଡ କିଭଳି ଶୀଘ୍ର ନିର୍ମାଣ ହୋଇପାରିବ ସେ ଦିଗରେ ବିଭାଗ ଗୁରୁତ୍ୱାରୋପ କରିଥିଲେ। ସମନ୍ ଭାବେ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ବିରାଟ ଗାତକୁ ଦେଖି ଶ୍ରୀ ଦାସ ଚିନ୍ତାପ୍ରକଟ କରିଥିଲେ। ମାତ୍ର ଶ୍ରୀ ଦାସଙ୍କ ଗସ୍ତକୁ ଇତି ମଧ୍ୟରେ ଊର୍ଦ୍ଧ୍ୱ ସମୟ ବିତିଥିବା ବେଳେ ଏ ଦିଗରେ ବିଶେଷ ଅଗ୍ରଗତି ହୋଇନାହିଁ। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

## ରୁଙ୍ଗଟା ମାଇନ୍ସରେ ଅଘଟଣ, ୨ମୃତ ୫ଗୁରୁତର

ଢେଙ୍କାନାଳ ରୁଙ୍ଗଟା ମାଇନ୍ସ କାରଖାନାରେ ଘଟିଛି ଦୁର୍ଘଟଣା।ଯେଉଁଥିରେ ଦୁଇଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ବେଳେ ପାଞ୍ଚ ଜଣରୁ ଅଧିକ ଶ୍ରମିକ ଆହତ ହୋଇଛନ୍ତି।ଆହତ ମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଛି।ମୃତକ ଦୁଇ ଶ୍ରମିକ ହେଉଛନ୍ତି ବିଷ୍ଣୁ ମାଝି ଓ ବିବେକାନନ୍ଦ ସାହୁ।ବିଷ୍ଣୁ ମାଝିଙ୍କ ଘର ହାଉଡାର ବଗନାନ ଜିଲ୍ଲାରେ ହୋଇଥିବା ବେଳେ ବିବେକାନନ୍ଦଙ୍କ ଘର ୱେଷ୍ଟ ବେଙ୍ଗଲର ପୁର ମେଦିନପୁର ଜିଲ୍ଲାର ହରିଦାସପୁରର ବୋଲି ଜଣାପଡିଛି।ଅନ୍ୟ ଗୁରୁତର ମାନଙ୍କ ଘର ହାଉଡା ଅଞ୍ଚଳର ବୋଲି ସୁଚନା ମିଳୁଛ।ଅସୁରକ୍ଷିତ ଭାବରେ ରୁଙ୍ଗଟା କାରଖାନାରେ ଶ୍ରମିକ ମାନଙ୍କୁ କାର୍ଯ୍ୟ ରେ ନିୟୋଜିତ କରାଯାଉଥିବା ଅଭିଯୋଗ କରିଛନ୍ତି କାର୍ଯ୍ୟରତ ଶ୍ରମିକ।ମେକାନିକାଲ ଷ୍ଟ୍ରକଚରର ଡିଆରଆଇ (ଉଜଓ)ଡାଇରେକ୍ଟ ରିଡ୍ୟୁସ ଆଇରନ ୟୁନିଟରେ କାମ ଚାଲିଥିବା ବେଳେ ଏହି ଅଘଟଣ ଘଟିଥିଲା।୩୦ ଫୁଟ ଉଚ୍ଚତାରୁ ଲୁହାର ଏକ କେବୁଲ ରାକ୍ ଷ୍ଟ୍ରକଚର ୱେଲ୍ଡିଂ ଠିକ ସେ ନକରି ତା ଉପରେ ୨୦ଟନ ଓଜନର କଷ୍ଟେବଲ ବସ୍ତା ରଖାଯାଇଥିଲା।ଫଳରେ ତାହା ସମ୍ପୂର୍ଣ୍ଣ ଛିଡି ପଡିଥିଲା।ତଳେ କାମ କରୁଥିବା ୧୦ରୁ ଅଧିକା ଶ୍ରମିକଙ୍କ ଉପରେ ଏହି ଲୁହାର ଷ୍ଟ୍ରକଚର ସହ ଶହଶହ ବସ୍ତା ଖସି ପଡିଥିଲା।ଫଳରେ ଘଟଣାସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପାଞ୍ଚ ରୁ ଅଧିକା ଆହତ ହୋଇଥିବା ଜଣାପଡିଛି।

## ଆସିକା ତପସ୍ୟା ଧାମ ପକ୍ଷରୁ ଜଗଦମ୍ବା ସରସ୍ୱତୀଙ୍କ ୫୯ ତମ ସ୍ମୃତି ଦିବସ

ଆସିକା (ମହାଭାରତ): ପ୍ରଜାପିତା ବ୍ରହ୍ମା କୁମାରୀ ତପସ୍ୟା ଧାମ ଆସିକା ପକ୍ଷରୁ ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ୫୯ ତମ ସ୍ମୃତି ଦିବସ ମହା ସମାରୋହର ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମ ରେ ତପସ୍ୟାଧାମ ର ମୁଖ୍ୟ ପରିଚାଳିକା ଲିଲି ଭଉଣୀ ଙ୍କ ଅଧକ୍ଷତାରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଅବସରପ୍ରାପ୍ତ ସେନା କର୍ମଚାରୀ କବିରାଜ ବିଶ୍ୱାଳ, କବିସୂର୍ଯ୍ୟନଗର ପଂଚାୟତ ସମିତି ର ଦାୟିତ୍ୱ ରେ ଥିବା ଅଧକ୍ଷ ବୀରେନ୍ଦ୍ର ଖଟାଇ, ସରପଞ୍ଚ ସତ୍ୟବାନ ସାହୁ,କାଉନସିଲର ରାଘବ ସିଅ, ସଂଗୀତ ପାଢ଼ୀ,ସଂଦୀପ ପାଢ଼ୀ,ପ୍ରମୁଖ ଉପସ୍ଥିତ ଥିଲେ । ମାତେଶ୍ୱରୀ ମାତ୍ର ୧୭ ବର୍ଷ ବୟସରେ ୧୯୩୮ ମସିହାରେ ସେ ବ୍ରହ୍ମା ବାବାଙ୍କ ସହ ସାକ୍ଷାତ ହୋଇ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ।ଦୀର୍ଘ ବର୍ଷର ବ୍ୟବଧାନରେ ସନ୍ୟାସୀ ଜୀବନ ବିତାଇ ସମାଜକୁ ଅନେକ ଦିଗ ଦର୍ଶନ ଦେଇଆସିଥିଲେ । ଆଶ୍ରମରେ ରହୁଥିବା କନ୍ୟା ମାନଙ୍କର ଯତ୍ନ ସେ ଦାୟିତ୍ୱ ସହକାରେ ଜଣେ ପୋଖତ ମା' ଭଳି ନେଉଥିବାରୁ ତାଙ୍କୁ ବାବାଙ୍କ ସମେତ ସମସ୍ତେ ମାମ୍ମା ବୋଲି ଡାକୁଥିଲେ ।ତେଣୁ ସେ ପରବର୍ତ୍ତୀ ପର୍ଯ୍ୟାୟରେ ଏହି କ୍ରମେ ସେ ମାମ୍ମା ବୋଲି ନାମିତ ହୋଇଥିଲେ । କେବଳ ଭାରତ କାହିଁକି ସମଗ୍ର ବିଶ୍ୱ କୁ ଏକ ନୂତନ ଦିଗନ୍ତ ଶାନ୍ତି ର ବାର୍ତ୍ତା ବହନ କରିବା ପରେ ୧୯୨୦ରେ ସେ ଦେହ ତ୍ୟାଗ କରିଥିଲେ ।ଏହି ଉପରେ ମାତେଶ୍ୱରୀ ଙ୍କ ଧ୍ୟାନ ଦେଇ ଓ ଆଲୋଚନ ହୋଇ ସ୍ମୃତିଚାରଣ କରାଯାଇଥିଲା ।

## ଅଙ୍ଗନଓ୍ୟାଡି ଗୃହ ଭଙ୍ଗାକୁ ଗ୍ରାମବାସୀଙ୍କ ବିରୋଧ



ବରୀ,(ମହାଭାରତ)ପ୍ରଶାସନିକ ଅବହେଳା ଯୋଗୁଁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥର ଦୁରୁପ ଯୋଗ ହେବା ଘଟଣା ବରୀ ବ୍ଲକ ରେ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଯାହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଏହି ବ୍ଲକ ଅଧିନସ୍ଥ ଅରଙ୍ଗାବାଦ ପଂଚାୟତ ରଜାପୁର ଗ୍ରାମର ଅଙ୍ଗନଓ୍ୟାଡି କେନ୍ଦ୍ର ୧ ଗୃହର ଭଙ୍ଗା ଯିବା କ୍ଷେତ୍ରରେ । ସୂଚନା ମୂତାବକ ରଜାପୁର ଗ୍ରାମରେ ଥିବା ଅଙ୍ଗନଓ୍ୟାଡି କେନ୍ଦ୍ର ନମ୍ବର ୧ ର ଶିକ୍ଷାଦାନ ଗୃହ ଓ ଶୌଚାଳୟକୁ ବେଆଇନ ଭାବେ ଭଙ୍ଗା ଯାଉଥିବାରୁ ଏହି ଗ୍ରାମର ଗ୍ରାମ ବାସୀ ମାନେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଉକ୍ତ ଗୃହ ଓ ଶୌଚାଳୟକୁ ନ ଭାଙ୍ଗିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଲିଖିତ ଭାବେ ଅଭିଯୋଗ କରିଥିବାର ଜଣା ପଡିଛି। ପ୍ରକାଶ ଥାଉକି ଉକ୍ତ ଅଙ୍ଗନଓ୍ୟାଡି ଶିକ୍ଷାକେନ୍ଦ୍ର ଗୃହ ଓ ଶୌଚାଳୟ ସାତ ଆଠ ମାସ ପୂର୍ବରୁ ସରକାରୀ ଅନୂଦାନରେ ନିର୍ମାଣ କରାଯାଇଥିଲେହେଁ କିଛି ନ୍ୟସ୍ତ ସ୍ୱାର୍ଥଗୋଷ୍ଠିର ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦେଖାଯାଇ ଏଭଳି କାର୍ଯ୍ୟ କରାଯାଉଛି ବୋଲି ଲିଖିତ ଅଭିଯୋଗରେ ଉଲେଖ କରାଯାଇଛି। ବାସ୍ତବରେ ଏହି ଶିକ୍ଷାଦାନ କେନ୍ଦ୍ର ଓ ଶୌଚାଳୟ ପ୍ରଶାସନର ଜ୍ଞାତସାରରେ କି ଅଜ୍ଞାତରେ ଭଙ୍ଗା ଯାଉଛି ତାହାକୁ ତଦନ୍ତ ପରିସର ଭୁକ୍ତ କରାଯାଇ ଏହି କାର୍ଯ୍ୟରେ ସଂପୃକ୍ତ ଥିବା ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

## ପଟିଦିଅଁରେ ପୂଜା ପାଉଛନ୍ତି ତିନି ଠାକୁର



ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ ମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ ପରେ ଚତୁର୍ଦ୍ଧା ମୂର୍ତ୍ତି ଅଣସର ପିଣ୍ଡିରେ ବିଜେ କରିଛନ୍ତି। ଏହି ସମୟରେ ଶ୍ରୀ ଜୀଉଙ୍କ ବଦଳରେ ପଟିଦିଅଁ ପୂଜା ପାଉଛନ୍ତି।ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରୂପରେ ଅନନ୍ତ ଶ୍ରୀ ନାରାୟଣ,ବଡ଼ ଠାକୁର ଶ୍ରୀ ବଳଭଦ୍ରଙ୍କ ରୂପରେ ଅନନ୍ତ ବାସୁଦେବ ଓ ଦେବୀ ସୁଭଦ୍ରାଙ୍କ ରୂପରେ ମାଆ ଭୁବନେଶ୍ୱରୀ ପୂଜା ପାଉଛନ୍ତି। ଅଣସରର ଗୁପ୍ତ ନୀତି ପରେ ମହାପ୍ରଭୁ ନବ ଯୌବନ ବେଶ ସହ ଶ୍ରୀ ଗୁଣ୍ଡିଚା ଯାତ୍ରାରେ ବାହାରକୁ ବାହାରିବେ ଚତୁର୍ଦ୍ଧାମୂର୍ତ୍ତି।

## ଅନ୍ଧ ବିଶ୍ୱାସର କରୁଣ ପରିଣତି,ଗୁଣିଆ କୁ ଭରଷା କରି ଚାଲିଗଲା ଜୀବନ

ହାଟଡିହି,(ମହାଭାରତ):ଅନ୍ଧ ବିଶ୍ୱାସର କରୁଣ ପରିଣତି ପୁଣି ଦେଖିବାକୁ ମିଳିଛି । ଘରେ ଶୋଇଥିବା ଅବସ୍ଥାରେ ଜଣେ ଆଦିବାସୀ ଯୁବକଙ୍କୁ ବିଷାକ୍ତ ସାପ କାମୁଡି ଦେଇଥିଲା । ବିଷ ଝାଡ଼ିବାକୁ ଗୁଣିଆ ସାଜିଥିଲା ଭରଷା । ପରିବାର ଲୋକ ଗୁଣିଆ ପାଖକୁ ଯାଇଥିଲେ । ପ୍ରାୟ ୪ ଘଣ୍ଟାର କସରତ ପରେ ଶେଷରେ ଯୁବକ ଜଣକୁ ମେଡିକାଲ ନେଇଥିଲେ ।ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି । ଏପରି ଘଟଣା କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଜାବିନପୁର ଗାଁରେ ଦେଖିବାକୁ ମିଳିଛି । ଗ୍ରାମର ସ୍ୱର୍ଗତଃ ମଥୁରା ମୁଣ୍ଡାଙ୍କ ପୁଅ ମାନସ ମୁଣ୍ଡା(୩୦ ବର୍ଷ) ରାତିରେ ଘରେ ଶୋଇଥିବା ଅବସ୍ଥାରେ ପ୍ରାୟ ୧୧ ଟା ସମୟରେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା । ତେବେ ସ୍ଥାନୀୟ ଅଞ୍ଚଳରେ ସଚେତନତା ଅଭାବ ଯୋଗୁ ପରିବାର ଲୋକେ ତାଙ୍କୁ ନିକଟସ୍ଥ ଜଣେ ଗୁଣିଆ ନିକଟକୁ ନେଇ ଯାଇଥିଲେ। ସେଠାରେ ବିଷ ଝାଡ଼ିବାକୁ ଦୀର୍ଘ ୪ ଘଣ୍ଟା ପ୍ରୟାସ ପରେ ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ମାନସ ଙ୍କୁ ଶାଳନିଆ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ଆନନ୍ଦପୁର ମେଡିକାଲ ନେଇ ଯିବାକୁ କହିବା ପରେ ଭୋର ପ୍ରାୟ ୫ ଟା ସମୟରେ ମାନସ ଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲ ରେ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା । ଚିକିତ୍ସା ଚାଲୁଥିବା ସମୟରେ ତାଙ୍କର ମୃତ୍ୟୁ ହୋଇ ଯାଇଛି। ତେବେଅନ୍ଧ ବିଶ୍ୱାସକୁ ଭରଷା କରି ଗୁଣିଆ ପାଖରେ ସମୟ ନଷ୍ଟ ନକରି ତୁରନ୍ତ ତାଙ୍କୁ ମେଡିକାଲ ରେ ଭର୍ତ୍ତି କରିଥିଲେ ମାନସ ଙ୍କ ଜୀବନ ବଞ୍ଚି ଯାଇଥାନ୍ତା ବୋଲି କୁହାଯାଉଛି । ନନ୍ଦିପଦା ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛି । ଏକ ଅପମୃତ୍ୟୁ ମାମଲା ନଂ ୧୦/୨୦୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଗଡ଼ପଲାଶୁଣୀ -ରାଣୀବୁଲ ରାସ୍ତା ନିର୍ମାଣ ଅବଧି ସରିବାର ଦିନକ ପୂର୍ବରୁ ରାସ୍ତାରେ ଫାଟ

କଙ୍କଡ଼ାହାଡ଼ (ମହାଭାରତ ):ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଗଡ଼ପଲାଶୁଣୀ -ଦସିପୁର ରାଣିବୁଲ ରାସ୍ତାର ଉନ୍ନତି କରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅନ୍ତର୍ଗତ ଗଡ଼ପଲାଶୁଣୀ ଠାରୁ ରାଣୀ ଠେଲ ରାସ୍ତା ନିର୍ମାଣ କାର୍ଯ୍ୟ ସରିଯାଇଛି। ଏହି ୨କିମି ୫୦୦ମିଟର ରୁ ଅଧିକ ରାସ୍ତା ର ନିର୍ମାଣ ପାଇଁ ୨କୋଟି ୭ଲକ୍ଷ୍ୟ ୪୩ହଜାର ଟଙ୍କା ବ୍ୟୟ କରାଯାଇଛି।ଏଥି ମଧ୍ୟରୁ ପିଚୁ ପାଇଁ ୨କିମି ୫୦୦ମିଟର ଏବଂ କଂକ୍ରିଟି ପାଇଁ ୩୨୬ମିଟର ବ୍ୟୟ ବରାଦ କରାଯାଇଥିଲା।ପୂର୍ ସୂଚନା ମୁତାବକ ଏହି ରାସ୍ତା ର ନିର୍ମାଣ ର କାର୍ଯ୍ୟାଦେଶ ୨୬-୧୨-୨୦୨୩ଠାରୁ ୨୫-୦୬-୨୦୨୪ ଭିତରେ ଶେଷ ହେବାର ଥିଲା। କିନ୍ତୁ ଅବଧି ଶେଷ ହେବା




ର ଗୋଟେ ଦିନ ପୂର୍ ରୁ ରାସ୍ତା ରେ ଫାଟ ସୃଷ୍ଟି ହେବା ସହ ଗୋଡି ଉଠିବା ଦେଖା ଦେଇଛି। ନିମ୍ନ ମାନର କାର୍ଯ୍ୟ ଯୋଗୁଁ ରାସ୍ତା ର ଏପରି ଅବସ୍ଥା ହୋଇଥିବା ସ୍ଥାନୀୟ ବାସିନ୍ଦା ନାମ ଗୋପନ ରଖି କହିଛନ୍ତି।ଗଡ଼ପଲାଶୁଣୀ ଗାଁ ମୁଣ୍ଡ ଠାରୁ ରାଣିବୁଲ ମଧ୍ୟରେ ନିମ୍ନ ମାନର କାମ ପାଇଁ ପିଚୁ ଉଠିଯାଇଛି। ସେହିପରି ରାଣିବୁଲ ଗାଁ ମଝିରେ କଂକ୍ରିଟି ଲେଇ ହୁଇଥିବା ବେଳେ ଲେଇରୁ ଗୁଡ଼ି ଉଠିଯାଇଛି। ରାସ୍ତା ଟି ଉକ୍ତ ବ୍ଲକ ର ମୁଖ୍ୟ ସଂଯୋଗ ରାସ୍ତା କୁ ସଂଯୋଗ ହୁଇଥିବା ବେଳେ ଏହି ବାଟ ଦେଇ ଅନେକ ପଂଚାୟତ ର ଲୋକ ମାନେ ବ୍ଲକ କାର୍ଯ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟ କୁ ଯାଇଥାନ୍ତି। ଭାରି ଯାନ ଯିବା ଆସିବା କରିବା ଦ୍ୱାରା ଫାଟି ଥିବା ସ୍ଥାନରୁ ଗୋଡି ଉଠିବା ସହ ବର୍ଷା ଦିନେ ଉକ୍ତ ସ୍ଥାନରେ ପାଣି ଜମି ଧୀରେ ଧୀରେ ଖାଲ ସୃଷ୍ଟି ହେବା ସହ ଯାତାୟାତ ରେ ସମସ୍ୟା ଉପୁଜିବ। ଏ ସମ୍ପର୍କ ରେ ବିଭାଗୀୟ ଯନ୍ତ୍ରୀ ଙ୍କୁ ଫୋନ ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୁଇ ନଥିଲା। ତେଣୁ ଏହି ରାସ୍ତାଟି କୁ ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ବାଲିଗୁଡାରେ ବିଜେପି ପକ୍ଷରୁ କଳା ଦିବସ ପାଳିତ

ବାଲିଗୁଡା,:(ନି.ପ୍ର) : ଭାରତୀୟ ଜନତା ପାର୍ଟି ପକ୍ଷରୁ ବାଲିଗୁଡା ବିଧାନସଭା କ୍ଷେତ୍ର ର କୋଟଗଡ ଓ ତୁମୁଡିବନ୍ଧ ମଣ୍ଡଳ ରେ କଳା ଦିବସ ପାଳିତ ହୋଇଯାଇଛି । କୋଟଗଡ ମଣ୍ଡଳ ସଭାପତି ପ୍ରକାଶ ସୁବୁଦ୍ଧି ଙ୍କ ସଭାପତିତ୍ୱ ରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ରେ ଏହି କଳା ଦିବସ ପାଳନ କରାଯାଇଛି । ୧୯୭୫ ମସିହା ଜୁନ ୨୫ ତାରିଖ ଆଜିର ଦିନରେ କଂଗ୍ରେସ ସରକାର କ୍ଷମତା ରେ ରହିବା ପାଇଁ ଭାରତୀୟ ଗଣତନ୍ତ୍ରର ଏକ କଳା ଦିବସ ସୃଷ୍ଟି କରିବା ସହ ଜରୁରୀ କାଳୀନ ପରିସ୍ଥିତି ଜାରୀ କରିଥିଲେ । ବିରୋଧୀ ଦଳ ନେତାଙ୍କୁ ଜେଲ ହାଜତକୁ ପଠାଇଥିଲେ । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ସେହି ଦିନକୁ କଳା ଦିବସ ଭାବେ ପାଳନ କରାଯାଉଛି ୟ ଏହି କାର୍ଯ୍ୟକ୍ରମରେ ବାଲିଗୁଡା ପୂର୍ବତନ ବିଧାୟକ କରେନ୍ଦ୍ର ମାଝି ଙ୍କ ସମେତ ସାଧାରଣ ସମ୍ପାଦକ ପ୍ରତାପ ନାୟକ ,ମୋହନ ବଳିଆରସିଂ ,ବିରଞ୍ଚି ଗାଉ□ଆ ,ବେଲଘର ସରପଞ୍ଚ ଗୋବିନ୍ଦ ମାଝି ସୁଜିତ ଦଲାଇମାଝି ଚିନିବର ବଳିଆରସିଂ ,ପିତର ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ ।ସେହି ଭଳି ତୁମୁଡିବନ୍ଧ ମଣ୍ଡଳ ସାଧାରଣ ସମ୍ପାଦକ ଯଶବନ୍ତ ମାଝି ଙ୍କ ସଭାପତିରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ରେ କଳା ଦିବସ ଅନୁଷ୍ଠିତ ହୋଇଯାଇଛି ।

## ଦେବଗଡରେ ଶିଶୁ ଶ୍ରମିକ ନିରାକରଣ ଶୋଭାଯାତ୍ରା




ଦେବଗଡ଼(,ମହାଭାରତ)ଦେବଗଡ ଜିଲ୍ଲା ରେ,ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁ ଶ୍ରମିକ ପାଇଁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦେବଗଡ ର ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନଙ୍କ ତ୍ୱାବଧାନରେ ବାହାରି ଥିବା ସଚେତନତା ରଥ ଓ ଛାତ୍ରଛାତ୍ରୀ ମାନଙ୍କ ଶୋଭାଯାତ୍ରାକୁ ଉପଜିଲ୍ଲାପାଳ ପରକ୍ଷିତ ସାହୁ ସବୁଜ ପତାକା ଦେଖାଇ ଏହି ସଚେତନତା ରଥ କୁ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ସହର ପରିକ୍ରମା କରି ରଥଟି ବ୍ଲକର ସମସ୍ତ ପଞ୍ଚାୟତ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରେରଣ କରିବ । ୧୪ ବର୍ଷ ପୂର୍ଣ୍ଣ ହୋଇନଥିବା ଶିଶୁକୁ କୌଣସି ପ୍ରକାର ବୃତ୍ତି ଓ ପ୍ରକ୍ରିୟାରେ ତଥା ୧୫ ବର୍ଷ ବୟସରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦ ସଙ୍କୁଳ ବୃତ୍ତି ଏବଂ ପକ୍ରିୟାରେ ନିୟୋଜନ କରିବା ଏକ ଧାତବ୍ୟ ଅପରାଧ ଅଟେ । ଏହି ପରି ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଜରିମାନା ଓ କାରାଦଣ୍ଡ ଭୋଗିବାକୁ ପଡ଼ିଥାଏ ।ଆଜି ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ, ଶିଶୁ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ସହକାରୀ ଶ୍ରମ ଅଧିକାରୀ ମଞ୍ଜିତ ସୁରୁପୁ, ଜିଲ୍ଲା ଶ୍ରମ ବିଭାଗର କର୍ମଚାରୀ ରତନ କୁମାର ରାଏ, ଅମ୍ବି ନାୟକ, ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

# ଅକାମୀ ସରଞ୍ଜାମରେ ମକଡ୍ରିଲ:ମରାମତି ହେଉ ନଥିବା ଅଭିଯୋଗ

ନୟାଗଡ଼, ( ମହାଭାରତ ) : ବର୍ଷା ଋତୁରେ ବନ୍ୟା ଓ ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇଥାଏ। ସେଥିପାଇଁ ଜିଲ୍ଲାରେ ଥିବା ଆଶ୍ରୟସ୍ଥଳ ଗୁଡ଼ିକରେ ପ୍ରତ୍ୟେକ ବର୍ଷ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ (ଓସଡମା) ପକ୍ଷରୁ ମକଡ୍ରିଲ କରାଯାଉଛି। ମାତ୍ର ଅଧିକାଂଶ ଆଶ୍ରୟସ୍ଥଳରେ ଓସଡମା ପକ୍ଷରୁ ମକଡ୍ରିଲ ପାଇଁ ଯୋଗାଇ ଦିଆଯାଇଥିବା ସରଞ୍ଜାମ ଖରାପ ହୋଇଯାଇଥିବା ଦେଖିବାକୁ ମିଳିଛି। ବାରମ୍ବାର କହିବା ସତ୍ତ୍ୱେ ମଧ୍ୟ ଏହାକୁ ସଜଡ଼ା ଯାଉ ନଥିବା କେତେକ ସରପଞ୍ଚ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ନୟାଗଡ଼ ଜିଲ୍ଲାରେ ୧୭ଟି ବାତ୍ୟା ଆଶ୍ରୟସ୍ଥଳ ରହିଛ। ଗଣିଆ, ଖଣ୍ଡପଡ଼ା, ନୟାଗଡ଼ ରେ ୨ଟି ଲେଖାଏଁ ବାତ୍ୟା



ଆଶ୍ରୟସ୍ଥଳ ରହିଥିବା ବେଳେ ଓଡ଼ଗାଁରେ ଗୋଟିଏ, ରଣପୁରରେ ୬ଟି ଓ ଭାପୁରରେ ୪ଟି ଆଶ୍ରୟସ୍ଥଳ ରହିଛି। ପ୍ରାକୃତିକ ବିପର୍ଯ୍ୟୟର କେମିତି ମୁକାବିଲା କରାଯିବ, ଏହି ଆଶ୍ରୟସ୍ଥଳ ଗୁଡ଼ିକରେ ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯାଏ। ୭୫ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ୩ଟି ଟିମ୍ ଗଠନ କରାଯାଏ।ଉଭୟ ପୁଅ ଓ ଝିଅଙ୍କୁ ନେଇ ଗଠନ କରାଯାଇଥାଏ ଏହି ଟିମ୍ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ଲୋକ ମାନଙ୍କୁ ଥଇଥାନ, ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ଓ ପରେ ପୁନରୁଦ୍ଧାର ନେଇ ପ୍ରଶିକ୍ଷଣ ଦିଆଯାଏ। ମାତ୍ର ଅଧିକାଂଶ ଆଶ୍ରୟସ୍ଥଳରେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଉଦ୍ଧାର ସମୟରେ ବ୍ୟବହାର କରିବାକୁ ଥିବା ଲାଇପ୍ ଜ୍ୟାକେଟ୍ ଓ ଅନ୍ୟାନ୍ୟ ସରଞ୍ଜାମ ସେଠାରେ ଲପଲବ୍ଧ ନଥିବା ଦେଖିବାକୁ ମିଳିଛି। ଲାଇଫ୍ ଜ୍ୟାକେଟ୍ ନଥିବାରୁ ଏହି ସ୍ୱଚ୍ଛୋସେବୀ ମାନଙ୍କୁ ପହଁରିବା ପ୍ରଶିକ୍ଷଣ ଦିଆଯାଇପାରୁ ନାହିଁ। ଏହାସହ ଗଛ କଟା ମେସିନ ଓ ସିଡି ମଧ୍ୟ ଅକାମି ହୋଇପଡ଼ିଛି। ପ୍ରାୟ ସବୁ ଅଞ୍ଚଳରେ ଆସ୍କା ଲାଇଟ୍, ସୋଲାର ଲାଇଟ୍, ଜେନରେଟର, ପାଓ୍ୱାର ବ୍ୟାଟେରୀ ଗୁଡ଼ିକ କଥା ନ କହିବା ଭଲ। ପ୍ରଶିକ୍ଷଣ ସମୟରେ ଭଡ଼ାରେ ସବୁ ସରଞ୍ଜାମ ଆଣି ସରପଞ୍ଚ ମାନେ କାମ ଚଳାଉଥିବା ଜଣାପଡ଼ିଛି। ଓସଡମ ଏହି ଆଶ୍ରୟସ୍ଥଳ ଗୁଡ଼ିକରେ ଥିବା ସରଞ୍ଜାମ ଗୁଡ଼ିକର ମରାମତି ଆଉ କରୁ ନାହିଁ। ଏ ନେଇ ଭାପୁର ବ୍ଲକ୍ କରବର ପଞ୍ଚାୟତ ସରପଞ୍ଚ ଉଷାରାଣୀ ସାହୁ କୁହନ୍ତି ଯେ, ଦୁଇ ବର୍ଷ ହେଲା ଜେନେରେଟର ଓ କଟର ମେସିନ ଖରାପ ହୋଇପଡ଼ିଛି। ଏ ନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଏହାର ମରାମତି କରାଯାଉ ନାହିଁ। ରଣପୁର ବ୍ଲକ୍ ଚମ୍ପାପେଡ଼ି ପଞ୍ଚାୟତ ସରପଞ୍ଚ ସଂଯୁକ୍ତା ମାର୍ଥା କୁହନ୍ତି ଯେ, ଆଶ୍ରୟସ୍ଥଳରେ ଥିବା ଆସ୍କା ଲାଇଟ୍ ଓ ଜେନେରେଟର ଖରାପ ହୋଇଯାଇଛି। ଏ ଦିଗରେ କିଛି ପଦକ୍ଷେପ ନିଆଯାଉ ନାହିଁୟ ଏହାସହ ଜିଲ୍ଲା ସରପଞ୍ଚ ମହାସଂଘ ସମ୍ପାଦକ ଦିପ୍ତି ରଞ୍ଜନ ପରିଡ଼ା ଏ ନେଇ ପ୍ରବଳ ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସନକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। ପ୍ରତ୍ୟେକ ବର୍ଷ ବୈଠକରେ ସେ ଏହି ପ୍ରସଙ୍ଗରେ ଆଲୋଚନା କରନ୍ତି, ମାତ୍ର ଜିଲ୍ଲା ପ୍ରଶାସନ ଏହାକୁ ଆଦୌ ଗୁରୁତ୍ୱ ଦେଉ ନାହିଁ। ମକଡ୍ରିଲ୍ ସମୟରେ ସମସ୍ତ ସରଞ୍ଜାମ ଠିକ୍ ଥିବା କାଗଜପତ୍ରରେ ଦର୍ଶାଯାଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏ ନେଇ ଜିଲ୍ଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କିଛି ସ୍ଥାନରେ ଏହି ସମସ୍ୟା ଥିବା ଦେଖାଯାଇଛି। ଏହାକୁ ତୁରନ୍ତ ସଜାଡ଼ିବା ଦିଗରେ ନିଶ୍ଚିତ ଭାବେ ବଡ ପଦକ୍ଷେପ ନିଆଯିବ।ୟ ବୈଦ୍ୟୁତିକ ସରଞ୍ଜାମ ଗୁଡ଼ିକ ଅଧିକ ଦିନ ରହିବା ଯୋଗୁଁ ଖରାପ ହୋଇଯାଉଛି।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ଅମଲା ଭବନର ତାଲା ଭଙ୍ଗା ହେବା ନେଇ ନିଷ୍ପତ୍ତି




**ଜୟପୁର,(ମହାଭାରତ) :** ଓଡ଼ିଶା ଅମଲା ସଂଘ ର ଏକ ଜରୁରୀକାଳୀନ ବୈଠକ ସ୍ଥାନୀୟ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି, ଓଡ଼ିଶା ଅମଲା ସଂଘ ସଭାପତି କୋରାପୁଟ ଜିଲ୍ଲା ଶାଖା ଶ୍ରୀ ଶଶୀ ଭୂଷଣ ଦାଶ୍‌ଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟ ରତ ଅମଲା ମାନେ ଯୋଗଦାନ କରିଥିଲେ, ମୁଖ୍ୟତଃ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ଏକମାତ୍ର ନ୍ୟାର୍ଯ୍ୟ ଦାବି କନିଷ୍ଠ ସହାୟକ ମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/- ଗ୍ରେଡ଼ ପେ ଦାବି ପୁରଣ ନିମନ୍ତେ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ସାଧାରଣ ନିର୍ବାଚନ ନିମନ୍ତେ ଆଦର୍ଶ ଆଚରଣ ବିଧି ଲାଗୁ ହେବାର କିଛି ଘଣ୍ଟା ପୁର୍ବରୁ ସରକାର ଅମଲା ମାନଙ୍କ ଉଦ୍ଦେଶ୍ୟରେ ପତ୍ର ସଂଖ୍ୟା ୮୮୯୮ ତା ୧୫.୦୩.୨୦୨୪ ରିଖ ରେ ଯେଉଁ ନିର୍ଧାରଣ ଜାରି କରିଥିଲେ ତାକୁ ପ୍ରତ୍ୟାହାର କରିବା ନିମନ୍ତେ ନୂତନ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା, ଯେଉଁ ନିର୍ଧାରଣ ଯୋଗୁଁ ସମସ୍ତ ଅମଲା କ୍ଷତିଗ୍ରସ୍ତ ହେବାନେଇ ବୈଠକ ରେ ଆଲୋଚନା ହୋଇଥିଲା ଅପର ପକ୍ଷରେ କନିଷ୍ଠ ସହାୟକ ମାନଙ୍କ ଏକ ମାତ୍ର ନ୍ୟାର୍ଯ୍ୟ ଦାବି ପୁରଣ ନିମନ୍ତେ ସରକାର ଙ୍କୁ ରାଜ୍ୟ ସଂଘ ଦାବି ଜଣାଇବା ନେଇ ଗୃହରେ ଆଲୋଚନା ହୋଇଥିଲା, ଦ୍ୱିତୀୟତଃ ଓଡ଼ିଶା ଅମଲା ସଂଘ ର ୮୧ ବର୍ଷ ପୂର୍ତ୍ତି ଉପଲକ୍ଷେ ତା ୧୭.୦୭.୨୦୨୪ ରିଖ ଦିନ ସଂଘର ଉତ୍ସବ ପାଳନ କରିବା ସହିତ ଅବସରପ୍ରାପ୍ତ ଅମଲା ଭାଇ ଭଉଣୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ନୂତନ ଭାବେ କନିଷ୍ଠ ସହାୟକ ପଦବୀ ରେ ଯୋଗଦାନ କରିଥିଲା ଅମଲା ମାନଙ୍କୁ ସ୍ୱାଗତ କରିବା ନିମନ୍ତେ ବୈଠକ ରେ ଆଲୋଚନା ହୋଇଥିଲା, ଶେଷରେ ରାଜସ୍ୱ ସଂଘର କିଛି କର୍ମକର୍ତ୍ତା ଅମଲା ଭବନର ଦାୟିତ୍ୱ ହସ୍ତାନ୍ତର କରୁ ନଥିବା ନେଇ ବୈଠକରେ ସମସ୍ତେ ଉଦବେଗ ପ୍ରକାଶ କରିଥିଲେ ବାରମ୍ବାର ଜିଲ୍ଲା ସଂଘ, ରାଜ୍ୟ ସଂଘ ଓ ଗୃହ ବିଭାଗ ସେମାନଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ ମଧ୍ୟ ସେମାନେ ଦାୟିତ୍ୱ ହସ୍ତାନ୍ତର ନ କରିବା ଘଟଣାକୁ ଉପସ୍ଥିତ ସମସ୍ତ ଅମଲା ଅସନ୍ତୋଷ ପ୍ରକାଶ କରିଥିଲେ ଏ ନେଇ ବାରମ୍ବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଏ ଯାଏଁ କୌଣସି ପଦକ୍ଷେପ ଗ୍ରହଣ କରି ନଥିବା ଓ ବାରମ୍ବାର ଟାଉନ ଥାନା ରେ ଅଭିଯୋଗ କରା ଯାଇଥିବା ଶ୍ରୀ ଦାଶ୍ ବୈଠକ ରେ ସୁଚନା ଦେଇଥିଲେ, ସର୍ବ ସମ୍ମତି କ୍ରମେ ତା ୩୦.୦୬.୨୦୨୪ ରିଖ ଦିନ ଏକ ସାମ୍ବାଦିକ ସମ୍ମିଳନୀ କରିବା ସହିତ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବା ଓ ରାଜ୍ୟ ସଂଘ ର ନେତୃବୃନ୍ଦ ଙ୍କ ଉପସ୍ଥିତି ରେ ଅମଲା ଭବନ ର ତାଲା ଭାଙ୍ଗି ଦାୟିତ୍ୱ ଗ୍ରହଣ କରି ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ସ୍ଥିର କରାଯାଇଥିଲା, ଏଥିରେ ମୁଖ୍ୟତଃ ଶ୍ରୀ ସଞ୍ଜୟ କୁମାର ପଣ୍ଡା, ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଶ୍ରୀ ରାଜେନ୍ଦ୍ର ନାରାୟଣ ପାଢ଼ୀ, ଯୁଗ୍ମ ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଶ୍ରୀ ସଞ୍ଜୟ କୁମାର ରଥ ଉପ ସଭାପତି ଓଡ଼ିଶା ଅମଲା ସଂଘ ଜୟପୁର ଉପଖଣ୍ଡ, ବରିଷ୍ଠ ସଦସ୍ୟ ଶ୍ରୀ ଭବାନୀ ରଥ, ପ୍ରମୋଦ କୁମାର ଭୂୟାଁ, କିଶୋର ଚନ୍ଦ୍ର ଦାଶ୍, ଶତ୍ୟ ରଞ୍ଜନ ତ୍ରିପାଠୀ, ପ୍ରତିକ ମିଶ୍ର, ତ୍ରିନାଥ ପଣ୍ଡା, ଶିତାକାନ୍ତ ମହାପାତ୍ର ଙ୍କ ସମେତ ବହୁ ଅମଲା ଯୋଗଦାନ କରିଥିଲେ, ପରିଶେଷରେ ଶ୍ରୀ ଦାଶ୍ ମିଡ଼ିଆ ବନ୍ଧୁ ମାନଙ୍କୁ ଧନ୍ୟବାଦ ଦେବା ସହିତ ସମସ୍ତ ଉପସ୍ଥିତ ଅମଲା ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ।

# ମହାଭାରତ ଖବର କାଗଜର ମହାପ୍ରଭାବ

## ଆଦିବାସୀ ଶବର ପରିବାରଙ୍କ ପାଖରେ ପହଞ୍ଚିଲେ ବିଡିଓ ଏବଂ ତହସିଲଦାର



**ପାଟଣାଗଡ,(ମହାଭାରତ) :** ମାସ ୧୯ ତାରିଖରେ ଆମ ମହାଭାରତ ଖବର କାଗଜ ରେ ଲୋକ ଲୋଚନ କୁ ଅଣା ଯାଇଥିଲା । ସରକାରୀ ଯୋଜନା ଗୁଡ଼ିକ ରୁ ବଞ୍ଚିତ ଥିବା ଶବର ପରିବାର ଙ୍କ କରୁଣ କାହାଣୀ , ଏବେ ଏକ୍ସନ୍ ମୁଡ଼ରେ ପାଟଣାଗଡ ପ୍ରଶାସନ , ତେବେ ଦୂର ହୋଇ ପାରିବ କି ? ୧୦ ଆଦିବାସୀ ଶବର ପରିବାର ଙ୍କ ଦୁଃଖ । ଆମ ମହାଭାରତ ଖବର କାଗଜ ରୁ ଦେଖିଲା ପରେ , ପାଟଣାଗଡ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ସୁମନ୍ ମିଞ୍ଜ୍ ଝୁଲେନବର ଗ୍ରାମରେ ବସବାସ କରୁଥିବା ଶବର ପରିବାର ଙ୍କ ପାଖରେ ପହଞ୍ଚି ଥିଲେ , ସୁଖ ଦୁଃଖ ବୁଝିଲେ , ତଦାରଖ ମଧ୍ୟ କଲେ , ତାଦରଖ ସମୟରେ ଦେଖିଲେ ଭଙ୍ଗା ଦଦରା କୁଡିଆ ଘର କୁ ଦେଖିଲେ । ତାଙ୍କ ଭାତ ହାଣ୍ଡି କୁ ଛୁଇଁ ଦେଖିଲେ , ଶୁଣିଲେ ଶବର ଙ୍କ ଦୁଃଖ ଭରା କାହାଣୀ , ଟିକିନିକି ଭାବରେ ତଦାରଖ କଲେ ବିଡିଓ ସାର୍ । ରହିବାକୁ ନା ଅଛି ଘର , ନା ଅଛି ଡିହବାଡି , ନା ଅଛି ପିଇବା ପାଣି , ନା ଅଛି ବିଜୁଳି , ଏମିତି ଜହ୍ନ ଆଲୁଅ ରେ ବିତାଉଛନ୍ତି ରାତି । ବସ୍ତିରେ ରହୁଥିବା ତାଳପଲିଆ ଶବର ସହ କଥାବାର୍ତ୍ତା ହେଲେ, ଆଉ କହିଲେ ତାଙ୍କ ହାତରେ ଯାହା ସାହାଯ୍ୟ ହେବ , ତାହା ସେ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଲେ । ତାଙ୍କ ପାଖରେ ଥିବା ଏକ ଛୋଟ କୁନି ଝିଅ ଙ୍କ ସହ ମଧ୍ୟ କଥା ହେଲେ , କୁନି ଝିଅ ଙ୍କୁ ଭଲ ଭାବରେ ପାଠ ପଢ଼ିବୁ , ବଡ ହେଲେ ଭଲ ମଣିଷ ଟିଏ ହେବୁ ବୋଲି କହିଲେ , ତାକୁ ପାଠ ମଧ୍ୟ ପଢ଼ାଇଲେ , ସେହି କୁନି ଝିଅ ପାଠପଢି ଭଲ ମଣିଷ ଟିଏ ହେବା ପାଇଁ ଉପଦେଶ ଦେଇ କିଛି ଟଙ୍କା ଉପହାର ମଧ୍ୟ ଦେଲେ ବିଡିଓ ସାର୍ । କିଛି ସମୟ ଗଲା ପରେ ପରେ ପାଟଣାଗଡ ତହସିଲଦାର ରୁଦ୍ର ମୋହନ ନାୟକ ମହୋଦୟ ମଧ୍ୟ ଶବର ବସ୍ତି କୁ ପହଞ୍ଚି ଗଲେ । ବସ୍ତି ବାସିନ୍ଦା ଙ୍କ ଡିହବାଡି ବିଷୟରେ କଥା ହେଲେ । ଡିହବାଡି ଖଣ୍ଡିଏ ଯୋଗାଇ ଦେବା ପାଇଁ କଥାବାର୍ତ୍ତା ହେଲେ । ବର୍ତ୍ତମାନ ପାଟଣାଗଡ଼ ବୁଦ୍ଧିଜିବି ମହଲ ରେ ଏବେ ବେଷ୍ଟ ଚର୍ଚ୍ଚା ହେଉଛି ବିଡିଓ ଏବଂ ତହସିଲଦାର ଙ୍କ ପରି ହେବା ଦରକାର ବୋଲି ଲୋକେ ଭୁରି ଭୁରି ପ୍ରଶସାଂ କରୁଛନ୍ତି । ଖାଲି ଦେଖିବାକୁ ବାକି ରହିଲା । କେତେ ଦିନ ଭିତରେ ଆଦିବାସୀ ଶବର ପରିବାର ଙ୍କ ଦୁଃଖ ଦୂର ହେଉଛି ।

# ସମ୍ପର୍କୀୟ ମାମୁପୁଅକୁ କୁରାଢ଼ୀରେ ହାଣି ହତ୍ୟା



**କରଞ୍ଜିଆ,(ମହାଭାରତ) :** ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ହାଣ୍ଡିଫୁଟା ଗ୍ରାମରେ ଗତ ଗୁରୁବାର ଦିନ ସମ୍ପର୍କୀୟ ମାମୁଁ ପୁଅ ଭାଇ କୁ ଜଘନ୍ୟ ହତ୍ୟାକାଣ୍ଡ ର କାରଣ ପର୍ଦ୍ଦାଫାସ ହୋଇଛି ।ଗିରଫ ଅଭିଯୁକ୍ତ ର ମା ଓ ଭାଉଜ କୁ ଖରାପ ଆଚରଣ କରିଥିବାରୁ ହତ୍ୟାକାଣ୍ଡ ର କାରଣ ବୋଲି ଗିରଫ ହତ୍ୟାକାରୀ ଠାରୁ ପୋଲିସ ତଦନ୍ତ କରି ଜାଣିବାକୁ ପାଇଛି ।ଗିରଫ ଅଭିଯୁକ୍ତକୁ ଠାକୁରମୁଣ୍ଡା ଥାନା ପୋଲିସ ଶନିବାର କୋର୍ଟ ଚାଲାଣ କରିଛି ।ବୌଦ୍ଧ ଜିଲ୍ଲାର ଚମ୍ପାଗାଁ ର ଅନୀଲ ପେରା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ହାଣ୍ଡିଫୁଟା ଗ୍ରାମରେ ଥିବା ଶଶୁର ଘର ମୁରଲୀ ଗିରିଙ୍କ ଘରକୁ ରଜ ସଂକ୍ରାନ୍ତି ରେ ବୁଲିବାକୁ ଆସିଥିଲେ। ଅନୀଲ ଙ୍କ ସମେତ ତାଙ୍କ ସ୍ତ୍ରୀ,ପିଲା ସହ ତାଙ୍କର ସାନଭାଇ ପରମିଲ ଓ ସମ୍ପର୍କୀୟ ମାମୁଁ ପୁଅଭାଇ ନିଳାଞ୍ଚଳ ମୁନ୍ନା ଆସିଥିଲେ ।ସାଙ୍ଗ ରେ ଆସିଥିବା ସମ୍ପର୍କୀୟ ମାମୁଁ ପୁଅ ଭାଇ ନିଳାଞ୍ଚଳ ମୁନ୍ନା ପୂର୍ବରୁ ହତ୍ୟାକାରୀ ପରମିଲ ର ମା ଓ ଭାଉଜ ଙ୍କ ଖରାପ ଆଚରଣକରି ଆସୁଥିବାରୁ ପରମିଲ ନିଳାଞ୍ଚଳ କୁ ହତ୍ୟା କରିବା କୁ ମନସ୍ଥ କରି ଥିଲା ।ପୂର୍ବରୁ ତାଙ୍କ ଗ୍ରାମରେ ହତ୍ୟା କରିବାର ଯୋଜନା କରି କୌଣସି କାରଣ ରୁ ବିଫଳ ହୋଇଥିଲା । ରଜ ସଂକ୍ରାନ୍ତି ପାଇଁ ଭାଇ ଶଶୁର ଘରକୁ ନିଳାଞ୍ଚଳ ଆସିଥିବାରୁ ଏହାର ସୁଯୋଗ ପରମିଲ ନେଇଥିଲା ।ଗତ ଗୁରବାର ନିଳାଞ୍ଚଳ ଘରେ ଏକ ଖଟରେ ଶୋଇ ମୋବାଇଲ ଦେଖୁଥିବା ବେଳେ ପ୍ରତିଶୋଧ ନେବା ପାଇଁ ଏହି ସମୟରେ ପରମିଲ ନିର୍ମମ ଭାବେ ନିଳାଞ୍ଚଳର ବେକ କୁ ଏକ କୁରାଢ଼ୀ ସାହାଯ୍ୟ ରେ ହାଣି ଦେଇ ହତ୍ୟା କରିଥିଲା।

# ପାରଳାଖେମୁଣ୍ଡି ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ



**ଗଜପତି,(ମହାଭାରତ) :** ଆଦ୍ୟ ତା ୨୪.୦୬.୨୦୨୪ ରିଖ ସକାଳ ୧୦.୦୦ ଘଣ୍ଟିକାରେ ୧୦୦ ଜଣ ମହିଳା ଉଦ୍ୟୋଗୀ ମାନଂକୁ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ଆଞ୍ଚଳିକ କାର୍ଯ୍ୟାଳୟ -ରାୟଗଡା ତରଫରୁ ଏକ ବ୍ୟାଙ୍କ ଋଣ ମେଳା ଦେବାର ବ୍ୟବସ୍ଥା କରାଯାଇଥିଲା କ୍ଷ ଏହି ଋଣ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ପ୍ରଭାତ ସିହ୍ନକ୍ଷ ଆଞ୍ଚଳିକ ଉପ-ମୁଖ୍ୟ ପ୍ରବନ୍ଧକ, ରାୟଗଡା, ଶ୍ରୀ ସବ୍ୟସାଚୀ ସାହୁ, ମୁଖ୍ୟ ପ୍ରବନ୍ଧକ(ଋଣ ବିଭାଗ)-ରାୟଗଡା,ଶ୍ରୀ ମହେଶ୍ୱର ମଣ୍ଡଳ, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ - ଗଜପତି ଏବଂ ଏଥିରେ ସମସ୍ତ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ର ଶାଖା ପ୍ରବନ୍ଧକ ଯଥା ଶ୍ରୀ ଦେବବ୍ରତ ପାତ୍ର, ଶାଖା ପ୍ରବନ୍ଧକ, ଶାଖା-୨,ଶ୍ରୀ ପି.ରାକେଶ ପଟ୍ଟନାୟକ, ଶାଖା ପ୍ରବନ୍ଧକ, ଯାଜପୁର, ପାରଳାଖେମୁଣ୍ଡି ଶାଖା-୧,ଶ୍ରୀ କେ. ଶ୍ରୀନିବାସ, ପୂର୍ବ-ଶାଖା ପ୍ରବନ୍ଧକ,ଶ୍ରୀମତୀ କେ. ଭାରତୀ, ନୂତନ ଶାଖା ପ୍ରବନ୍ଧକ,ରାଣୀପେଟା ଶାଖା, ଶ୍ରୀମତି ଏ. ସ୍ୱର୍ଣ୍ଣ ପ୍ରିୟା, ଅଫିସର, ବଜାର ଶାଖା-୧ ଏବଂ କାଶୀନଗର ଶାଖା ଏବଂ ଅନାନ୍ୟ ପଦାଧିକାରୀ ଉପସ୍ଥିତ ରହି ଋଣ ଦେବା କାର୍ଯ୍ୟକ୍ରମ କୁ ସୁଚାରୁପେ ପରିଚାଳନା କରିଥିଲେ ଏବଂ ଋଣ ନେଇ ଆଗ ଦିନରେ କିଭଳି ଏକ ଉତ୍ତମ ସ୍ୱାରୋଜଗାରୀ ରୁ ଉଦ୍ୟାଗୀ ହୋଇ ନିଜର ଏବଂ ସମାଜ ମଙ୍ଗଳ କରିପାରିବେ ବୁଝା ଯାଇଥିଲା । ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷିଣ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଶ୍ରବଣ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ଶିକ୍ଷା ଲାଭ କରୁଥିବା ପ୍ରଶିକ୍ଷାର୍ଥୀ ତଥା ନୂଆ ଏବଂ ପୁରାତନ ମହିଳା ଉଦ୍ୟୋଗୀ ମାନେ ଉପସ୍ଥିତ ଥିଲେ । ଏହି ସଭାରେ ଅନୁଷ୍ଠାନର ପାଠ୍ୟ ସଂଯୋଜକ ଶ୍ରୀ ଦିଲ୍ଲୀପ କୁମାର ତନ୍ତି ଏବଂ ଶ୍ରୀ ପ୍ରଦୀପ କୁମାର ଦାସ ତଥା ସମସ୍ତ ସହକାରୀ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସୁଚାର ରୂପେ ପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନର ପ୍ରାଧ୍ୟାପକ ଶ୍ରୀ ଦିଲ୍ଲୀପ କୁମାର ତନ୍ତି ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସାଙ୍ଗ କରି ଥିଲେ।

# ଗଞ୍ଜେଇ ସହ କାର୍ ଓ ବାଇକ୍ ଜବତ

## ଦୁଇ ମହିଳାଙ୍କ ସମେତ ଚାରିଜଣ ଗିରଫ



**ବାଲିଗୁଡ଼ା,(ମହାଭାରତ) :** ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡ଼ି ବସିଲା ପୋଲିସ୍ । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବଡ଼ଗାଁ କନ୍ୟାଶ୍ରମ ନିକଟରୁ ୬୨ କେଜି ୩୦୦ ଗ୍ରାମ୍ ଗଞ୍ଜେଇ ସହ ଗୋଟିଏ ଋଟ୍ଜ୍ୱୟ କାର୍ ଓଡ଼ି୦୫ଚ ୮୬୮୮ ଓ ଗୋଟିଏ ପଲସର୍ ମୋଟରସାଇକେଲ ଓଡ଼ି୦୫ଇକ ୫୩୧୩ କୁ ଜବତ କରିଛି ପୋଲିସ୍ । ଘଟଣାରେ ଦୁଇଜଣ ମହିଳାଙ୍କ ସମେତ ଚାରିଜଣଙ୍କୁ ପୋଲିସ୍ ଗିରଫ କରିଥିବା ବେଳେ ଜଣେ ମାଫିଆ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇଜଣ ମହିଳା ଓ ଜଣେ ଯୁବକ ଫିରିଙ୍ଗିଆ ଥାନା ଅନ୍ତର୍ଗତ ସାଡ଼ିଙ୍ଗିଆ ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ଉତ୍ତରପ୍ରଦେଶର ହୋଇଥିବା ଜଣାପଡ଼ିଛି । ସେପଟେ ଫେରାର୍ ଥିବା ଅଭିଯୁକ୍ତ ଜଣକ ରାଉରକେଲା ଅଞ୍ଚଳର ହୋଇଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି । ସାଡିଙ୍ଗିଆ ଅଞ୍ଚଳରୁ ବାଲିଗୁଡ଼ା ଦେଇ ଭାୟା ରାଉରକେଲା ହୋଇ ଦିଲ୍ଲୀ ଚୋରା ଚାଲାଣ ହେଉଥିଲା ଏହି ଗଞ୍ଜେଇ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପାଖାପାଖି ସାତ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି । ଏନେଇ ବାଲିଗୁଡ଼ା ଥାନା କେସ୍ ନଂ ୧୩୪/୨୦୨୪ ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

# ପାରାଦୀପ ବନ୍ଦର ପକ୍ଷରୁ ରାସ୍ତା ସଫେଇ ମେସିନ୍‌ର ଶୁଭାରମ୍ଭ



**ପାରାଦୀପ,(ମହାଭାରତ) :** ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦର ପୋତାଶ୍ରୟ ଅଂଚଳର ରାସ୍ତା ସଫେଇ ପାଇଁ ନୂତନ ରାସ୍ତା ସଫେଇ ମେସିନ୍‌ର ଶୁଭାରମ୍ଭ ହୋଇଛି । ଏହି ଅବସରରେ ସୋମବାର ଦିନ ପାରାଦୀପ ବନ୍ଦର ଗେଟ୍ ନମ୍ବର-୩ ନିକଟରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ରାସ୍ତା ସଫେଇ ମେସିନର ଶୁଭାରମ୍ଭ କରିଥିଲେ । ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଏବଂ ବନ୍ଦର ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ଶ୍ରୀ ହରନାଦ ପତାକା ଦେଖାଇ ଏହି ମେସିନ୍‌ର ଯାତ୍ରାରମ୍ଭ କରିଥିଲେ । ପାରାଦୀପ ବନ୍ଦର ପୋତାଶ୍ରୟ ଅଂଚଳର ରାସ୍ତାରେ ଭାରିଯାନ ଚଳାଚଳ କରିବା ବେଳେ ସେଥିରୁ ପଣ୍ୟ ଖସି ଥାଏ । ଏଥି ସହିତ ବାଲି ଉଡି ରାସ୍ତା ଅପରିସ୍କାର ହୋଇଥାଏ, ଏହି ନୂତନ ରାସ୍ତା ସଫେଇ ମେସିନ ରାସ୍ତା ଉପରେ ପଡିଥିବା ଅଳିଆକୁ ସଫେଇ କରିବ ବୋଲି ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଇସ୍ତାହାରୁ ସୂଚନା ମିଳିଛି ।

# ବ୍ଲକସ୍ତରୀୟ କ୍ରୀଡାଙ୍ଗନା ତାଲିମ ଶିବିର ଉଦ୍‌ଘାଟିତ




**ଆସିକା,(ମହାଭାରତ) :** ଆସିକା ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ହାଇସ୍କୁଲ ଗୁଡିକର କ୍ରୀଡା ଶିକ୍ଷକ ମାନଙ୍କୁ ନେଇ ତିନିଦିନିଆ କ୍ରୀଡାଙ୍ଗନା ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ଆୟୋଜିତ ତାଲିମ ଶିବିରରେ ଆସିକା ବ୍ଲକ ଶିକ୍ଷା ଅଧିକାରୀ ମୁନରଣୀ ମାହାନ୍ତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ବେଳେ ହରିହର ହାଇସ୍କୁଲ ର ପ୍ରଧାନଶିକ୍ଷକ ଅଶୋକ ପାଢ଼ୀ, ତାଲିମ ଦାତା ଚନ୍ଦ୍ର ଶେଖର ଦାଶ ଓ ଅନିଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟ ର ଅଧୟନରତ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷାଦାନ ସହ କ୍ରୀଡାଙ୍ଗନା ଉପରେ ତାଲିମ ପ୍ରଦାନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହି ତିନିଦିନ ମଧ୍ୟରେ ତାଲିମ ଦାତା ମାନେ ଉଚ୍ଚ ବିଦ୍ୟାଳୟ ର ପିଲା ମାନଙ୍କୁ ସେମାନଙ୍କ କ୍ରୀଡା ଶିକ୍ଷକ ମାନେ ଅଲମ୍ପିକ ଉପରେ ଧାରଣା, ସହଯୋଗୀତା କୌଶଳ, ନିଷ୍ପତି ନେବା କୌଶଳ, ଆତ୍ମପରିଚାଳନା, ଦୃଢତାର ପରିପ୍ରକାଶ ଏବଂ ସୁନ୍ଦର ସୃଜନଶିଳତା ଉପରେ ବିଭିନ୍ନ କୌଶଳ ଶିକ୍ଷାଦାନ ପ୍ରଦାନ କରିଥିଲେ । ଏହି ତିନିଦିନିଆ ତାଲିମ କାର୍ଯ୍ୟକ୍ରମ କୁ ଶିକ୍ଷକ ଇନ୍ଦିରା ଦାଶ, ସ୍ୱଦେଶ ଦଳାଇ, ସତ୍ୟପ୍ରିୟ ରଥ ପ୍ରମୁଖ ସଂଯୋଜନା କରିଥିଲେ ।

# ମା'ଙ୍କ ପାଇଁ ଗଛଟିଏ' ଅଭିଯାନ ଆରମ୍ଭ

**ନାରାୟଣପାଟଣା,(ମହାଭାରତ) :** ବ୍ଲକ୍ ଡମ୍ ପାଲୁରୁ ଗ୍ରାମରେ ଆଜି ପ୍ରଧାନମନ୍ତ୍ରୀଙ୍କ ଅହ୍ୱାନ କ୍ରମେ 'ଏକ ପେଡ୍ ମା କେ ନାମ (ମା'ଙ୍କ ପାଇଁ ଗଛଟିଏ)' ଅଭିଯାନ ବିଜେପି ପକ୍ଷରୁ ଆରମ୍ଭ ହୋଇଯାଇଛି । ଲକ୍ଷ୍ମୀପୁର ପ୍ରୁବତନ ବିଧାୟକ କୈଳାଶ କୁଲେସିକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମରେ ବିଭିନ୍ନ ଔଷଧୀୟ ଗଛ ଲଗାଇବା ସହ ଅନ୍ୟ ମା ମାନଙ୍କୁ ଅଧିକରୁ ଅଧିକ ଗଛ ଲଗାଇବାକୁ ଅନୁରୋଧ କରିଥିଲେ। ଏହି ଅଭିଯାନର ଲକ୍ଷ୍ୟ ପ୍ରକୃତିର ସୁରକ୍ଷା ସହିତ ଏହାକୁ ନିଜ ମାତା ପରି ସମ୍ମାନ ଦେବା । ଯେଉଁଥିରେ ମିଶନ ଶକ୍ତି ମହିଳା ମାନେ ଆଗକୁ ଲଗାଇବେ ବୋଲି ମକହିଥିଲେ। ମା'ମାନଙ୍କୁ ସମ୍ମାନ ଦେବା ସହ ଏକ ସବୁଜ ଓଡ଼ିଶା ଗଠନ ଲକ୍ଷ୍ୟରେ ପ୍ରତ୍ୟେକ ନାଗରିକଙ୍କୁ ନିଜ ମାଆଙ୍କ ନାମରେ ଗଛ ଲଗାଇବାକୁ ଉତ୍ସାହିତ କରିଥିଲେ । ଏହିକର୍ଯ୍ୟ କର୍ମରେ ଲକ୍ଷ୍ମୀପୁର ବ୍ଲକ୍ ଅଧକ୍ଷା ଶୁଆଇ କୁଲେଶିକା ନାରାୟଣପାଟଣା ବ୍ଲକ୍ ବିଜେପି ସଭାପତି କାଶୀନାଥ ହିକକା,ବରିଷ୍ଟ ବିଜେପି ନେତା ରମେଶ ଦାସ,ସୁଜିତ୍ ବେହେରା, ମଙ୍ଗଳମଣି ତୁରୁକ୍,ବାୟା ପାତ୍ର ଙ୍କ ସମେତ ବ୍ଲକ୍ ର ସମସ୍ତ ବିଜେପି କର୍ମୀ ଯୋଗଦାନ କରିଥିଲେ ।ଏହାସହ ଜୁଲାଇ ମାସ ୬ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଗ୍ରାମରେ ଏହିପରି ଚାର ରୋପଣ କର୍ଯ୍ୟକର୍ମ ଚାଲୁ ରହିବ ବୋଲି କୈଳାଶ କୁଲେଷିକା କହିଛନ୍ତି।



# ଆସିକା ଖାଲସା ତାଲୁକା ପନ୍ଦରା ସମାଜର ୨୫ ତମ ବାର୍ଷିକଉତ୍ସବ

**ଆସିକା,(ମହାଭାରତ) :** ଆସିକା ଖାଲସା ତାଲୁକା ପନ୍ଦରା ସମାଜର ୨୫ ତମ ବାର୍ଷିକଉତ୍ସବ ତଥା ରୌପ୍ୟ ଜୟନ୍ତୀ ମହାଆଡମ୍ବରରେ ନିଖିଳ ଓଡିଶା ପନ୍ଦରା ସମାଜର ଉପ-ସଭାପତି ବିଜୟ କୁମାର ବାଡତ୍ୟା ଙ୍କ କର କମଳରେ ଉଦଘାଟନ ହୋଇଯାଇଛି। ଉକ୍ତ ଉତ୍ସବରେ ନିଖିଳ ଓଡିଶା ପନ୍ଦରା ସମାଜର ସମ୍ପାଦକ ଚନ୍ଦ୍ରଶେଖର ବିଡତ୍ୟା, କୋଷାଧ୍ୟକ୍ଷ ରାଜେନ୍ଦ୍ର ବାଡତ୍ୟା, ପରାମର୍ଶ ଦାତା ସଦସ୍ୟ ଶରତ ବେହେରା ଯୋଗଦେଇଥିଲେ। ଗଞ୍ଜାମ ଜିଲ୍ଲା ପନ୍ଦରା ସମାଜର ଉପ ସଭାପତି ହୃଷିକେଶ ବାଡତ୍ୟା, ସଂପାଦକ ପ୍ରମୋଦ କୁମାର ବାଡତ୍ୟା, ଚିତ୍ରସେନ ବାଡତ୍ୟା, ଉପେନ୍ଦ୍ର ବାଡତ୍ୟା ପ୍ରମୁଖ ଯୋଗଦେଇଥିଲେ। ତାଲୁକା ସଭାପତି ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ସଭା ଆରମ୍ଭ କରାଯାଇଥିଲା। ବାବନପୁର , ତୁଳୁଣୀ,ହରିଡାପଦର, ପଞ୍ଚାୟତର ବହୁବ୍ୟକ୍ତି ଯୋଗଦେଇଥିଲେ। ବାବନପୁର ପନ୍ଦରା ସମାଜର ସଭାପତି ସୀମାଞ୍ଚଳ ବିଡତ୍ୟା, ଉପ ସଭାପତି ଅଶୋକ କୁମାର ବାଡତ୍ୟା, ସଂପାଦକ ଚିତ୍ର ସେନ ବାଡତ୍ୟା ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ମହିଳା ସଂଗଠନ ସଭାନେତ୍ରୀ ଅଂଜଳି ବାଡତ୍ୟା, ପ୍ରମିଳା ବାଡତ୍ୟା, ସବିତା ବାଡତ୍ୟା ପ୍ରମୁଖ ଯୋଗଦେଇ ନାରୀମାନଙ୍କର କର୍ତ୍ତବ୍ୟ ପରାୟଣତା, ସମାଜ ପ୍ରତି ଦାୟିତ୍ୱ, ନାରୀଶିକ୍ଷା ଆଦି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ତଅପୋଇ ପୁରସ୍କାର ଦଣ୍ଡପାଣି ପୁରସ୍କାର, ଶ୍ରୀବତ୍ସ ପୁରସ୍କାର ଆଦି କୃତି ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ବିଭିନ୍ନ ଗ୍ରାମରୁ ଆସିଥିବା ଛାତ୍ରଛାତ୍ରୀଙ୍କର ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା। ମଦନ ମୋହନ ବାଡତ୍ୟା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଧନ୍ୟବାଦ ସହ ବୈଠକ ସାଙ୍ଗ କରାଯାଇଥିଲା।

# ଚମକପୁର ପଞ୍ଚାୟତରେ ୨ମାସର ପିଡିଏସ ଚାଉଳ ହେରଫେର

## ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ

**ଯୋଡା,(ମହାଭାରତ) :** ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ସରକାର ଗରିବ ଲୋକଙ୍କୁ ପିଡିଏସ୍ ଚାଉଳ ଯୋଗାଇଦେଇଆସୁଥିବା ବେଳେ କେନ୍ଦ୍ର ସରକାରଙ୍କ ନିଦ୍ଦେଶ ସତ୍ୱେ ନିର୍ବାଚନ ପୂର୍ବରୁ ୨ମାସ (ମେ ଏବଂ ଜୁନ)ର ପିଡିଏସ୍ ଚାଉଳ ଏକକାଳୀନ ଦେବା ପାଇଁ ପ୍ରାବଧାନ ଥିଲେ ମଧ୍ୟ ଯୋଡା ବ୍ଲକ ଅନ୍ତର୍ଗତ ଚମକପୁର ପଞ୍ଚାୟତରେ ୨ମାସର ପିଡିଏସ ଚାଉଳ ମିଳିନଥିବା ଅଭିଯୋଗ ହୋଇଛି । ଏହି ପଞ୍ଚାୟତକୁ ମାସିକ ୨୪୫ କ୍ୱିଣ୍ଟାଲ ଚାଉଳ ହିତାଧିକାରୀମାନଙ୍କ ନିମନ୍ତେ ଆସୁଥିବା ବେଳେ ୨ମାସର ଚାଉଳ ହେରଫେର ହୋଇଥିବା ଯୋଗୁଁ ହିତାଧିକାରୀମାନେ ଏହି ଚାଉଳରୁ ବଞ୍ଚିତ ହୋଇଛନ୍ତି । ଏହି ଚାଉଳ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ବଣ୍ଟନ କରାଯାଇଥାଏ । ତେବେ ଗୋଦାମରେ ୨ଶହ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ବସ୍ତା ଚାଉଳ କମ ଗଚ୍ଛିତ ଥିବା ଯୋଗୁଁ ଏହାକୁ ସମତୁଲ କରିବା ପାଇଁ କିଛି ହିତାଧିକାରୀଙ୍କ ନାମରେ ସେମାନଙ୍କ ପ୍ରାପ୍ୟ ଚାଉଳ ନଦେଇ ସେମାନଙ୍କ ନାମରେ ରସିଦ କାଟିଦିଆଯାଉଥିବା ଅଭିଯୋଗ ହୋଇଛି । କାଁ ଭାଁ ହିତାଧିକାରୀ ଏହି ଚାଉଳ ପାଇଥିବା ବେଳେ ଅଧିକାଂଶ ହିତାଧିକାରୀ ୨ମାସର ଚାଉଳ ପାଇନାହାନ୍ତି । ଏହି ଚାଉଳ କମ ଥିବା ପ୍ରକ୍ରିୟା ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଣେଶ୍ୱର ପ୍ରଧାନ ଏବଂ ତାଙ୍କ ପରେ ବିଦ୍ୟାଧର ପାତ୍ର ସମୟରୁ ଗଡି ଆସୁଥିବା ବେଳେ ଏବେ ପୁରୁଷୋତ୍ତମ ସାହୁଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ତେବେ ଦୀର୍ଘ ମାସ ଧରି ଚାଉଳ ନପାଇ ସ୍ଥାନୀୟ ବାସିନ୍ଦାମାନେ ଯୋଡା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଅରୁଣିମା ସାହୁଙ୍କୁ ୦୯.୦୫.୨୦୨୪ରେ ଲିଖିତ ଅଭିଯୋଗ କରିଥିଲେ । ଏଥିରେ ସେମାନେ ଦର୍ଶାଇଥିଲେ ଯେ, ଏହି ଚାଉଳ ବଣ୍ଟନ ନିମନ୍ତେ ୧୮.୦୪.୨୦୨୪, ୨୨.୦୪.୨୦୨୪ ଓ ୨୪.୦୪.୨୦୨୪ ରେ ତିନି ଥର ସରପଞ୍ଚଙ୍କ ମାଧ୍ୟମରେ ବିଜ୍ଞପ୍ତି ଜାରି କରାଯାଇଥିଲେ ମଧ୍ୟ ଖାଉଟିମାନେ ଏହି ଚାଉଳ ପାଇପାରିନାହାନ୍ତି । ଏ ନେଇ ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ତଦନ୍ତ କରି ଫେରିଛନ୍ତି । ୨୮ନଂ ଜୋନ ଜିଲା ପରିଷଦ ଡମ୍ବରୁଧର କୁଦାଃଦା ୧୮.୦୬.୨୦୨୪ ରେ ଏ ସଂକ୍ରାନ୍ତରେ ସାଂସଦ ଅନନ୍ତ ନାୟକଙ୍କୁ ଭେଟି ଅଭିଯୋଗ କରିବା ପରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଏବଂ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣାଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ତେବେ ୧୫ଦିନ ଭିତରେ ଏହି ସମସ୍ୟାକୁ ସମାଧାନ କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଉଥିବା ବେଳେ ଗୋଦାମରୁ ଏହି ଚାଉଳ କିଭଳି ନିଅଣ୍ଟ ହେଲା ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି ।

# ପୋଲକାଶୁଣି ଯାତ୍ରାରେ ଭକ୍ତଙ୍କ ପ୍ରବଳ ଜଣସମାଗମ

**ଆସିକା,(ମହାଭାରତ) :** ଆସିକା ସପ୍ତଠାକୁରାଣୀ ଯାତ୍ରା ତଥା ପୋଲୋକାଶୁଣି ଯାତ୍ରା ବେଶ ଆଡମ୍ବର ସହକାରେ ପାଳିତ ହେଉଛି। ସମ୍ପୂର୍ଣ୍ଣ ଆସିକା ସହର ଆଧାତ୍ମିକ ପରିବେଶରେ ପ୍ରକମ୍ପିତ ହୋଇ ଉଠୁଛି। ବିଭିନ୍ନ ପ୍ରକାର ବାଦ୍ୟ ସାଙ୍ଗକୁ ଯୋଡି ମହୁରୀ ବଜାଇ ମାଆଙ୍କୁ ନଗର ପରିକ୍ରମା କରାଯାଉଛି। ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବା ବେଳେ ଆସିକାରେ ଥିବା ସାତଟି ମାଆଙ୍କ ପ୍ରତିମା ଗୋଟିଏ ସ୍ଥାନରେ ପୂଜା ପାଇବାକୁ ନେଇ ଭକ୍ତ ମାନଙ୍କ ଭିତରେ ଆନନ୍ଦମୟ ପରିବେଶ ସୃଷ୍ଟି କରୁଛି। ମାଆଙ୍କୁ ନେବା ସମୟରେ ପୂର୍ଣ୍ଣକୁମ୍ଭ ଧରି ମହିଳା ମାନେ ନଗର ପରିଭ୍ରମଣ କରୁଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ସମୟରେ ମୀନା ବଜାର ସାଙ୍ଗକୁ ବିଭିନ୍ନ ପ୍ରକାର ଖାଦ୍ୟର ମଜା ନିଆରା ପରିବେଶ ସୃଷ୍ଟି କରୁଛି। ପୋଲୋକାଶୁଣି ଯାତ୍ରା ପାଇଁ ଆସିକା ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମରୁ ଭକ୍ତ ମାନଙ୍କ ଶୁଅ ଛୁଟିବାରେ ଲାଗିଛି ।ମାଆଙ୍କ ଆଗମନରେ ଆସିକାର ପୁରପଲ୍ଲୀ ହୋଇଅଛି ଭକ୍ତିମୟ ଓ ଆନନ୍ଦମୟ। ଯାତ୍ରା କମିଟି ଓ ସ୍ଥାନୀୟ ପ୍ରଶାସନ ଏହି ଯାତ୍ରାକୁ ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ସ୍ଥାନୀୟ ତହସିଲଦାର, ବିଡିଓ ଓ ପୋଲିସ ପ୍ରଶାସନ ସଜାଗ ରହି ୧୮ତାରିଖରୁ ଆରମ୍ଭ ୩୦ତାରିଖରେ ଶେଷ ହେବାକୁ ଥିବା ଏହି ଯାତ୍ରାକୁ ନିୟନ୍ତ୍ରଣ କରୁଥିବା ଜଣାପଡିଛି।

# ଐତିହାସିକ ବିଜୟ ପରେ ଆଫଗାନିସ୍ତାନ ସଡ଼କରେ ଜନ ସମୁଦ୍ର





କାବୁଲ,୨୫।୬: ଯାହା ଆଶା କରାଯାଇନଥିଲା ଆଫଗାନିସ୍ତାନ କ୍ରିକେଟ ଟିମ ବିଶ୍ୱରେ ତାହା କରି ଦେଖାଇଲା। ଏହି ଦଳ ଟି -୨୦ ବିଶ୍ୱକପ ୨୦୨୪ର ସେମିଫାଇନାଲରେ ପ୍ରବେଶ କରିଛି। ରସିଦ ଖାନଙ୍କ ଅଧିନାୟକତ୍ୱ ଦଳ ପ୍ରଥମେ ସୁପର- ୮ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ତାପରେ ଏହି ଦଳ ବାଂଲାଦେଶକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା ଆଫଗାନିସ୍ତାନ ପ୍ରଥମ ଥର ପାଇଁ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଛି।

ଏହି ଐତିହାସିକ ବିଜୟ ପରେ ଆଫଗାନିସ୍ତାନ କ୍ରିକେଟ ଦଳ ପାଇଁ ଖୁସିର କୌଣସି ସୀମା ନ ଥିଲା। ବିଜୟ ଉତ୍ସବରେ ପୂରା ଦଳ ବୁଡ଼ି ଯାଇଥିଲେ। ଆଫଗାନିସ୍ତାନ ଖେଳାଳିମାନେ ସମଗ୍ର ପଡ଼ିଆରେ ନାଚିବା ଆରମ୍ଭ କରିଥିଲେ। ଏହି ମୁହୂର୍ତ୍ତଟି ଏହିପରି ଥିଲା। ଏହି ପ୍ରକାର ପ୍ରଦର୍ଶନ ସହିତ ଆଫଗାନିସ୍ତାନ ସେମିଫାଇନାଲରେ ପହଞ୍ଚିବ ବୋଲି କେହି ଭାବି ନଥିଲେ। ଏହି ବିଜୟ କେବଳ ପଡ଼ିଆରେ ନୁହେଁ ବରଂ ଆଫଗାନିସ୍ତାନ ରାସ୍ତାରେ ମଧ୍ୟ ଏହି ବିଜୟ ଉତ୍ସବ ପାଳନ କରାଯାଇଥିଲା।

ରସିଦ ଖାନଙ୍କ ଦ୍ୱାରା ଅଧିନାୟକ ଦଳ ବାଂଲାଦେଶକୁ ପରାସ୍ତ କରିବା ମାତ୍ରେ ଆଫଗାନିସ୍ତାନର ଲୋକମାନେ ରାଜ ରାସ୍ତାକୁ ଚାଲି ଯାଇଥିଲେ। ଲୋକମାନେ ଆଫଗାନିସ୍ତାନ ପତାକା ସହିତ ନିଜ ଦଳକୁ ଉତ୍ସାହିତ କରୁଥିଲେ। ବର୍ତ୍ତମାନ ଆଫଗାନିସ୍ତାନର ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଯେଉଁଥିରେ ରାସ୍ତାରେ ଲୋକଙ୍କ ଭିଡ଼ ସ୍ପଷ୍ଟ ଦେଖାଯାଉଛି।ରାସ୍ତାରେ ପାଦ ରଖିବାକୁ ମଧ୍ୟ ସ୍ଥାନ ନାହିଁ। ଏହି ଭିଡ଼ ଦେଖିଲେ ଲାଗୁଛି ସତେ ଯେପରି ଲୋକମାନେ ଜଣେ ନେତାଙ୍କ ଭାଷଣ କିମ୍ବା ଗାୟକଙ୍କ କନସର୍ଟ ଶୁଣିବାକୁ ଆସିଛନ୍ତି।

## ଗ୍ରୀଷ୍ମକାଳୀନ ବ୍ୟାଡମିଣ୍ଟନ ଶିବିର ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୨୫।୬: କେନ୍ଦ୍ରାପଡା ଶ୍ୟାମଗୁଡିଆ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ପରିସର ରେ ଦୀର୍ଘ ମାସେ ହେଲା ଚାଲିଥିବା ବ୍ୟାଟ ମିଣ୍ଟନ ଶିବିର ଉଦ୍‌ଯାପିତ ହୋଇଯାଇଛି



। ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଥିରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଓ.ଏସ୍.ଡି ର ସୁଶାନ୍ତ କୁମାର ଜେନା, ବ୍ୟାଟ ମିଣ୍ଟନ ପ୍ରଶିକ୍ଷକ ଅରସତ ଅଲ୍ଲୀ, ଜିମ୍ ଟ୍ରେନର ଦେବସୁନ୍ଦର ପାଢୀ, ଭାର ଉତୋଳନ ପ୍ରଶିକ୍ଷକ ଶ୍ରୀମତୀ ସୂର୍ଯ୍ୟପ୍ରଭା ମହାନ୍ତି, ହାଉସ କିପର ଶ୍ରୀଧର ମଳିକ, ସୁଭଦ୍ରା ମଳିକ ପ୍ରଭୃତି ଉପସ୍ଥିତ ଥିଲେ।

## ଡିଏଲ୍‌ଏସ୍ ପଦ୍ଧତିର ଜନକ ଫ୍ରାଙ୍କ ଡକର୍ଥଙ୍କ ପରଲୋକ

ଲଣ୍ଡନ: କ୍ରିକେଟ୍‌ରେ ବର୍ଷା ପରେ ମ୍ୟାଚର ଫଳାଫଳ ପାଇବା ପାଇଁ ଡକର୍ଥ-ଲୁଇସ୍-ଷ୍ଟର୍ନ ପଦ୍ଧତି ବ୍ୟବହୃତ ହୁଏ । ଏହି ନିୟମର ସୃଷ୍ଟିକର୍ତ୍ତାମାନଙ୍କ ମଧ୍ୟରୁ ଫ୍ରାଙ୍କ ଡକର୍ଥଙ୍କର ଦେହାନ୍ତ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ, ତାଙ୍କ ସାଥୀ ଟନି ଲୁଇସଙ୍କ ସହ, ବର୍ଷା କିମ୍ବା ଅନ୍ୟାନ୍ୟ କାରଣରୁ ବାଧାପ୍ରାପ୍ତ ସୀମିତ ଓଭର ମ୍ୟାଚରେ ଉଚିତ ଫଳାଫଳ କରିବାକୁ ଏହି ନିୟମ ପ୍ରସ୍ତୁତ କରିଥିଲେ। ୧୯୯୭ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଏହି ନିୟମ ଲାଗୁ କରାଯାଇଥିଲା ।୨୦୦୧ରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ଏହି ନିୟମ ଆନୁଷ୍ଠାନିକ ଭାବେ ଗ୍ରହଣ କରାଯାଇଥିଲା ।

# ବିପର୍ଯ୍ୟୟ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଲେ ୱାର୍ଣ୍ଣର

କିଷ୍ଟସଷ୍ଟନ,୨୫।୬(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟରେ ସରିଛି ବିସ୍ଫୋରକ ବ୍ୟାଟର ଡାଭିଡ ୱାର୍ଣ୍ଣରଙ୍କ ଯୁଗ। ଅଷ୍ଟ୍ରେଲିଆ ପାଇଁ ଆଉ ନଜର ଆସିବେନି ଏହି ବାମହାତୀ ଷ୍ଟାଇଲିଶ ବ୍ୟାଟର। କାରଣ ଆଜି ଅନ୍ତର୍ଜାତୀୟ କ୍ରିକେଟକୁ ସବୁଦିନ ପାଇଁ ବାଏବାଏ କହିଛନ୍ତି ଡାଭିଡ ୱାର୍ଣ୍ଣର।

ଟି-୨୦ ବିଶ୍ୱକପରୁ ଅଷ୍ଟ୍ରେଲିଆ ସୁପର ୮ରୁ ବିଦାୟ ନେଇଛି। ଭାରତ ଠାରୁ ହାରିବା ପରେ ଦଳ ଭାଗ୍ୟ ଆଜି ଅନୁଷ୍ଠିତ ବାଂଲାଦେଶ ଓ ଆଫଗାନିସ୍ତାନ ମ୍ୟାଚ୍ ଉପରେ ନିର୍ଭର କରୁଥିଲା।। ବାଂଲାଦେଶ ଜିତିଥିଲେ ଅଷ୍ଟ୍ରେଲିଆ ସେମିକୁ ଯାଇଥାଆନ୍ତା। ହେଲେ ଆଫଗାନିସ୍ତାନ ସମସ୍ତଙ୍କୁ ଚକିତ କରି ମ୍ୟାଚ୍ କବଜା କରିବା ସହ ପ୍ରଥମଥର ପାଇଁ ବିଶ୍ୱକପର କୌଣସି ସେମି ଫାଇନାଲରେ ପ୍ରବେଶ କରିଛି। ଆଫଗାନିସ୍ତାନ ବିଜୟୀ ହୋଇଥିବାରୁ ୨୦୨୧ ଟି-୨୦ ବିଶ୍ୱକପ ବିଜେତା ଅଷ୍ଟ୍ରେଲିଆକୁ ବାହାରର ରାସ୍ତା ଦେଖିବାକୁ ପଡ଼ିଛି।




ବିଶ୍ୱକପରୁ ଦୁଃଖଦ ବିଦାୟ ପରେ ଡାଭିଡ ୱାର୍ଣ୍ଣର ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛି ବିଶ୍ୱକପ। ପୂର୍ବରୁ ହିଁ ସେ ଟୁର୍ଣ୍ଣାମେଣ୍ଟ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ ବୋଲି କହି ସାରିଥିଲେ। ତେବେ ସେ ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ବେଳକୁ କମବ୍ୟାକ କରିବେ ବୋଲି ଆଶା କରାଯାଉଥିଲା। ହେଲେ ଆଜି ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅଲବିଦା କହି ଦେଇଛନ୍ତି।

ୱାର୍ଣ୍ଣର ଅଷ୍ଟ୍ରେଲିଆ ପାଇଁ ଶେଷ ଦିନିକିଆ। ଭାରତ ବିପକ୍ଷ ୨୦୨୩ ବିଶ୍ୱକପ ଫାଇନାଲରେ ଖେଳିଥିଲେ। ସେହିପରି ପାକିସ୍ତାନ ବିପକ୍ଷ ଟେଷ୍ଟରେ ସେ ଅଷ୍ଟ୍ରେଲିଆ ପାଇଁ ଶେଷଥର ନଜର ଆସିଥିଲେ। ଏବେ ଭାରତ ବିପକ୍ଷ ଶେଷ ଟି-୨୦ ମ୍ୟାଚ୍ ପରେ ସେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଛନ୍ତି।

ୱାର୍ଣ୍ଣର ଅଷ୍ଟ୍ରେଲିଆ ପାଇଁ ୧୧୦ ଟି-୨୦ ମ୍ୟାଚ୍‌ରେ ୩୨୭୭ ରନ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ସେଞ୍ଚୁରୀ ଓ ୨୮ଟି ଅର୍ଦ୍ଧଶତକ ରହିଛି। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ ହେଁ ୱାର୍ଣ୍ଣର ବିଭିନ୍ନ ଫ୍ରାଞ୍ଚାଇଜ ପକ୍ଷରୁ ଟି-୨୦ କ୍ରିକେଟ ଖେଳିବା ଜାରି ରଖିବେ। ଏହାର ଅର୍ଥ ଆସନ୍ତାବର୍ଷ ଆଇପିଏଲରେ ସେ ନଜର ଆସିବେ।

ଦିନିକିଆ ବିଶ୍ୱକପ ସହ ୨୦୨୧ରେ ଟି-୨୦ ବିଶ୍ୱକପ ଓ ୨୦୨୩ରେ ବିଶ୍ ଟେଷ୍ଟ ଚାମ୍ପିୟନଶିପ ଟ୍ରଫି ଜିତିଥିବା କଙ୍ଗାରୁ ଦଳରେ ୱାର୍ଣ୍ଣର ରହିଥିଲେ। ୩୭ ବର୍ଷୀୟ ୱାର୍ଣ୍ଣର ଅନ୍ତର୍ଜାତୀୟ କ୍ରିକେଟରେ ୪୯ଟି ଶତକ ସହାୟତାରେ ପ୍ରାୟ ୧୯ ହଜାର ରନ କରିଛନ୍ତି।

# ବିଶ୍ୱ କ୍ରିକେଟରେ ଆଫଗାନିସ୍ତାନର ଉତଥାନ ପଛରେ ଭାରତ

ନୂଆଦିଲ୍ଲୀ,୨୫।୬(ଏଜେନ୍ସି): ମାତ୍ର କିଛି ବର୍ଷ ମଧ୍ୟରେ ଆଫଗାନିସ୍ତାନ ବିଶ୍ କ୍ରିକେଟରେ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଦଳର ପ୍ରଦର୍ଶନ ପୂରା ବିଶ୍ୱରେ ସମସ୍ତଙ୍କୁ ପ୍ରଭାବିତ କରିଛି।୨୦୧୭ରେ ଆଫଗାନିସ୍ତାନ ଆଇସିସିର ପୂର୍ଣ୍ଣକାଳୀନ ସଦସ୍ୟ ରାଷ୍ଟ୍ର ହୋଇଥିଲା। ୨୦୨୪ରେ ଆଫଗାନିସ୍ତାନ ଟି-୨୦ ବିଶ୍ୱକପର ସେମିରେ ପ୍ରବେଶ କରି ନୂଆ ଅଧ୍ୟାୟ ସୃଷ୍ଟି କରିଛି। ୨୦୨୩ ଦିନିକିଆ ବିଶ୍ୱକପରେ ମଧ୍ୟ ଦଳ କମାଲ କରିଥିଲା।

ଚଳିତ ଟି-୨୦ ବିଶ୍ୱକପରେ ଦଳ ନ୍ୟୁଜିଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆ ଭଳି ଦଳକୁ ପରାସ୍ତ କରିଛି। ଶେଷ ସୁପର ୮ ମ୍ୟାଚ୍‌ରେ ଆଜି ଆଫଗାନିସ୍ତାନ ୮ ରନରେ ବାଂଲାଦେଶକୁ ହରାଇ ଦେଇଛି। ଏହି ବିଜୟ ପରେ ବିଶ୍ୱକପ ଇତିହାସର ସେମି ଫାଇନାଲରେ ଦଳ ପ୍ରଥମଥର ପ୍ରବେଶ କରିବାର ସୁଯୋଗ ପାଇଛି।

ସବୁବେଳେ ବଡ଼ବଡ଼ ଆଇସିସି ଇଭେଣ୍ଟରେ ଅଣ୍ଡରଡଗ୍‌ର ଆଖ୍ୟା ପାଉଥିବା ଆଫଗାନିସ୍ତାନ ଏଥର ଆଖି ଲାଖିଯିବା ଭଳି ଖେଳ ପ୍ରଦର୍ଶନ କରିଛି। ଖେଳାଳିମାନଙ୍କ ପ୍ରଦର୍ଶନ ଓ କଠିନ ପରିଶ୍ରମ ଯୋଗୁ ଆଫଗାନ କ୍ରିକେଟ ସଫଳତାର ଶୀର୍ଷରେ ପହଞ୍ଚିଛି। ତେବେ ବିଶ୍ୱ କ୍ରିକେଟରେ ଆଫଗାନିସ୍ତାନର ଏପରି ଉତଥାନ ପଛରେ ଭାରତ ଓ ବିସିସିଆଇ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଭାରତର ଲୁକାୟତ ସମର୍ଥନକୁ ଆଫଗାନିସ୍ତାନର କ୍ରିକେଟରମାନେ ମଧ୍ୟ ଅନେକଥର ଖୋଲାଖୋଲି ଭାବେ ସମସ୍ତଙ୍କୁ ଅବଗତ କରାଇବାର ନଜୀର ରହିଛି। ଅନେକ ଭାରତୀୟ ମଧ୍ୟ ଆଫଗାନିସ୍ତାନକୁ ନିଜର ବି ଟିମ ବୋଲି କହିବାକୁ ମଧ୍ୟ ପଛାନ୍ତି ନାହିଁ।



ଭାରତରେ ହୋମ ଗ୍ରାଉଣ୍ଡ: ୨୦୧୫ରେ ଗ୍ରେଟର ନୋଏଡାରେ ଥିବା ସହିଦ ବିଜୟ ସିଂହ ପଥିକ ସ୍ପୋର୍ଟ କମ୍ପ୍ଲେକ୍ସ ପ୍ରଥମେ ଆଫଗାନ ଟିମର ଅସ୍ଥାୟୀ ହୋମ ଗ୍ରାଉଣ୍ଡ ପାଲଟିଥିଲା। ବିସିସିଆଇ ଏହା ଆଫଗାନିସ୍ତାନକୁ ଯୋଗାଇ ଦେଇଥିଲା। ଏପରି ପଦକ୍ଷେପ ପରେ ଆଫଗାନିସ୍ତାନ ତାର ବେସ୍‌କୁ ଶାରଜାରୁ ନୋଏଡାକୁ ସ୍ଥାନାନ୍ତର କରିଥିଲା। ୨୦୧୭ରେ ଦଳ ଆୟର୍ଲ୍ୟାଣ୍ଡ ବିପକ୍ଷରେ ଏଠାରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲା। କେବଳ ଗ୍ରେଟର ନୋଏଡା ନୁହେଁ, ଆଫଗାନିସ୍ତାନ ଡେରାଡୁନରେ ବାଂଲାଦେଶ ବିପକ୍ଷରେ ଟି-୨୦ ସିରିଜ ମଧ୍ୟ ଆୟୋଜନ କରିଥିଲା।

ଭାରତୀୟ କୋଚ: ବିସିସିଆଇ ଆଫଗାନିସ୍ତାନକୁ କେବଳ ଭିତ୍ତିଭୂମି ଯୋଗା ଦେଇ ନଥିଲା, ବରଂ ଅନ୍ୟାନ୍ୟ ସୁବିଧା ଓ କୋଚିଂ ସେବା ମଧ୍ୟ ପ୍ରଦାନ କରିଥିଲା। ଟିମ ଇଣ୍ଡିଆର ପୂର୍ବତନ ଖେଳାଳି ଲାଲଚାନ୍ଦ ରାଜପୁତ, ମନୋଜ ପ୍ରଭାକର ଓ ଅଜୟ ଜାଡେଜା ମଧ୍ୟ ଆଫଗାନିସ୍ତାନ ଟିମର କୋଚିଂ ଟିମରେ ରହିଥିଲେ। ଏପରି କି ଜାଡେଜା ନିକଟରେ ଶେଷ ହୋଇଥିବା ୨୦୨୩ ଦିନିକିଆ ବିଶ୍ୱକପରେ ଆଫଗାନିସ୍ତାନ ଟିମର ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିଥିଲେ।

ବିସିସିଆଇ ବିଶ୍ୱର ସବୁଠାରୁ ଶକ୍ତିଶାଳୀ କ୍ରିକେଟ ସଂସ୍ଥା ଏଥିରେ କାହାର ସନ୍ଦେହ ନାହିଁ। ଆଫଗାନିସ୍ତାନ ତାର ପ୍ରଥମ ଟେଷ୍ଟ ମ୍ୟାଚ୍ ବେଙ୍ଗାଲୁରୁରେ ଖେଳିଥିଲା। ଏଥିପାଇଁ ବିସିସିଆଇ ତତ୍କାଳୀନ ଆଫଗାନ ରାଷ୍ଟ୍ରପତି ଅଶର୍ଫ ଘନିଙ୍କୁ ନିମନ୍ତ୍ରଣ କରିଥିଲା।

ଆଇପିଏଲର ଭୂମିକା: ଆଫଗାନିସ୍ତାନ ଖେଳାଳିଙ୍କ ସଫଳତା ପଛରେ ଆଇପିଏଲର ବଳିଷ୍ଠ ଭୂମିକା ରହିଛି। ଅନେକ ଆଫଗାନ ଖେଳାଳି ଆଇପିଏଲ ଖେଳି କେବଳ ଟଙ୍କା ପାଉ ନାହାନ୍ତି, ବରଂ ସେମାନଙ୍କ ଖେଳରେ ଉନ୍ନତି ଆସୁଛି। ଏହା ଦେଖି ଆଫଗାନିସ୍ତାନର ଅନେକ ଯୁବକ କ୍ରିକେଟ ପ୍ରତି ଆକୃଷ୍ଟ ହେଉଛନ୍ତି।ଆଇପିଏଲରେ ଦିନକୁ ଦିନ ଆଫଗାନିସ୍ତାନ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସେମାନଙ୍କୁ ମଧ୍ୟ ବିଭିନ୍ନ ଫ୍ରାଞ୍ଚାଇଜ ଗୁରୁତ୍ୱ ଦେଉଛନ୍ତଉ। ତେଣୁ ଦେଶରେ ନୂଆନୂଆ। ପ୍ରତିଭା ସାମ୍ନାକୁ ଆସୁଛନ୍ତି।

# ଟାଇମ୍ସ ସ୍କୋୟାରରେ ବିରାଟ

ନୂଆଦିଲ୍ଲୀ,୨୫।୦୬: ଭାରତୀୟ ବ୍ୟାଟ୍ସମ୍ୟାନ୍ ସେ କିଙ୍ଗ କୋହଲି ବିରାଟ ନାଁରେ ସେ ଫେମସ ଫ୍ୟାନ ଫଲୋଅର୍ସ ଅଧିକା କୋହଲିଙ୍କ ଲୋକପ୍ରିୟତା କେବଳ ଭାରତ ନୁହେଁ ଭାରତ ବାହାରେ ବି ସେ ପପୁଲାର କୋହଲିଙ୍କ ଲୋକପ୍ରିୟତା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି ।କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ବିରାଟଙ୍କ ପ୍ରଶଂସକ ଅଛନ୍ତି।

୨୦୨୪ ଟି-୨୦ ବିଶ୍ୱକପ ମଧ୍ୟରେ ଆମେରିକାର ନ୍ୟୁୟର୍କର ଟାଇମ୍ସ ସ୍କୋୟାରରେ ବିରାଟ ପ୍ରାଧାନ୍ୟ ବିସ୍ତାର କରିଛନ୍ତି । ବିରାଟ କୋହଲି ଟି ୨୦ ବିଶ୍ୱକପରେ ସେତେଟା ଭଲ ପ୍ରଦର୍ଶନ କରିନାହାଁନ୍ତି। କିନ୍ତୁ କୋହଲିଙ୍କ ବ୍ୟାଟିଂ ଗତ ଦଶନ୍ଧି ଧରି ହେଡଲାଇନରେ ରହିଆସିଛି ।



ବିରାଟ ତାଙ୍କ ବ୍ୟାଟିଂ ଆଧାରରେ କ୍ରିକେଟ୍ ଜଗତର ମହାନ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ।ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି ଯେ ବିରାଟ କୋହଲି ଟାଇମ୍ସ ସ୍କୋୟାରରେ ନଜର ଆସିଛନ୍ତି। ବିରାଟ କୋହଲି ଦୀର୍ଘ ଦିନ ଧରି ମ୍ୟାଟ୍ରେସ୍ ଉତ୍ପାଦନକାରୀ କମ୍ପାନୀ ଡୁରୋଫ୍ଲେକ୍ସକୁ ପ୍ରୋତ୍ସାହିତ କରିଆସୁଛନ୍ତି। ବିରାଟ ଡୁରୋଫ୍ଲେକ୍ସର ବ୍ରାଣ୍ଡ ଆମ୍ବାସାଡର ଭାବରେ ଜଣାଶୁଣା । ନ୍ୟୁୟର୍କର ଟାଇମ୍ସ ସ୍କୋୟାରରେ ବିରାଟଙ୍କ ପ୍ରତିମୂର୍ତ୍ତି ଦେଖାଯିବା ପରେ ଡୁରୋଫ୍ଲେକ୍ସ ଏହି ଭିଡିଓ ସେୟାର କରିଛନ୍ତି ଏହି ପୋଷ୍ଟରେ ଲେଖାଥିଲା, 'କେବଳ ଉନ୍ମୋଚିତ ହୋଇଛି, ଆଇକନିକ୍ ଟାଇମ୍ସ ସ୍କୋୟାରରେ ବିରାଟ କୋହଲିଙ୍କ ବିଶାଳ ପ୍ରତିମୂର୍ତ୍ତି ବିରାଟଙ୍କର କାମ ପାଇଁ ସେ ଏବେ ବିଶ୍ୱବ୍ୟାପୀ ଇତିହାସ ସୃଷ୍ଟି କରିଛନ୍ତି । ଆମେ ବିରାଟ କୋହଲିଙ୍କୁ ଭଲ ନିଦ ଏବଂ ଉତ୍ତମ ସ୍ୱାସ୍ଥ୍ୟ ଦେଉଛୁ ।

ସୋସିଆଲ ମିଡିଆରେ ଏହି ଭିଡିଓ ସାମ୍ନାକୁ ଆସିବା ପରେ ବିରାଟ କୋହଲିଙ୍କ ପ୍ରଶଂସକମାନେ ଏହି ପୋଷ୍ଟ ଉପରେ କ୍ରମାଗତ ମନ୍ତବ୍ୟ ଦେଉଛନ୍ତି ବିରାଟଙ୍କୁ ବହୁତ ପ୍ରଶଂସା କରାଯାଉଛି । ଜଣେ ଉପଭୋକ୍ତା ଭାରତୀୟ କ୍ରିକେଟ୍ ଦଳ ଏବଂ ପାକିସ୍ତାନ ଦଳକୁ ତୁଳନା କରିଛନ୍ତି। ଉପଭୋକ୍ତା ଲେଖିଛନ୍ତି, ଏ ହେଉଛନ୍ତି କ୍ରିକେଟର ରାଜା। ଏହି ବିଷୟରେ ଏକ ଫଟୋ ସେୟାର କରାଯାଇଛି, ଯେଉଁଥିରେ ପାକିସ୍ତାନୀ ଖେଳାଳିଙ୍କ ବିକୃତ ଚେହେରା ସେୟାର କରାଯାଇଛି, ଯେଉଁଥିରେ ଭାରତୀୟ ଖେଳାଳିମାନେ ଦେଖାଯାଉଛନ୍ତି।

## ବ୍ୟାଟ୍ ଫୋପାଡ଼ିଲେ ରସିଦ

ନୂଆଦିଲ୍ଲୀ ୨୫/୦୬: ଆଫଗାନିସ୍ତାନ ଅଧିନାୟକ ରସିଦ ଖାନ ଯିଏକି ପ୍ରାୟତଃ ପଡ଼ିଆରେ ରହୁନ୍ତି ଶାନ୍ତ ଓ କମନୀୟ ହେଲେ ସେଣ୍ଟ ଭିନ୍ସେଣ୍ଟରେ ଦେଖିବାକୁ ମିଳିଛି ତାଙ୍କର ଆଙ୍ଗ୍ରି ଲୁକ୍ ବିଚ୍ ମୈଦାନରେ ସେ ସାଥୀ ଖେଳାଳିଙ୍କୁ ପାଟି କରୁଥିବାର ନଜର ଆସିଛନ୍ତି ଦଳ ପାଇଁ ଶେଷ ଓଭରରେ କରିମ ଜନତ ତାଙ୍କ ସହ ବ୍ୟାଟିଂ କରୁଥିଲେ।

ବିରୋଧୀ ବୋଲର ତାନଜିମ ହାସନ ସାକିବଙ୍କ ତୃତୀୟ ବଲରେ ଖାନ ମିଡ଼ିକେଟ୍ ଉପରେ ହେଲିକପ୍ଟର ସଟ୍ ମାରିଥିଲେ କିନ୍ତୁ ବଲ ସୀମା ରେଖା ଅତିକ୍ରମ କରିପାରି ନଥିଲା ଫଳସ୍ୱରୂପ ସେ ଦୌଡ଼ି ପଳାଇବା ସହ ୨ ରନ୍ ନେବାକୁ ଚେଷ୍ଟା କରିଥିଲେ ଉଭୟ ବ୍ୟାଟ୍ସମ୍ୟାନ୍ ପ୍ରଥମ ରନ୍ ଶେଷ କରିଥିଲେ।

କିନ୍ତୁ କରିମ ଦ୍ୱିତୀୟ ରନ୍ରେ ଆଗ୍ରହ ଦେଖାଇ ନଥିଲେ ଫଳରେ ରସିଦ ଖାନଙ୍କ ରାଗ ହୋଇଯାଇଥିଲା ପଞ୍ଚମ ସେ ବ୍ୟାଟ୍କୁ ମଝିରେ ଫିଙ୍ଗି ନିଜର କ୍ରୋଧ ପ୍ରକାଶ କରିଥିଲେ। ଅଧିନାୟକଙ୍କ କ୍ରୋଧକୁ ଅନୁଭବ କରି କରିମ ଜନତ ତାଙ୍କ ସହ କଥା ହେବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହି ସମୟ ମଧ୍ୟରେ ରସିଦ ଖାନ ମଧ୍ୟ ତାଙ୍କୁ ଅଣଦେଖା କରୁଥିବା ଦେଖାଯାଇଥିଲା ବାସ୍ତବରେ କ୍ୟାପଟେନ ରସିଦ ଖାନ ଶେଷ ଓଭରରେ ଶୀଘ୍ର କିଛି ରନ୍ ସ୍କୋର କରିବାକୁ ଚେଷ୍ଟା କରୁଥିଲେ । ତାଙ୍କ ବ୍ୟାଟରେ ମଧ୍ୟ ଭଲ ରନ୍ ଆସୁଥିଲା ଏଭଳି ପରିସ୍ଥିତିରେ ସେ ଦୁଇ ରନ୍ ନେଇ ଷ୍ଟ୍ରାଇକ୍ ରଖିବାକୁ ଚାହୁଁଥିଲେ। କିନ୍ତୁ ଏଠାରେ କରିମ୍ ପଡ଼ିଆରେ ଟିକେ ମନ୍ଥର ଦେଖାଇଥିଲେ । ସିଙ୍ଗଲ ନେବା ପରେ ଦ୍ୱିତୀୟ ରନ୍ ନେବାକୁ ମନା କରିଥିଲେ। ଏହି ଜିନିଷ ରସିଦଙ୍କୁ ଅସନ୍ତୁଷ୍ଟ କଲା ଏବଂ ସେ ନିଜ ବ୍ୟାଟ୍ ଫିଙ୍ଗି ନିଜର କ୍ରୋଧ ପ୍ରକାଶ କରିଥିଲେ ।

## ଗୋଟିଏ ଦିନରେ ହିଟ୍ ମ୍ୟାନ୍ ଭାଙ୍ଗିଲେ '୯' ରେକର୍ଡ

ମୁମ୍ବାଇ,୨୫।୦୬(ଏଜେନ୍ସି): ଆଇସିସି ଟି-୨୦ ବିଶ୍ୱକପ୍ ୨୦୨୪ ସୋମବାର ଖେଳାଯାଇଥିବା ସୁପର-୮ ମୁକାବିଲାରେ ଅଷ୍ଟ୍ରେଲିଆକୁ ୨୪ ରନରେ ହରାଇଛି ଟିମ୍ ଇଣ୍ଡିଆ। ଆଉ ଏହି ବିଜୟ ସହ ସେମିରେ ଏଣ୍ଟ୍ରି କରିଛି ରୋହିତ ବାହିନୀ। ସୁପର-୮ର ଏହି ବିଜୟର ସବୁଠୁ ବଡ଼ ଶ୍ରେୟ ଅଧିନାୟକ ରୋହିତ ଶର୍ମାଙ୍କର। ଯେପରି ଭାବେ ରୋହିତ ଶର୍ମା ଅଷ୍ଟ୍ରେଲିଆ ବୋଲରଙ୍କ ସାମ୍ନା କରିଥିଲେ ଏପିରି ଲାଗୁଥିବା ବୋଲରଙ୍କ ପ୍ରତି ବଲର ଶେଷ ଠିକଣା କେବଳ ବାଉଣ୍ଡରୀ।ତେବେ ଏହି ମ୍ୟାଚ୍ରେ ରୋହିତ ଶର୍ମା ନିଜ ନାଁରେ ଅନେକ ରେକର୍ଡ କରିଛନ୍ତି ଆସନ୍ତୁ ଜାଣିବା ଏହିସବୁ ରେକର୍ଡ ବିଷୟରେ...

ସୋମବାର ଦିନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ୮ଟି ଛକା ମାରିଛନ୍ତି ରୋହିତ ଶର୍ମା। ଯାହାଦ୍ୱାରା ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍ରେ ରୋହିତ ଶର୍ମା ସବୁଠୁ ଅଧିକ ଛକା ମାରିବାରେ ରେକର୍ଡ ନିଜ ନାଁରେ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରୋହିତ ଶର୍ମା ୨୦୩ ଛକା ମାରିବା ପ୍ରଥମ ସ୍ଥାନରେ ରହିଥିବା ବେଳେ ୧୭୩ଟି ଛକା ମାରି ମାର୍ଟିନ ଗୁପ୍ଟିଲ୍ ୨ୟ ସ୍ଥାନରେ ରହିଛନ୍ତି। ଏହାପରେ ତୃତୀୟ ସ୍ଥାନରେ ୧୩୭ଟି ଛକା ମାରି ଜୋସ ବଟଲର ତୃତୀୟ ସ୍ଥାନରେ ରହିଛନ୍ତି।

ଅଷ୍ଟ୍ରେଲିଆ ବିପକ୍ଷରେ ୯୨ ରନ୍ ଖେଳି ବାବର ଆଜମ୍‌ଙ୍କୁ ପଛରେ ପକାଇଛନ୍ତି ରୋହିତ ଶର୍ମା। ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍ରେ ସବୁଠୁ ଅଧିକ ରନ୍ କରିଥିବା ବ୍ୟାଟର ସାଜିଛନ୍ତି। ରୋହିତ ଶର୍ମା ରୋହିତ ଶର୍ମା ୧୫୭ଟି ମ୍ୟାଚ୍ ଖେଳି ୪୧୬୫ ରନ୍ ସଂଗ୍ରହ କରିଛନ୍ତି। ତାଙ୍କ ପଛକୁ ବାବର ଆଜମ ୧୨୩ଟି ମ୍ୟାଚ୍ ଖେଳି ୪୧୪୫ ରନ୍ ସଂଗ୍ରହ କରିଛନ୍ତି। ସେହିପରି ଏହି ତାଲିକାରେ ବିରାଟ କୋହଲି ୪୧୦୩ ରନ୍ କରି ତୃତୀୟ ସ୍ଥାନରେ ରହିଛନ୍ତି। ଟି-୨୦ ବିଶ୍ୱକପରେ କୌଣସି ଭାରତୀୟ ଅଧିନାୟକ ଲଗାତର ଟି ମ୍ୟାଚ୍ ଜିତିବାରେ ରେକର୍ଡ ବି ରୋହିତଙ୍କ ନାଁରେ ରହିଛି ଏହାପୂର୍ବରୁ ମହେନ୍ଦ୍ର ସିଂହ ଧୋନିଙ୍କ ନାଁରେ ଏହି ରେକର୍ଡ ରହିଥିଲା। ଧୋନି ଲଗାତର ୫ଟି ମ୍ୟାଚ୍ ଜିତି ରେକର୍ଡ ନିଜ ନାଁରେ କରିଥିଲେ।




ସୋମବାର ଅଷ୍ଟ୍ରେଲିଆ ବିପକ୍ଷ ବିଜୟ ପରେ ଆଉ ଏକ ରେକର୍ଡ ନିଜ ନାଁରେ କରିଛନ୍ତି ଅଧିନାୟକ ରୋହିତ ଶର୍ମା। ହେଲେ ଏହି ରେକର୍ଡରେ ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ସହ ସମକକ୍ଷ ଅଛନ୍ତି ରୋହିତ। ଟିମ୍ ଇଣ୍ଡିଆ କ୍ୟାପଟେନ୍ ରୋହିତ ଶର୍ମା ୬୦ ଟି ଟି-୨୦ ମ୍ୟାଚ୍ ଖେଳି ୪୮ଟିରେ ବିଜୟ ହାସଲ କରିଛନ୍ତି। ସେହିପରି ବାବର ଆଜମ୍ ୮୫ଟି ଟି-୨୦ ମ୍ୟାଚ୍ ଖେଳି ୪୮ରେ ବିଜୟ ହାସଲ କରିଛନ୍ତି। ଟି-୨୦ ବିଶ୍ୱକପରେ କୌଣସି ଟିମର ଅଧିନାୟକ ଭାବେ ବ୍ୟକ୍ତିଗତ ସ୍କୋର କରିବାର ରେକର୍ଡ ମଧ୍ୟ ରୋହିତ ନିଜ ନାଁରେ କରିଛନ୍ତି।ହେଲେ ଏଠାରେ ରୋହିତ ୨ୟ ସ୍ଥାନରେ ରହିଛନ୍ତି। ତାଙ୍କ ପୂର୍ବରୁ ୧ ନମ୍ବର ସ୍ଥାନରେ ରହିଛନ୍ତି କ୍ରିସ୍ ଗେଲ୍। ସେ ୨୦୧୦ରେ ଅଧିନାୟକ ଭାବେ ୯୮ ରନ୍‌ରପାରି ଥିବା ବେଳେ ରୋହିତଙ୍କ ରହିଛି ୯୨ ରନର ଇନିଂସ।

ସେହିପରି ଟି-୨୦ ବିଶ୍ୱକପରେ କୌଣସି ଭାରତୀୟ ବ୍ୟାଟରଙ୍କ ବ୍ୟକ୍ତିଗତ ସ୍କୋର ଭାବେ ୨ୟ ସ୍ଥାନରେ ରହିଛନ୍ତି ରୋହିତ ଶର୍ମା। ପୂର୍ବତନ ଭାରତୀୟ କ୍ରିକେଟ ସୁରେଶ ରାଇନା ୨୦୧୦ରେ ୧୦୧ ରନର ପାରି ଖେଳିଥିଲେ। ଆଉ ତାଙ୍କ ପଛକୁ ରୋହିତ ଶର୍ମାଙ୍କ ୯୨ ରନର ପାରି ରହିଛି। ଅନ୍ତର୍ଜାତୀୟ କ୍ରିକେଟରେ ୧୯,୦୦୦ ରନ୍ ପୂରଣ କରିଛନ୍ତି। ରୋହିତ ଶର୍ମା ଏହି ମ୍ୟାଚ୍ ପୂର୍ବରୁ ସେ ଅନ୍ତର୍ଜାତୀୟ କ୍ରିକେଟରେ ମୋଟ୍ ୧୮,୯୧୯ ରନ୍ ସଂଗ୍ରହ କରିସାରିଥିଲେ। ସେ ଟେଷ୍ଟ କ୍ରିକେଟରେ ୪୧୩୭ ରନ୍, ଦିନିକିଆରେ ୧୦,୭୦୯ରନ୍ ଓ ଟି-ଟ୍ୱେଣ୍ଟିରେ ୪୦୭୩ ରନ୍ ସଂଗ୍ରହ କରିଛନ୍ତି।

ଟି-୨୦ ବିଶ୍ୱକପରେ ଇତିହାସରେ ଆଉ ଏକ ରେକର୍ଡ କରିଛନ୍ତି ରୋହିତ ଶର୍ମା। କୌଣସି ଭାରତୀୟ ବ୍ୟାଟର ପକ୍ଷରୁ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାରେ ତୃତୀୟ ସ୍ଥାନରେ ରହିଛନ୍ତି ରୋହିତ ଶର୍ମା। ପ୍ରଥମ ସ୍ଥାନରେ ଯୁବରାଜ ସିଂହ, ୨ୟ ସ୍ଥାନରେ କେଏଲ୍ ରାହୁଲ ଏବଂ ତୃତୀୟ ସ୍ଥାନରେ ରୋହିତ ଶର୍ମା।

ସେହିପରି ଟି-୨୦ କ୍ରିକେଟ୍ରେ ଆଉ ଏକ ରେକର୍ଡ କରିଛନ୍ତି ରୋହିତ ଶର୍ମା। ଟି-୨୦ କ୍ରିକେଟ୍ କୌଣସି ବ୍ୟାଟର ଅଷ୍ଟ୍ରେଲିଆ ବିପକ୍ଷରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାରେ ରୋହିତ ଶର୍ମା ସାଜିଛନ୍ତି ନମ୍ବର ୧। ସେ ମାତ୍ର ୧୯ ବଲରେ ହାସଲ କରିଥିଲେ ଅର୍ଦ୍ଧଶତକ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ